

ଭୌଗୋଳିକ ଅଖଣ୍ଡତା ସହ ସାଲିସ୍ ହେବନି

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


## ସେଲ୍ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ୩% ବୃଦ୍ଧି

ନୂଆଦିଲ୍ଲୀ, ୬।୯: କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ 'ମହାପ୍ରବନ୍ଧକ/ମହାରତ୍ନ' ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ 'ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍' (ସେଲ୍) ନିଜର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ପକ୍ଷରୁ ଡିଏରେ ପ୍ରାୟ ୩ ପ୍ରତିଶତ (୨.୯%) ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ଫଳରେ ସେଲ୍‌ରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଡିଏ ବର୍ତ୍ତମାନର ୫୫.୭ ପ୍ରତିଶତରୁ ବୃଦ୍ଧି ପାଇ ୫୮.୬ ପ୍ରତିଶତରେ ପହଞ୍ଚିଛି।

ଦେଶର ଅନ୍ୟତମ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ସେଲ୍‌ର ଏହି ନିଷ୍ପତ୍ତି ଦ୍ୱାରା ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ସମେତ ବିଭିନ୍ନ ୟୁନିଟ୍‌ରେ କାର୍ଯ୍ୟରତ ପ୍ରାୟ ୫୪, ୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସିଧାସଳଖ ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ଏହି ପ୍ରମୁଖ ସରକାରୀ ଉଦ୍ୟୋଗରେ କେନ୍ଦ୍ର ସରକାରଙ୍କର ସିଧାସଳଖ ୬୫ ପ୍ରତିଶତ ଅଂଶଧନ ରହିଛି।


Vol. 34 | ISSUE 167 ଭାଗ ୩୪ | ସଂଖ୍ୟା ୧୬୭

Monday 7 September 2026 | Page 8 Rs. 5.00

ଭୁବନେଶ୍ୱର ସୋମବାର, ୭ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା







# ଭୁଶୁଡ଼ିଲା ୫ ମହଲା କୋଠା

**୫ ମୃତ**
**୧୧ ଉଦ୍ଧାର**

- ଧ୍ୱଂସାବଶେଷ ତଳେ ୫୦ରୁ ଊର୍ଦ୍ଧ୍ୱ ଫସିଛନ୍ତି
- ବେସ୍‌ମେଣ୍ଟ ମରାମତି ବେଳେ ଅଘଟଣ



ନୂଆଦିଲ୍ଲୀ,୬।୯: ଭୀଷଣ ବର୍ଷା ହେଲା କାଳ। ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ରବିବାର ଏକ ଭୟଙ୍କର ଦୁର୍ଘଟଣା ଘଟିଛି। କଲେଜ ଛାତ୍ରଛାତ୍ରୀ ରହୁଥିବା ଏକ ୫ ମହଲା ବିଶିଷ୍ଟ ପେଇଂ ଗେଷ୍ଟ (ପିଜି) କୋଠା ଭୁଶୁଡ଼ି ପଡ଼ିବାରୁ ଅନ୍ତତଃ ୫ ଜଣଙ୍କର ମୃତ୍ୟୁ ଘଟିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ନିକଟବର୍ତ୍ତୀ ଏହି ଜନବହୁଳ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୧୧ ଜଣଙ୍କୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସଂକଟାପନ୍ନ ଥିବା ଛାତ୍ରମାନଙ୍କୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ର ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଦୁର୍ଘଟଣାସ୍ଥଳକୁ ଲାଗି ରହିଥିବା ପାର୍ଶ୍ୱବର୍ତ୍ତୀ କୋଠାଟିକୁ ଖାଲି କରିଦିଆଯାଇଛି। ତେବେ କୋଠାର ଭଗ୍ନାବଶେଷ ତଳେ ଆହୁରି ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଫସି ରହିଥିବା ଅନୁମାନ କରାଯାଉଛି। ପୃଷ୍ଠା-୬

# ସ୍ୱୟଂଚାଳିତ ଭାବେ କଟିବ ଇ-ଚାଲାଣ



**ପ୍ରଦୂଷଣ ପ୍ରମାଣପତ୍ର ସହ ବୀମା ବାଧ୍ୟତାମୂଳକ**

**ସେପ୍ଟେମ୍ବର ୧ରୁ ଲାଗୁ ହେଲା ନୂଆ ନିୟମ**

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି)କିମ୍ବା ବୀମା ନଥିଲେ ଏବେ ଆଉ ବର୍ତ୍ତି ପାରିବେ ନାହିଁ ଚାଳକ। ରାଜ୍ୟରେ ସେପ୍ଟେମ୍ବର ୧ରୁ ଇ-ଡିଟେକ୍ସନ୍ ସିଷ୍ଟମ୍ କାର୍ଯ୍ୟକାରୀ ହୋଇଛି। ବର୍ତ୍ତମାନ ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି), ଫିଟନେସ୍, ରୋଡ୍ ଟ୍ୟାକ୍ସ ଏବଂ ବୈଧ ବୀମା ନଥିଲେ 'ଇ-ଡିଟେକ୍ସନ' ସିଷ୍ଟମ୍ ସହାୟତାରେ ସ୍ୱୟଂଚାଳିତ ଭାବେ ଗାଡ଼ିଗୁଡ଼ିକୁ ଚିହ୍ନଟ କରାଯିବ। ଦସ୍ତାବିଜ ନଥିଲେ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ହେବ ଚିହ୍ନଟ ଏବଂ ଜାରି ହେବ ଇ-ଚାଲାଣ। ତେଣୁ ଗାଡ଼ି ନେଇ ବାହାରିବା ପୂର୍ବରୁ ପିୟୁସିସି ଓ ବୀମାର ବୈଧତା ଯାଞ୍ଚ କରିନିଅନ୍ତୁ। ଗାଡ଼ି ମାଲିକମାନେ ଅଧିକୃତ ସରକାରୀ ପୋର୍ଟାଲରେ ନିଜ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର, ବୀମା ସମେତ ପୃଷ୍ଠା-୬

'ଅସୁରଗଡ଼' ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ପରିଦର୍ଶନ କଲେ ସାଂସଦ

# ଅସୁରଗଡ଼ ଐତିହ୍ୟର ସୁରକ୍ଷା ଆମ ଦାୟିତ୍ୱ



ବରଗଡ଼,୬।୯(ସଂଚାର ବ୍ୟୁରୋ): ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବରଗଡ଼ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଐତିହ୍ୟ, ଐତିହାସିକ ଓ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଛନ୍ତି। ଶ୍ରୀ ପ୍ରଧାନ ବରପାଲି ନିକଟସ୍ଥ ପ୍ରାୟ ୨୦୦୦ ବର୍ଷର ପ୍ରାଚୀନ 'ଅସୁରଗଡ଼' ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ଦେଖିବା ସହ ଉପସ୍ଥିତ ଜିଲ୍ଲା ପ୍ରଶାସନିକ ଅଧିକାରୀ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସଆଇ) ଅଧିକାରୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଗବେଷକ ଓ ଛାତ୍ରଛାତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ ଖୋଦନରୁ ମିଳିଥିବା ପ୍ରଶସ୍ତ ଐତିହାସିକ ଅବଶେଷ ଓ ପ୍ରାଚୀନ ସଭ୍ୟତାର ପ୍ରମାଣଗୁଡ଼ିକୁ ପ୍ରତ୍ୟକ୍ଷ ନିରୀକ୍ଷଣ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବରପାଲିର ଅନତି ଦୂରରେ ଥିବା ଏହି 'ଅସୁରଗଡ଼' ପ୍ରାୟ ୨ ହଜାର ବର୍ଷରୁ ଊର୍ଦ୍ଧ୍ୱ ପୁରାତନ। ଏହି ପ୍ରାଚୀନସ୍ଥଳୀ ଆମ ସମୃଦ୍ଧ ସଂସ୍କୃତି, କଳା ଓ ସଭ୍ୟତାର ଏକ ଅନନ୍ୟ ଗନ୍ତାଘର। ପ୍ରାଚୀନ ସଭ୍ୟତାରେ ହରପ୍ପା ଓ ମହେଞ୍ଜୋଦାରୋ ଭଳି ଅବିଭକ୍ତ ସମ୍ବଲପୁର ଅଞ୍ଚଳରେ ଅନେକ ଐତିହାସିକ ପ୍ରତ୍ନତାତ୍ତ୍ୱିକ ଧରୋହର ରହିଛି। ଅସୁରଗଡ଼, ଭୀମମଣ୍ଡଳୀ ଭଳି ଅଞ୍ଚଳଗୁଡ଼ିକରେ କାଳଜୟୀ ସଭ୍ୟତାର ଅନେକ ପ୍ରମାଣ ବିଦ୍ୟମାନ। ୨୦୨୨ରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗକୁ ପତ୍ର ଲେଖି ଏହି ସ୍ଥାନର ସର୍ବେକ୍ଷଣ ପାଇଁ ଅନୁରୋଧ କରିଥିଲି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହଯୋଗ ଓ ଏଏସଆଇର ଉଦ୍ୟମରେ ଏଠାରେ ଖୋଦନ କାର୍ଯ୍ୟ କରାଯାଇ ବୈଜ୍ଞାନିକ ପ୍ରମାଣ ସବୁ ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ଏଏସଆଇ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପୃଷ୍ଠା-୬

ସରକାର ରିପିଟ ପାଇଁ ସାଂସଦ-ବିଧାୟକଙ୍କୁ ମନ୍ତ୍ର

# ଅହଂକାର ନକରି ସେବା ଭାବନାରେ କାମ କର



**କଠିନ ପରିଶ୍ରମ କର, ଲୋକଙ୍କ ଆସ୍ଥାଭାଜନ ହୁଅ**

**ଉଭୟ କଂଗ୍ରେସ ଓ ବିଜେଡି ଆଚରଣକୁ ଦୃଢ଼ ନିନ୍ଦା**

**ସୂକ୍ଷ୍ମ, ନିଖୁଣ ଓ ଯୋଜନାବଦ୍ଧ କାର୍ଯ୍ୟ କରିବାକୁ ପରାମର୍ଶ**

**ମୋହନଙ୍କ ନେତୃତ୍ୱରେ ଦଳ ଭଲ କରିବ: ବିଏଲ ସନ୍ତୋଷ**

କଟକ,୬।୯(ସଂଚାର ବ୍ୟୁରୋ): ଆମେ ଏଠାରେ କାହିଁକି ଅଛୁ, ଆମେ ଏଠାରେ କ'ଣ କରୁଛୁ ଓ ଆମେ ଅନ୍ୟମାନଙ୍କଠାରୁ କେତେ ଭିନ୍ନ? ରାଜ୍ୟ କାର୍ଯ୍ୟକାରିଣୀରେ ଏଭଳି କିଛି ପ୍ରଶ୍ନ କରିଛନ୍ତି ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ। ଦଳର ସବୁ ମନ୍ତ୍ରୀ, ସାଂସଦ, ବିଧାୟକ ଓ କାର୍ଯ୍ୟକର୍ତ୍ତାଙ୍କୁ ଏନେଇ ଆତ୍ମସମୀକ୍ଷା କରିବାକୁ କହିଛନ୍ତି ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ। ଅନେକ ଦିନ ପରେ ରାଜ୍ୟରେ ଦଳ ଏକାକୀ ସରକାର ଗଠନ କରିଛି। ଆଗାମୀ ଦିନରେ ସରକାର ଯେମିତି ରିପିଟ କରିବ ଓ ଲମ୍ବା ସମୟ ଧରି ରାଜ୍ୟରେ ବିଜେପି ସରକାର କରିବ, ସେନେଇ ଗୁରୁମନ୍ତ୍ର ଦେଇଛନ୍ତି ଶ୍ରୀ ସନ୍ତୋଷ।

ସେ କହିଛନ୍ତି ଯେ ଯେଉଁଠି ବିଜେପି ସରକାର ଅଛି ସେଠି ଅନେକ ବର୍ଷ ପର୍ଯ୍ୟନ୍ତ ଦଳ ସରକାର ରହିଛି। କିନ୍ତୁ ଏହାକୁ ନେଇ ମନରେ ଅହଙ୍କାର ଆଣ ନାହିଁ, ଆମେ ସାଧାରଣ ଲୋକଙ୍କ ପାଇଁ ସେବା ଭାବନା ରଖି କାମ କରିବା। ବିଧାୟକ, ସାଂସଦ ଓ ମନ୍ତ୍ରୀ ହେଲେ ମଧ୍ୟ ସମସ୍ତଙ୍କର ପ୍ରଥମ କାମ ସେବା। ସମାଜର ତଳ ସ୍ତରରେ ରହୁଥିବା ଲୋକଙ୍କୁ ସାହାଯ୍ୟ କର ଏବଂ ସେମାନଙ୍କ ସୁଖଦୁଃଖରେ ଯୋଡ଼ି ହେବାକୁ ସେ ପରାମର୍ଶ ଦେଇଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ଶ୍ରୀ ସନ୍ତୋଷ। ରାଜ୍ୟର କିଛି ମନ୍ତ୍ରୀଙ୍କ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେଥିରେ ସୁଧାର ଆଣିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସଫଳତା ପାଇଁ ଆଜିଠାରୁ ପୃଷ୍ଠା-୬

ଓଡ଼ିଆ ଉଚ୍ଚାରଣ ଅନୁରୂପ ଇଂରାଜୀ ବନାନର ବ୍ୟବହାର ପାଇଁ ନିର୍ଦ୍ଦେଶ

# ୭ ଦିନରେ ସରକାରୀ କାର୍ଯ୍ୟାଳୟ ସାଇନ ବୋର୍ଡରେ ସଂଶୋଧନ



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡଗୁଡ଼ିକରେ ସଂଶୋଧିତ ପୃଷ୍ଠା-୬

# ବିଷାକ୍ତ ମଦ ପିଇ ୧୨ ମୃତ



- ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ
- ୬ ମଦ ଦୋକାନ ସିଲ୍
- ନମୁନା ସଂଗ୍ରହ ନିର୍ଦ୍ଦେଶ

ସାଗର (ମଧ୍ୟପ୍ରଦେଶ), ୬।୯: ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ୍ୟପାନ କରି ଅନ୍ୟୁନ ୧୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଅସୁସ୍ଥ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ବିଷାକ୍ତ ମଦ ପ୍ରସ୍ତୁତି ଓ ବିକ୍ରିକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ସତର୍କତାମୂଳକ ପଦକ୍ଷେପ ଭାବରେ ଏକାଧିକ ମଦଦୋକାନକୁ ସିଲ୍ କରି ଦିଆଯାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦେବା ସହ ଏହା ପଛରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ସେ ତାଙ୍କର ମନ୍ତ୍ରୀମାନଙ୍କୁ ତୁରନ୍ତ ସାଗର ଜିଲ୍ଲାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟଣ, ନୌରାଜଜ, ଦିଲୋନା, ବାମୁରା, ହିନୌଟି ଆଦି ଅଞ୍ଚଳର ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଘଟଣାରେ ପରେ ଜିଲ୍ଲାରେ ବେଆଇନ୍ ଓ ପୃଷ୍ଠା-୬

ପଲ୍ଲୀବାଣୀ ମିଶନର ଇଣ୍ଡିଆନ ଓ ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡ

# ସାମ୍ବାଦିକତାକୁ ବଞ୍ଚାଇଛି ଗ୍ରାମୀଣ ସାମ୍ବାଦିକତା




**ସାମ୍ବାଦିକତାର ପରିଦୃଶ୍ୟ ବଦଳିଛି: ଆଲୋକ ମେହେଟ୍ଟା**

**ଇଣ୍ଡିଆନ ଜର୍ଣ୍ଣାଲିଜମ ଆୱାର୍ଡ ପାଇଲେ ଅକୁ, ରିଚା ଓ ଆଦିତ୍ୟରାଜ**

**ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡରେ ସମ୍ମାନିତ ହେଲେ ଅଜିତ ଦାଶ, ବିଜୟଲକ୍ଷ୍ମୀ ଓ ଜଳଧର**

ନୂଆଦିଲ୍ଲୀ,୬।୯(ସଂଚାର ବ୍ୟୁରୋ): ଭାରତରେ ଏବେ ସାମ୍ବାଦିକତାର ପରିଦୃଶ୍ୟ ବଦଳିଯାଇଛି, ସମ୍ବାଦପତ୍ର କିମ୍ବା ଟିଭି ଚ୍ୟାନେଲମାନଙ୍କର ସମ୍ବାଦ ପରିବେଷଣରେ ଆଉ ଏକଚାଟିଆ ଆଧିପତ୍ୟ ରହିନାହିଁ। ୟୁଟ୍ୟୁବ, ଫେସବୁକ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପାରମ୍ପରିକ ସମ୍ବାଦର ପରିଭାଷାକୁ ବଦଳାଇବା ସହ ଦ୍ରୁତ ଭାବେ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ଏଣୁ ପୂର୍ବାପେକ୍ଷା ସାମ୍ବାଦିକମାନଙ୍କୁ ଏବେ ଅଧିକ ଚାପଗ୍ରସ୍ତ ଓ ଚ୍ୟାଲେଞ୍ଜ ସହ କାମ କରିବାକୁ ପଡୁଛି। କେବଳ ସେତିକି ନୁହେଁ, ରାଜନୈତିକ ଚାପ ମଧ୍ୟ ଏହି ବୃତ୍ତିକୁ ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ କରିଛି। ତେବେ ଦେଶରେ ପ୍ରକୃତ ସାମ୍ବାଦିକତାକୁ ବଞ୍ଚାଇଛି ଗ୍ରାମୀଣ ସାମ୍ବାଦିକତା। ବିଶିଷ୍ଟ ସାମ୍ବାଦିକ ଓ ଲେଖକ ପଦ୍ମଶ୍ରୀ ଆଲୋକ ମେହେଟ୍ଟା ଇଣ୍ଡିଆନ ଓ ପୃଷ୍ଠା-୬

# ନିଶାମୁକ୍ତ ଦେଶ ରାସ୍ତାରେ ନିଶା କାରବାର କଣ୍ଟା



**ନିଶା ବେପାରୀଙ୍କ ଟାର୍ଗେଟ୍‌ରେ ଜେନ-ଜି'**

**କେନ୍ଦ୍ର ପାଇଁ ପାଲଟିଛି ବଡ଼ ଆହ୍ୱାନ**

**ତିନି ଗୁଣ ବଢ଼ିବ ନିଶାମୁକ୍ତି କେନ୍ଦ୍ର**

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ସରକାର ଚଳାଇଥିବା ନିଶାମୁକ୍ତ ଭାରତ ଅଭିଯାନ ରାସ୍ତାରେ ନିଶା କାରବାର କଣ୍ଟା ସାଜିଛି। ନିଶା ବେପାରୀମାନେ ଯୁବବର୍ଗ ବା ଜେନ-ଜି'ଙ୍କୁ ଟାର୍ଗେଟ କରୁଥିବା ବେଳେ କେନ୍ଦ୍ର ସରକାର ଏବେ ନିଶା ବେପାରୀଙ୍କୁ ସାବାଡ଼ କରିବା ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ଯେଉଁ ପରିମାଣରେ ନିଶା ସାମଗ୍ରୀ ଜବତ ହେଉଛି, ସେଥିରୁ ଆମର ଯୁବପିଢ଼ି କିଭଳି ନିଶା ସେବନ ପାଇଁ ପାଗଳ ହେଉଛନ୍ତି, ତାହା ଜଳ ଜଳ ହୋଇ ଦିଶୁଛି। ଏଥିସହ ଦେଶରେ ଜବତ ହେଉଥିବା ବିପୁଳ ପରିମାଣର ନିଶା ସାମଗ୍ରୀ ସମସ୍ତଙ୍କୁ ଚକିତ କରୁଛି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୦୪ରୁ ୨୦୧୪ ମଧ୍ୟରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ୨୬ ଲକ୍ଷ କିଲୋଗ୍ରାମ ନିଶା ସାମଗ୍ରୀ ଜବତ କରାଯାଇଥିବା ବେଳେ ୨୦୧୪ରୁ ୨୦୨୬ ମଧ୍ୟରେ ଏହି ଜବତ ପରିମାଣ ବୃଦ୍ଧି ପାଇ ୧ ଲକ୍ଷ ୧୯ ହଜାର କିଲୋଗ୍ରାମରୁ ଅଧିକ ହୋଇଛି, ଯାହାର ମୂଲ୍ୟ ପାଖାପାଖି ୧ ଲକ୍ଷ ୮୯ ହଜାର କୋଟି ଟଙ୍କା। ସେହିଭଳି ୨୦୦୪ରୁ ୨୦୧୪ ମଧ୍ୟରେ ୩ ଲକ୍ଷ ୩୬ ହଜାର କିଲୋଗ୍ରାମ ନିଶା ସାମଗ୍ରୀ ନଷ୍ଟ କରାଯାଇଥିବା ବେଳେ ୨୦୧୪ରୁ ୨୦୨୬ ମଧ୍ୟରେ ୪୮ ଲକ୍ଷ ୬୮ ହଜାର କିଲୋଗ୍ରାମ ନିଶା ସାମଗ୍ରୀ ନଷ୍ଟ କରାଯାଇଛି। ନିଶା କାରବାର ଓ ନିଶାଡ଼ିଙ୍କ ସଂଖ୍ୟାକୁ ଦେଖି କେନ୍ଦ୍ର ସରକାର ଏବେ ନିଶା ନିବାରଣ କେନ୍ଦ୍ର ସଂଖ୍ୟା ବଢ଼ାଇବାକୁ ଯୋଜନା କରିଛନ୍ତି। ସାମାଜିକ ନ୍ୟାୟ, ସ୍ୱାସ୍ଥ୍ୟ ବିଭାଗ ଓ ଜେଲ୍ ପ୍ରଶାସନ ମିଳିତ ଭାବେ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ସଂଖ୍ୟାକୁ ତିନି ଗୁଣ ବୃଦ୍ଧି କରି ୧୭୫୧ କରିବାକୁ ଯାଉଛନ୍ତି। ପାଖାପାଖି ୧୦ ହଜାର ସ୍ୱେଚ୍ଛାସେବୀ ଏହି ଅଭିଯାନରେ କାର୍ଯ୍ୟ କରିବେ। ଦକ୍ଷତା ବିକାଶ ପାଇଁ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରତ୍ୟେକ ରାଜ୍ୟରେ ସମ୍ପୂର୍ଣ୍ଣ ସଜ୍ଜିତ ଆଣ୍ଟି-ନାର୍କୋଟିକ୍ସ ଟାସ୍କ ଫୋର୍ସ ସୃଷ୍ଟି କରିବା ପାଇଁ ୭ ପ୍ରତିଶତ କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯିବ। ଗୃହ ମନ୍ତ୍ରଣାଳୟ ୩୦ ଦିନ ମଧ୍ୟରେ ଫରେନସିକ୍ ରିପୋର୍ଟ ପୃଷ୍ଠା-୬

# ପ୍ରକୃତିର ଅନ୍ତରଙ୍ଗ ରୂପକାର



ଡ.ଚନ୍ଦ୍ରକଳା ନାୟକ

ସ୍ୱଭାବ କବି ଗଙ୍ଗାଧର ମେହେର ଆଧୁନିକ ଓଡିଆ ସାହିତ୍ୟର ଆଦିପର୍ବରେ ନିଜର ଲେଖନୀ ଚାଳନା କରି ଓଡିଆ ପ୍ରାଣରେ ଅମୃତୋପଲବ୍ଧ ଆଣି ଦେଇଛନ୍ତି। ତାଙ୍କର କବିତା ଆଜି ନୁହେଁ ବରଂ ଯୁଗ ଯୁଗ ଧରି ଓଡିଆ ସାହିତ୍ୟ ଜଗତକୁ ପୁଷ୍ପିତ ଓ ଫଳପ୍ରଶୁ କରିବା ସହ ଗର୍ବିତ କରୁଥିବ। ସେ ସମୟରେ ପ୍ରତିଷ୍ଠିତ କବି ମାନଙ୍କ ସଂଖ୍ୟା ଥିଲା ବେଶ ସ୍ୱଳ୍ପ ଓ ସୀମିତ। ସେମାନଙ୍କ ମଧ୍ୟରେ ଗଙ୍ଗାଧର ଥିଲେ ଅନ୍ୟତମ ଶ୍ରେଷ୍ଠ କବି। ମଣିଷ ଜୀବନର ବାସ୍ତବତା ଓ ଅଭିଜ୍ଞତା ସହ ପ୍ରକୃତିର ଜୀବନ, ସୌନ୍ଦର୍ଯ୍ୟ, ଅନୁଭବକୁ ଜୀବନ୍ୟାସ ଦେବାର ପ୍ରୟାସରେ ସାଉଁଟୁଥିବା ଶବ୍ଦର ଚମତ୍କାରିତାରେ ତାଙ୍କର ସାହିତ୍ୟ ହେଉଥିଲା କାଳଜୟୀ।

ସ୍ୱଭାବ କବିଙ୍କର ଜୀବନଯାତ୍ରାର ସ୍ୱତନ୍ତ୍ରତା ରହିଛି। ତାଙ୍କ ପାଖରେ ସାହିତ୍ୟ ପାଇଁ ନଥିଲା ଅଭିଜ୍ଞତା। ପ୍ରତିକୂଳ ପରିସ୍ଥିତିରେ ଜୀବନ ଯାତ୍ରାର ସମସ୍ତ ପ୍ରକାର ପ୍ରତିରୋଧକୁ ସାମନା କରିଥିଲେ। ଏହାସତ୍ତ୍ୱେ ସାହିତ୍ୟ ପାଇଁ କେବଳ ନିଜର ପ୍ରଚଣ୍ଡ ଇଛାଶକ୍ତି ଓ କଠିନ ଅଧ୍ୟବସାୟ ନିକଟରେ ଜୀବନର ସବୁ ଜଟିଳତା ହାର ମାନିଥିଲା। ସୁନାକୁ ଯେତେ ନିଆଁରେ ପକାଇ ଆଉଟିଲେ ଏବଂ ପିଟିଲେ ତାହା ଅଧିକ ଉଜ୍ଜ୍ୱଳ ହେବାପରି ଦୁଃଖ ବିରୋଧରେ ତାଙ୍କର ଅନ୍ତରାତ୍ମାର ସଂଘର୍ଷ ପାଇଁ ପ୍ରେରଣା ହିଁ ତାଙ୍କୁ ସ୍ୱାଭାବକବିର ମର୍ଯ୍ୟାଦା ଦେଇଥିଲା। ତାଙ୍କର ସାହିତ୍ୟ ସୃଷ୍ଟିର ପ୍ରେରଣା ଥିଲା ଦୃଢ ଇଛାଶକ୍ତିରୁ ପ୍ରାପ୍ତ ବିଭୁକୃପା। ଏହି ବିଭୁକୃପାରୁ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ବିଶ୍ୱ ଭାବନା, ଜାତୀୟ ପ୍ରୀତି, ପ୍ରକୃତି ପ୍ରତି ଅତୁଟ ମୋହ ଓ ରସଘନ ସାହିତ୍ୟିକ ଅଭିବ୍ୟକ୍ତି। ସମାଲୋଚକ ବୈଷ୍ଣବ ସାମଲଙ୍କ ମତରେ - ପ୍ରାଚୀନ ଭାରତୀୟ ସାଂସ୍କୃତିକ ଆଦର୍ଶକୁ ସେ ନବଯୁଗରେ ରୁଚିର ଅନୁକୂଳ କରି ନୂତନ ଭାବରେ କାବ୍ୟ ରଚନା କରିଛନ୍ତି। ପ୍ରକୃତି କବି ଗଙ୍ଗାଧର ସାହିତ୍ୟର ଏକ ସ୍ୱତନ୍ତ୍ର ଆସନର ଅଧିକାରୀ। ପ୍ରକୃତି ସହ ନିଜର ଗଭୀର ଆନ୍ତରିକ ଭାବ ପ୍ରତିଷ୍ଠା କରି ପ୍ରକୃତିକୁ ଏକ ନୂତନ ରୂପ ପ୍ରଦାନ କରିଛନ୍ତି। ପ୍ରକୃତି ହିଁ କବିଙ୍କର ପ୍ରେରଣାର ଉତ୍ସ। ପ୍ରକୃତି ସହ କବିଙ୍କର ଏକ ନୂତନ ସମ୍ବନ୍ଧ ଗଢି ଉଠିଛି। ମନୁଷ୍ୟ ଓ ଜୀବ ଜଗତ ତିଷ୍ଠି ରହିବା ପାଇଁ ପ୍ରକୃତିର ସ୍ଥିତି ସହ ସମୃଦ୍ଧି ଅତ୍ୟାବଶୀକ। ପ୍ରକୃତିକୁ ବାଦଦେଇ ଜୀବ ଜଗତ ଓ ମାନବ ସମାଜ ଦଣ୍ଡେ ନିମିଷେ ବଞ୍ଚିବା ଅସମ୍ଭବ। ଜୀବନର ଆନନ୍ଦ - ଯନ୍ତ୍ରଣା, ପ୍ରେମ - ବିରହ ପରି ପ୍ରତ୍ୟେକ ଅନୁଭବରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରକୃତିର ଉପସ୍ଥିତି ରହିଥାଏ। ଝରଣାର କୁଳୁକୁଳୁ ନାଦ, କୋଇଲିରମଧୁର ସ୍ୱର, ବନଲତାର ନୀଳ ସବୁଜିମା ଓ ମୃଦୁ ମଳୟ ଆଦି ମଣିଷକୁ ଅପାର ଆନନ୍ଦ ପ୍ରଦାନ କରେ। ଶାନ୍ତିର ନିଶ୍ୱାସଟିକେ ତ ପ୍ରକୃତିରୁ ହିଁ ମିଳିଥାଏ। ବାସ୍ତବରେ ପ୍ରକୃତି ବିନା ମଣିଷ ଜୀବନର ଗତି ପରିକଳ୍ପନା କରାଯାଇ ନପାରେ। ଏହାକୁ ସ୍ୱଭାବ କବି ନିବିଡ ଭାବେ ବୁଝିଥିଲେ।

ସେଥିପାଇଁ ସ୍ୱଭାବକବିଙ୍କ କାବ୍ୟରେ ପ୍ରକୃତି ସର୍ବଦା ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟମୟ। କେତେବେଳେ ଶାନ୍ତ, ସୁନ୍ଦର, ଆନନ୍ଦମୟ ତ ପୁଣି କେତେବେଳେ ଅଶାନ୍ତ, ରୌଦ୍ର ଓ ପ୍ରଚଣ୍ଡ ହୋଇ ଉଠିଛି। "ଅପାର କାବ୍ୟ ସଂସାରରେ କବି ରେବ ପ୍ରଜାପତି"। ଏହି ଦୃଷ୍ଟି ହିଁ କବିଙ୍କୁ ଦ୍ୱିତୀୟ ବ୍ରହ୍ମାରେ ପରିଣତ କରେ। ଗଙ୍ଗାଧରଙ୍କ ଦୃଷ୍ଟିରେ ମାଧୁର୍ଯ୍ୟ ମଣ୍ଡିତ ପ୍ରକୃତି ସୁନ୍ଦରୀ ଅପରୂପ ବ୍ୟକ୍ତିତ୍ୱର ଅଧିକାରିଣୀ। ଆଧୁନିକ ଯୁଗରେ ଗଙ୍ଗାଧର ଏକମାତ୍ର କବି ଯିଏ, ପ୍ରକୃତି ମଧ୍ୟରେ ବ୍ୟକ୍ତିତ୍ୱମୟୀ ରୂପ ସନ୍ଦର୍ଶନ କରିଥିଲେ।

ଗଙ୍ଗାଧର ମେହେରଙ୍କସାହିତ୍ୟରେ ପ୍ରକୃତି କେବଳ ସହଯୋଗୀ ଉପାଦାନ ହୋଇ ପାରିଲା ନାହିଁ ପ୍ରକୃତି ତାର ସ୍ୱାଧୀନ ସ୍ଥିତି ପାଇଲା। ମାନବୀୟ ଗୁଣରେ ଭୂଷିତ ହୋଇ ସେ ହୋଇଗଲେ ଜୀବନ୍ତ। ସଂସ୍କୃତ ସାହିତ୍ୟରେ ପାଣ୍ଡିତ୍ୟ ତାଙ୍କୁ ସଂସ୍କୃତ କବି କାଳିଦାସଙ୍କୁ ଅନୁକରଣ କରିବାକୁ ଅଧିକ ଉତ୍ସାହିତ କରିଥିଲା। କାଳିଦାସୀୟ ଶୈଳୀରେ ସ୍ପଷ୍ଟ ପ୍ରତିଫଳନ ତାଙ୍କ ପ୍ରକୃତି ଚିତ୍ରରେ ଦେଖିବାକୁ ମିଳିଥିଲା। କାଳିଦାସୀୟ ପ୍ରକୃତି ଚିତ୍ରଣକୁ ଅନୁସରଣ କରି କବି ଗଙ୍ଗାଧର ନିଜର କବିତାକୁ ଯେଭଳି ସମ୍ବେଦନଶୀଳ କରାଇଛନ୍ତି, ତାହା ଓଡିଆ ସାହିତ୍ୟର ବିରଳ। ନିର୍ବାସୀତା ସୀତାଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସମଗ୍ର ବନଭୂମି କାନ୍ଦି ଉଠିଛି। ଯାହା କାଳିଦାସଙ୍କ ବର୍ଣ୍ଣନାରେ ଜୀବନ୍ତ ଭାବେ ପ୍ରକାଶ ପାଇଛି। ତାହା ମଧ୍ୟ ସ୍ୱାଭବକବିଙ୍କ ତପସ୍ୱିନୀ କାବ୍ୟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି। କବି ଗଙ୍ଗାଧରଙ୍କ କାବ୍ୟରେ ମୟୁର ମାନେ ଦୁଃଖରେ ନୃତ୍ୟ ତ୍ୟାଗ କରୁଛନ୍ତି। ବୃକ୍ଷମାନେ ପୁଷ୍ପ ବର୍ଷା ଛଳରେ ଅଶ୍ରୁମୋଚନ କରୁଛନ୍ତି। କେବଳ ତପସ୍ୱିନୀ ନୁହେଁ ଗଙ୍ଗାଧରଙ୍କ ସମସ୍ତ କାବ୍ୟର ଛତ୍ରେ ଛତ୍ରେ କାଳିଦାସୀୟ ପ୍ରଭାବ ଅନୁଭୂତ ହୋଇଥାଏ।

ଗଙ୍ଗାଧରଙ୍କ ପ୍ରକୃତିଧର୍ମୀ କାବ୍ୟ କେବଳ ପ୍ରକୃତି ପାଇଁ ରଚିତ ନୁହେଁ। ବରଂ କବିଙ୍କ ଲେଖନୀରେ ଅମୃତମୟ ସ୍ପର୍ଶରେ ପ୍ରକୃତି ମାନବୀୟ ଗୁଣ ବହନ କରି ଏକ ସମ୍ବେଦନଶୀଳ ଚରିତ୍ର ଭାବେ ଆତ୍ମପ୍ରକାଶ କରିଛି। ମଣିଷର ସୁଖ, ଦୁଃଖ, ଚିନ୍ତା ଓ ଚେତନାରେ ନିଜକୁ ସମଭାଗୀ କରିଛି। ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଏକ ଉପାଦାନ ନୁହେଁ ବରଂ ନିଜକୁ ବିରାଟ ସଂସାରରେ ଏକ ଉପାଦାନ ଭାବେ ସ୍ୱୀକାର କରିଛନ୍ତି। କବି ଲେଖିଛନ୍ତି-

କ୍ରମେ ବୃଦ୍ଧ ହେଲା ଶିଶିର ଶରୀର
ହୋଇଗଲା ବଳହୀନ
ଶଶିକଳା ମତ ବଢ଼ିଲା ବସନ୍ତ
ନରମେ ହେଲା ପ୍ରବୀଣ।

ପ୍ରକୃତିର ଏପରି ମାନବୀୟ ଅଭିନୟ କେବଳ ଐଶ୍ୱରିକ ପ୍ରତିଭା ଯୋଗୁଁ ହିଁ ସମ୍ଭବ ହୋଇଛି। ପ୍ରଭାତ ସତୀ ସୀତାଙ୍କୁ ଦର୍ଶନ ନିମନ୍ତେ ଶିଶିର ମୁକ୍ତା ଉପହାର ନେଇ ଉଭା ହୁଏ। ଶାରିକା ହୁଳହୁଳି ପକାଏ। ଦିବଙ୍ଗନା ମାନେ ନୂତନ ବସ୍ତ୍ରରେ ନିଜକୁ ବିମଣ୍ଡିତ କରାନ୍ତି। କପୋତ କଣ୍ଠରେ ଶୁଭେ ବିଳାପର ରାଗିଣୀ। ସମୀର ଦୂତ କାର୍ଯ୍ୟ କରି ବୋହିଆଣେ ସୁରଭିର ସୁଗନ୍ଧିତ ସୁବାଷ। ଏହିପରି ପ୍ରକୃତିର ଚଳଚଞ୍ଚଳମୟ ଜୀବନ୍ତ ସଂସାର ମଧ୍ୟରେ ଗଙ୍ଗାଧର ବର୍ଣ୍ଣନା ଶୈଳୀଟି ବେଶ ସ୍ୱତନ୍ତ୍ରତା ବଜାୟ ରଖିଛି। ଯେପରି କବି ଲେଖିଛନ୍ତି-

ମଙ୍ଗଳେ ଅଇଲା ଉଷା, ବିକଚ-ରାଜୀବ-ଦୃଶା, ଜାନକୀ-ଦର୍ଶନ-ତୃଷା, ହୃଦୟେ ବହି,
କର-ପଲ୍ଲବେ ନୀହାର-ମୁକ୍ତା ଧରି ଉପହାର, ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି।
କଳକଣ୍ଠ-କଣ୍ଠେ କହିଲା,
ଦରଶନ ଦିଅ ସତି! ରାତି ପାହିଲା।। ୧।।

ମନୁଷ୍ୟ ସହ ସମ୍ବନ୍ଧ ସ୍ଥାପନ ହିଁ କବିଙ୍କ ପ୍ରକୃତିର ଏକ ବିରାଟ ଦିଗ। ରାମ, ସୀତା, କୀଚକ. ଦ୍ରୌପଦୀ ଆଦି ଚରିତ୍ର ପରି ଆମେ ଏଠାରେ ପ୍ରକୃତିକୁ ମଧ୍ୟ ଏକ ଚରିତ୍ର ରୂପେ ପାଇଥାଏ। ପ୍ରକୃତି ମନୁଷ୍ୟ ପରି ସର୍ବଦା ପ୍ରତିକ୍ରିୟାଶୀଳ।ସେଥିପାଇଁ ତପୋବନରେ ଶାନ୍ତ ପ୍ରକୃତି ଶକୁନ୍ତଳାଙ୍କ ପତି ଗୃହକୁ ଗମନ କାଳରେ ସମବେଦନା ଜଣାଇଛି। ଯେପରି କବି ଲେଖିଛନ୍ତି-

କେତେକ ଶିଶିର ଛଳେ କେତେଅବା
କୁସୁମ କଷଣ ଛଳେ
ଶକୁନ୍ତଳା କର ସ୍ମରଣ ମାତ୍ରକେ
ଲୋତକ ମୋଚନ କଲେ।

ସେହିପରି ଶକୁନ୍ତଳା ପତିଗୃହକୁ ଗମନ କରିବା ସମୟରେ ମାନବୀୟ ବିଧିକୁ ଭୁଲି ନାହାନ୍ତି କବିଙ୍କ କବିତା। କବିଙ୍କ ଭାଷାରେ-

କୁହୁ କୁହୁ ସ୍ୱନେ ମଧୁର ଭାଷିଲା
କୋକିଳ ବନ ବାନ୍ଧବ
ଶୁଭ ଗମନରେ ବନଦେବୀ ଯେହ୍ନେ
କଲେ ହୁଳହୁଳି ରାବ।

ସତୀ ସୀତାଙ୍କ ନିର୍ବାସିତା ହେବା ଦୁଃଖରେପ୍ରକୃତି ସମବେଦନା ଜଣାଇବା ସହ ନିୟତି ବିରୋଧରେ ମୁହାଁମୁହିଁ ସଂଘର୍ଷ କରିବାକୁ ପଛାଇ ନାହିଁ। ଯେପରି-

"କରିବାକୁ ନିୟତିର ସହିତ ସମର
ଭୃଣରାଜ ଖଡ୍‌ଗ- କରେ ଗର୍ଜିଲା ପ୍ରଖର
ବାୟାବସା ତୃଣୀରକୁ ଝାଡି ବାରମ୍ବାର
ପଙ୍କ କଙ୍କ ପତ୍ର କଲ କି ଅବା ବାହାର"।

ସ୍ୱଭାବ କବିଙ୍କ ଲେଖନୀରେ ପ୍ରକୃତି କେତେବେଳେ ସଖୀ, ଧାତ୍ରୀ, ମାତା, ଗୁରୁ, ବନ୍ଧୁ, ସହୋଦର ରୂପେ ବିଭିନ୍ନ ସମୟରେ ମନୁଷ୍ୟର ସୁଖ ଦୁଃଖ, ହସ ବିଷାଦରେ ସମ୍ବେଦନଶୀଳ ହୋଇ ଆତ୍ମୀୟତା ପ୍ରକାଶ କରିଛି। ମନୁଷ୍ୟ ସହ ପ୍ରକୃତି ଏପରି ଏକାକାର ହୋଇ ଉଠିଛି, ଯେମିତି ମନୁଷ୍ୟ ସହିତ ସୁଖରେ ହସିଛି ଓ ଦୁଃଖରେ ଅଶ୍ରୁ ନିଗାଡିଛି। ଆବଶ୍ୟକ ସ୍ଥଳେ ଗଙ୍ଗାଧରଙ୍କ ପ୍ରକୃତି ମନୁଷ୍ୟକୁ ସମବେଦନା ଜ୍ଞାପନ କରି ଆଶ୍ୱାସନା ପ୍ରଦାନ କରି ତାକୁ ଉତ୍ସାହିତ ମଧ୍ୟ କରିଛି। ଗଙ୍ଗାଧରଙ୍କ ପ୍ରକୃତି ମାନବକୁ ଏକ ନୂତନ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ କରିଛି। ଗଙ୍ଗାଧରଙ୍କ ପ୍ରକୃତି ସତ୍ତ୍ୱ-ରଜ-ତମ ଗୁଣରେ ମଣ୍ଡିତ ହୋଇ ବିବିଧ ରୂପରେ ବର୍ଣ୍ଣିତ ହେଲେ ମଧ୍ୟ ନିଜର ଅତୀତ ଆଦର୍ଶକୁ ଜାବୋଡି ଧରିନାହିଁ। ପାପୀ, ଉଦ୍ଧତଙ୍କର ବିନାଶ ପରେ ବିରାଟ ଦେଶକୁ ଉଷାର କିରଣ ଆସିବାକୁ କବି ଲେଖିଛନ୍ତି-

ଆଇଲା ଉଷା ଯୋଷିତ, କୁସୁମେ ହୋଇ ଭୂଷିତ
ଭ୍ରମର ଅଞ୍ଜନାମୃତ ପଦ୍ମନୟନା
ବିହଙ୍ଗସ୍ୱନ କିଙ୍କିଣ, ନିକୂଳିଲା କଣି କିଣି
ଜୀବଚିତ୍ତ ନେଲା କିଣି କୁନ୍ଦ ଦଶନା
ଅରୁଣ ଚରଣ ସୁନ୍ଦର
ପ୍ରଭାତୀ ତାରକା ମଥାମଣି ଭାସ୍କର।

ଏଠାରେ ଉଷା ଏକ ନାରୀ। ପାପୀ କିଚକର ମୃତ୍ୟୁରେ ଶାନ୍ତି ଲାଭ କରି ପ୍ରକୃତି ତୃପ୍ତ ହୋଇଛି। ପାପକର୍ମ ଓ ନୀତିହୀନ କାର୍ଯ୍ୟ ପାଇଁ ପ୍ରକୃତି ଏଠି କ୍ରୂର ଓ ନିର୍ମମ ହୋଇଛି। ସେହିପରି ତପସ୍ୱିନୀ କାବ୍ୟରେ ସତୀଙ୍କ ଦର୍ଶନ ନିମନ୍ତେ ଉଷା ଯୋଗେଶ୍ୱରୀ ରୂପରେ ବିରାଜିତା ହୋଇଛି। ଯେପରି-

ଅରୁଣ କଷାୟ ବାସ କୁସୁମ କାନ୍ତି ବିକାଶ
ପ୍ରଶାନ୍ତ ରୂପ ବିଶ୍ୱାସ ଦିଅନ୍ତି ମନେ
ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦଃଖରାଶି ଉପଶମନେ
ଦେବା ପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ।

କବି ଗଙ୍ଗାଧରଙ୍କ ଅର୍ଘ୍ୟଥାଳୀରେ ବିଶ୍ୱ ହୋଇ ଉଠିଛି ତାଙ୍କ ନିକଟରେ ଅମୃତମୟ। ଜୀବନକୁ ସେ ଅମୃତ ସାଗରର ବିନ୍ଦୁ ରୂପେ କଳନା କରିଛନ୍ତି। ଫୁଲର ମହକ, ସୁବାସିତ ସୁଗନ୍ଧ, ଶିଶୁର ହସ, ଆଲୋକ ଓ ଚନ୍ଦ୍ରର ସ୍ନିଗ୍ଧତା ପରି ପୃଥିବୀର ପ୍ରତିଟି ବିନ୍ଦୁରେ କବି ଅମୃତର ସନ୍ଧାନ ପାଇଛନ୍ତି। କବିଙ୍କର ମଧୁମୟ କବିତାରେ ମଧ୍ୟ ପ୍ରକୃତିର ଅମୃତ ଝରଣା ମଧୁର ହୋଇ ଉଠିଛି। କବି ଦେଖିଛନ୍ତି ବିଶ୍ୱର ମଧୁମୟ ରୂପଶ୍ରୀ, ଜୀବନ ତାଙ୍କ ନିକଟରେ ଗିରିଲତା, ଆଲୋକ ସବୁକିଛି ମଧୁଭରା। ସର୍ବତ୍ର ମଧୁମୟର ସଙ୍କେତ। ପ୍ରକୃତିର ଏକ ଅନ୍ତରଙ୍ଗ ରୂପ ଚିତ୍ରଣରେ କବି ଗଙ୍ଗାଧର ଥିଲେ ସିଦ୍ଧହସ୍ତ। କବି ଗଙ୍ଗାଧରଙ୍କ ସମ୍ପର୍କରେ କବିବର ରାଧାନାଥ ଲେଖିଥିଲେ " ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି। କି ବହିଃ ପ୍ରକୃତି, କି ଅନ୍ତଃ ପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ। ସ୍ୱଭାବ କବି ଯାହା ଲେଖନ୍ତି ତାହା କେବଳ ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି। ରସୋତୀର୍ଣ୍ଣ ବର୍ଣ୍ଣନାଭଙ୍ଗୀ ମାଧ୍ୟମରେ, ଯେଣୁ ପ୍ରକୃତିପ୍ରୀତି ତାଙ୍କର ସହଜାତ। ଏହି ପ୍ରକୃତି ହିଁ ତାଙ୍କ ଲେଖନୀକୁ ଜ୍ୟୋତିର୍ମୟ, ଚିରଭାସ୍ୱର କରିପାରିଛି। କବିଙ୍କର ପ୍ରକୃତିପ୍ରୀତି ଅସୀମ, ତାହା ପୁଣି ନିଷ୍କାମ। ପ୍ରକୃତି ସହ ଆନ୍ତରିକତା ହିଁ ତାଙ୍କ ଲେଖନୀର ମୂଳ ଉତ୍ସ। ପ୍ରକୃତିରେ ଅଛି କେବଳ ହୃଦୟର ନିବିଡତା, ନିଷ୍କାମତା ଓ ସରଳତା। ସ୍ୱଭାବକବିଙ୍କ ପ୍ରକୃତିର ସ୍ୱତନ୍ତ୍ର ବର୍ଣ୍ଣନାଚିରଦିନ ପାଇଁ ଓଡିଆ ସାହିତ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ କରି ରଖିବ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



## ଗୁରୁ ଶ୍ରେଷ୍ଠ

ଡ.ଚନ୍ଦ୍ରକଳା ନାୟକ

ଗୁରୁ ତୁମେ ଜ୍ଞାନର ଅସୀମ ସାଗର
ତୁମେ ହିଁ ତ ଆଲୋକର ଗନ୍ତାଘର
ଅନ୍ଧକାରରେ ତୁମେ ଭରିଦିଅ ଜ୍ୟୋତି
ଜୀବନକୁ ଶିଖାଇ ଦିଅ ଶାନ୍ତି ଆଉ ମୁକ୍ତି।
ମାଆ ଠାରୁ ପାଇଥିଲି ଜୀବନ ଦାନ
ତୁମ ଠାରୁ ପାଇଗଲି ଅମାପ ଜ୍ଞାନ
ତୁମରି ଶିକ୍ଷାରେ ଗଢି ତୋଳେ ମୋ ଜୀବନ
ସଫଳତା ଛୁଇଁଯାଏ ଦିନକୁ ଦିନ।
ତୁମେ ଏକମାତ୍ର ଏ ପୃଥିବୀର ଦୀପଶିଖା
ଯିଏ ଦେଖାଏ ମଣିଷକୁ ସଠିକ୍ ରାସ୍ତା
ତାଙ୍କ କଥାକୁ କାନିରେ ପାରିଲେ ବାନ୍ଧି
ଏ ଜଗତରେ ହେବ ସର୍ବକାର୍ଯ୍ୟ ସିଦ୍ଧି।
କଳାପଟାରେ ଲେଖାନ୍ତି ଅକ୍ଷର
ଶିଖାନ୍ତି ଶୃଙ୍ଖଳା, ମାନ ଜୀବନର
ତାଙ୍କ ଆର୍ଶୀବାଦେ ମିଳେ ନୂଆ ଜନମ
ଗଢିଉଠେ ଭବିଷ୍ୟତ ଅତି ସର୍ବୋତ୍ତମ।
ମୂଲ୍ୟହୀନ ପଥରଟେ ଥିଲୁ ଆମେ ଦିନେ
ମୂର୍ତ୍ତିକରି ଗଢେ ଗୁରୁ ଏହି ଧାମେ
ତୁମ୍ଭ ଆକଟ ଓ ଛାଟ ଦେଖାଏ ତ ବାଟ
ସମାଜ ଆଖିରେ ଆଜି ଆମେ ତ ଶିକ୍ଷିତ।
ତୁଚ୍ଛା ତୁଠ ପଥରଟାକୁ କଲ ଦିବ୍ୟ ମୂର୍ତ୍ତି
ଗୁରୁ ତୁମ ପାଇଁ ଆମେ ଲଭିଲୁ ସୁଖ୍ୟାତି
ଗୁରୁ ତୁମେ ଆମ ପାଇଁ ଶାନ୍ତି ଓ ସମୃଦ୍ଧି
ତୁମ ମାର୍ଗ ଓ ଶିକ୍ଷା ଆମକୁ ଦେବ ମୁକତି।

ସ୍ନେହ ପ୍ରେମ ଦେଇ ଅଛ ଜନ୍ମଦାତା ସମ
ଗଗନ ସଦୃଶ ତୁମ ବିଶାଳ ହୃଦୟ
ତୁମ ପାଦପଦ୍ମ ଘେନ ମୋହର ପ୍ରଣାମ
ଆଶିଷ କରୁଣା ବହୁଥାଉ ନିର୍ଝରଣୀ ସମ।
ଅଥଳ ସାଗର ଗରଭେ ଯେସନେ ଲହରୀ
ଅସୁମାରୀ ଶୋଭାପାଏ ଦିବା ନିଶି
ମୋହ ହୃଦୟରେ ଗୁରୁ ପୂଜା ପାଅ ସଦା
ଏ ପବିତ୍ର ବନ୍ଧନରେ ରହିଥିବା ହସି ହସି।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭





## ଆଉ ଜଣେ ଭୀମଦାସ୍

ଶୁଭେନ୍ଦୁ ମେହେର

ଭୀମଦାସ୍
ଯେଉଁଦିନ ଜନ୍ମ ହେଲା,
ସେ'ଦିନ ପାହାଡ଼ ତଳ ଗାଁରେ
ଅଙ୍ଗ୍ରା ବର୍ଷା ହେଉଥିଲା !

ଲୋକେ କହିଲେ,
ଇ ପିଲା ଅଲକ୍ଷଣା ଟା
ତଥାପି............
ତା'ର୍ ନାଁ ଦିଆହେଲା ଭୀମ....ଭୀମଦାସ୍ !
ମା' କହିଲା...........
ଯିଏ ନିଆଁରେ ଜନ୍ମ ହୁଏ....ସେ' ହିଁ ଭୀମ..... ।

ତା'ର୍ ବୟସ ଦଶ୍ ହେଲାକୁ
ଧୁମ୍ ନିଦାଘ ଆଇଲା,
କୂଅ ପୋଖରୀ ଶୁଖିଗଲା,
ପାହାଡ଼ର ଝରଣା ସବୁ ଅଟ୍‌କିଗଲା,
ମୁଂଦିଏ ପାଣି ମିଳିଲା ନାଇଁ !
ଗାଁ ଲୋକ ଟୁପୁର୍ ଫୁସୁର୍ ହେଲେ,
ପାହାଡ଼ ଦେବ୍‌ତା ରାଗିଛନ୍ତି,
ଆଉ ଗୋଟେ ବଳି ଦର୍‌କାର୍ ।
ଭୀମ ପଚାରିଲା.......
ଦେବ୍‌ତା ଯେବେ ପାଣି ଦବ,
ତେବେ ଯାଇ କ'ଣ ଆମେ ପିଇବୁ ?

ଭୀମ ସେ'ଦିନ ପହିଲା କରି
ଗୋଡ଼ ଉଠାଇଲା..........ପାହାଡ଼ ଚଢ଼ିଲା,
ଅନେକ୍ ଦିନ ଖୁଜିବା ପରେ
ଝରଣା ପାଇଲା,
ହେଲେ ପାଣି ପିଇଲା ନାଇଁ !
କୋଦାଳ ଧରି
ପାହାଡ଼ ଛାତିକୁ ଖୁଳିବା ଆରମ୍ଭ କଲା ।
ପଥର ତା'ର ହାତକୁ କାଟିଲା !
ଖରା ତା'ର ପିଠିକୁ ପୁଡ଼ିଲା !!
ବର୍ଷା ତା'ର ଦିହକୁ ଭିଜାଇଲା !!!
ତଥାପି ଅଟ୍‌କି ଯାଇନି ଭୀମଦାସ୍
ସେ' କହୁଥିଲା,
ଯଦି ଦେବ୍‌ତା ପାଣି ଦେବନାଇଁ,
ମୁଁ ପାହାଡ଼ ଚିରି ପାଣି ବାହାର୍ କରିବି ।
ସାତ୍ ବର୍ଷର ସଂଗ୍ରାମ୍
ସାତ୍ ବର୍ଷର ଅଗ୍ନି ବର୍ଷା !
ଭୀମ ଏକ୍‌ଲା ଲଢୁଥିଲା ପାହାଡ଼ ସାଙ୍ଗ୍‌ରେ
ଗାଁ ଲୋକ କହିଲେ............

ସେ' ଦେବ୍‌ତାଙ୍କୁ ଅପମାନ୍ କରୁଛି
ତା'ର୍ ଉପ୍‌ରେ ଅଭିଶାପ୍ ପଡ଼ିବ
ଭୀମ ହସି ହସି କହିଲା...........
ଅଭିଶାପକୁ ମୁଁ ପିଇ ସାରିଛି,
ଏବେ କେବଳ ପାଣି ପିଇବା ବାକି ଅଛି ।
ଗୁର୍‌ଦୁ ବର୍ଷ ପରେ ପାହାଡ଼ ଫାଟିଲା
ଝର୍‌ଣା ଆଉ କୁଳୁକୁଳୁ ହୋଇ ନାଇଁ,
ନଈ ହୋଇ ତଳ୍‌କୁ ତଳ୍‌କୁ ଖେପିଲା,
ଗାଁକୁ ଭସାଇ ନେଲା ନାଇଁ,
ଭର୍‌ଷା ଦେଲା ।

ଭୀମ ତଳ୍‌କୁ ଉତୁରିଲା ବେଳକୁ
ତା'ର୍ ଦିହ ପଥର ହୋଇଯାଇଥିଲା,
ହାତ କାଠୁଆ ପଡ଼ିଯାଇଥିଲା,
ଖାନ୍ଦ ବଧିରା ହୋଇଯାଇଥିଲା,
ଆଖିରେ କିନ୍ତୁ ପାହାଡ଼ ଭଳି ଜିଦ୍ !
ଲୋକେ ମୁଣ୍ଡ ନୁଆଁଇଲେ,
ଦେବ୍‌ତା ଭଳି ସମ୍ମାନ କଲେ,
ଭୀମ କହିଲା......

ମୁଁ ଦେବ୍‌ତା ନୁହେଁ......ତୁମ ପରି ମଣିଷ !
ଫରକ୍ ଖାଲି ଏତ୍‌କି ଯେ,
ତୁମେ ପାହାଡ଼କୁ ଡରିଲ, ମୁଁ ତା' ସହ ଯୁଝିଲି,
ଆଜିଠୁ ପୂଜା ପାଠ ବନ୍ଦ୍, କୋଦାଳ ଧର ।
ଈଶ୍ୱର ଏବେ ଛୁଟିରେ ଗଲେଣି,
ଏବେ ନିଜ ଭାଗ୍ୟ ନିଜେ ଖୁଳିବାକୁ ପଡ଼ିବ ।
ଭୀମଦାସ୍ ଆଜି ନାଇଁ
ତଥାପି ପାହାଡ଼ ତଳ ଗାଁରେ

କେହି ପାହାଡ଼କୁ ମୁଣ୍ଡିଆ ମାରେ ନାଇଁ
ସବୁ ଘରେ ଗୋଟିଏ କୋଦାଳ ଅଛି !
ଆଉ ସବୁ ପିଲା ଜନ୍ମ ହେଲେ.......
ତା'ର୍ କାନରେ ଗୋଟିଏ ମନ୍ତ୍ର କୁହନ୍ତି,
ଭୀମ ହୋଇ ବଞ୍ଚ,
ପାହାଡ଼ ହୋଇ ନୁହେଁ ।
ପାହାଡ଼ ଭାଙ୍ଗିଯାଏ,
କିନ୍ତୁ ଭୀମଦାସ୍ ଭାଙ୍ଗେ ନାଇଁ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪



## ହେ ଗୁରୁ ତୁମେ ମଙ୍ଗଳମୟ

କବି ଭାରତୀ
ବାସନ୍ତୀ ଲତା ଜେନା

ହେ ଗୁରୁ ତୁମେ ମଙ୍ଗଳ ମୟ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଜ୍ଞାନର ପ୍ରଦୀପ ଜାଳି ଦିଅ ତୁମେ
ଅଜ୍ଞାନତା କର ଦୂର ( ଘୋଷା )
ଗୁରୁ ହିଁ ସାକ୍ଷାତ ପରମ ଈଶ୍ୱର
ପରଂ ବ୍ରହ୍ମ ଦିବ୍ୟ ଜ୍ୟୋତି
ବିଦ୍ୟା ବୁଦ୍ଧି ଜ୍ଞାନ ସତ୍ୟ ଦୟା କ୍ଷମା
କରୁଣା ଶିଖାଅ ନିତି
ଧର୍ମ ଅଧର୍ମର ପରଖ ଶିଖାଅ
ଗୁରୁ ଗୋବିନ୍ଦ ରୂପର
ହେ ଗୁରୁ ତୁମେ......... ।୧।
ପିତା ମାତା ଗୁରୁ ଶିକ୍ଷା ଦାତା ଗୁରୁ
ଦୀକ୍ଷା ଗୁରୁ ହୋଇ ଥାନ୍ତି
ଭଲ ମନ୍ଦ କଥା ଈଶ୍ୱର ବିଶ୍ୱାସ
ହୃଦୟେ ଭରି ଦିଅନ୍ତି
କର୍ମ ବଚନରେ ନମ୍ର ସୁଶୀଳତା
ଝରାନ୍ତି ଆଶିଷ ଝର
ହେ ଗୁରୁ ତୁମେ...... ।୨।
କଞ୍ଚା କାଦୁଅକୁ ରୂପ ଦେଇ ଥାନ୍ତି
ସୁଚରିତ୍ର ଗଠନର
ପର ଉପକାର ନିଃସ୍ୱାର୍ଥର ସେବା
ପ୍ରଗତି କର ଦେଶର
ସେଇ ଗୁରୁ ପାଦେ ଭକ୍ତି ନଇବେଦ୍ୟ
ଘେନ ଦ୍ୱିତୀୟ ଈଶ୍ୱର
ହେ ଗୁରୁ ତୁମେ...... ।୩।

ଗାନ୍ଧୀନଗର, ନବରଙ୍ଗପୁର

# ସମୟର ଛାୟାଚିତ୍ରରେ ସନ୍ତୁଳିତ ଜୀବନ






ଡକ୍ଟର ଲକ୍ଷ୍ମଣ ସାହୁ

ଏଦୁନିଆରେ ରୋଜଗାର ନକରି ବଞ୍ଚିବା ଅତ୍ୟନ୍ତ କଷ୍ଟକର। ଅନେକ ଲୋକଙ୍କ ପାଇଁ କେବଳ ଜୀବିକା ନିର୍ବାହ ପାଇଁ କାମ କରିବା ଜରୁରୀ। କିନ୍ତୁ କାମ ପ୍ରତି ଏହି ନିଶା ମହତ୍ତ୍ୱାକାଂକ୍ଷାରୁ ଆରମ୍ଭ ହୁଏ। ପ୍ରାରମ୍ଭରେ ଏହା ମନେହୁଏ କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ତେଣୁ ଏହାକୁ କଦାପି ଅସ୍ୱାଭାବିକ ଆଚରଣ ଭାବେ ଦେଖାଯାଏ ନାହିଁ। ପ୍ରତ୍ୟେକ ବଡ଼ ସଫଳତା ପାଇଁ ପ୍ରଚୁର କଠିନ ପରିଶ୍ରମ ଆବଶ୍ୟକ। ତେଣୁ ସାମାଜିକ ଭାବରେ କଠିନ ପରିଶ୍ରମ କରିବା ସର୍ବଦା ଏକପ୍ରକାର ପ୍ରଶଂସନୀୟ ଗୁଣ ହୋଇଆସିଛି। କିନ୍ତୁ ଏହା ପଛରେ ଥିବା ମନସ୍ତତ୍ତ୍ୱ ପ୍ରାୟତଃ ଅନାବିଷ୍କୃତ ରହିଛି। ତଥାପି ଏହି ପରିସ୍ଥିତି ମାନସିକ ସମସ୍ୟା ପ୍ରତି ଧ୍ୟାନ ଆକର୍ଷିତ କରେ। ନିଜ କାମ ପ୍ରତି ଆଗ୍ରହ ଅତ୍ୟାବଶ୍ୟକ, କିନ୍ତୁ ତାହା ଜୀବନ ନୁହେଁ। ଏବେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରିଛି ଓ ନିରନ୍ତର ଗୋପନୀୟତାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଚାଲିଛି, ସେତେବେଳେ ସୀମା ନିର୍ଦ୍ଧାରଣ କରିବା ଆବଶ୍ୟକ ହୋଇପଡ଼େ। ନିକଟରେ ଦିଲ୍ଲୀ ମେଟ୍ରୋର ମହଲାରେ ଅଫିସ ବୈଠକରେ ଯୋଗ ଦେଇଥିବା ଜଣେ ବ୍ୟକ୍ତିଙ୍କର ଗୋଟିଏ ଭିଡିଓ ଶିରୋନାମା ପାଲଟିଥିଲା। ଯାହା ସାମାଜିକ ଗଣମାଧ୍ୟମରେ କାର୍ଯ୍ୟ ପ୍ରତି ସମର୍ପଣ ବନାମ ଗୋପନୀୟତା ବିଷୟରେ ବିତର୍କ ସୃଷ୍ଟି କରିଥିଲା। ପ୍ରାୟତଃ କାର୍ଯ୍ୟ ନିଶାକୁ କାର୍ଯ୍ୟାଭୋଲିଜିମ୍ କୁହାଯାଏ। କିନ୍ତୁ ଏହା କେବଳ ଆଗ୍ରହ ବିଷୟରେ ନୁହେଁ, ଏହା ଏକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା, ଯେଉଁଥିରେ ଜଣେ ବ୍ୟକ୍ତି ନିଜର ଅସ୍ତିତ୍ୱକୁ କାମ କିମ୍ବା ଉତ୍ପାଦକତା ସହିତ ଯୋଡ଼ିବାକୁ ଆରମ୍ଭ କରେ। ଆଶ୍ଚର୍ଯ୍ୟର କଥା ପ୍ରାୟତଃ ଏହି ସମସ୍ୟା ପ୍ରତିଭାବାନ ଓ ଅତ୍ୟନ୍ତ ସମ୍ବେଦନଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖାଯାଏ। ଅନ୍ୟ ଯେକୌଣସି ନିଶା ପରି, କାର୍ଯ୍ୟ କରିବା ନିଶା ମଧ୍ୟ ଏକ ଆଚରଣଗତ ଅସନ୍ତୁଳନକୁ ପ୍ରତିଫଳିତ କରେ। ଅବଶ୍ୟ ଅନେକ ଲୋକ କେବଳ ଆରାମ କରିପାରନ୍ତି ନାହିଁ, ହେଲେ ସେମାନେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି କାମରେ ନିୟୋଜିତ ହୁଅନ୍ତି। ଆଜିକାଲି ଲୋକମାନେ ସମୟ ବିତାଇବା ପାଇଁ ମୋବାଇଲ୍ ଫୋନ୍ କିମ୍ବା ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ପ୍ରାୟତଃ କାର୍ଯ୍ୟ ନିଶାର ସମସ୍ୟାକୁ ଅଣଦେଖା କରାଯାଏ। ତଥାପି ଯେଉଁମାନେ କାମ ବ୍ୟତୀତ ଜୀବନ ବଞ୍ଚିବାର ଅନ୍ୟ କୌଣସି ଉପାୟ ଜାଣନ୍ତି ନାହିଁ, ସେମାନେ ନିରନ୍ତର କିଛି ନା କିଛି କାମରେ ନିୟୋଜିତ ରହିବାକୁ ଚାହାଁନ୍ତି। ସେମାନେ କାମ ଜାରି ରଖିବାକୁ ଚାହାଁନ୍ତି ଏଥିପାଇଁ ଯାହା ଦ୍ୱାରା ସେମାନଙ୍କୁ ଅନ୍ୟ କିଛି ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ।

କହିବାକୁ ଗଲେ ଏହା ଏକ ପ୍ରକାରର ନିଶା ଯାହା ଦ୍ୱାରା ଜଣେ ବ୍ୟକ୍ତିକୁ ନିଜକୁ ଓ ଦୁନିଆକୁ ଭୁଲିଯିବାକୁ ଅନୁମତି ଦିଏ। ଏହି ଅବସ୍ଥା ଏକାକୀ ଓ ସାମାଜିକ ପାରସ୍ପରିକ କ୍ରିୟା ସହିତ ମୁକାବିଲା କରିବାରେ କଷ୍ଟକର ହେଉଥିବା ଲୋକଙ୍କଠାରେ ଭାବପ୍ରବଣ ଚାପରୁ ରକ୍ଷା ପାଇବା ପାଇଁ ବାଧ୍ୟବାଧକତା ଭାବରେ ଆରମ୍ଭ ହୁଏ। କିନ୍ତୁ ଏହା ଧୀରେ ଧୀରେ ଏକାକୀତା ଓ ଏକାକୀତା ଆଡ଼କୁ ନେଇଯାଏ।

ସତ୍ୟ ହେଉଛି ଜୀବନରେ କାମ ଯେତିକି ଗୁରୁତ୍ୱପୂର୍ଣ୍ଣ, ବିଶ୍ରାମ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ପ୍ରକୃତି ଦିନ ଓ ରାତିକୁ ସମାନ ଭାବରେ ବାଣ୍ଟି ମଣିଷ ପାଇଁ ସନ୍ତୁଳନକୁ ଏକ ପ୍ରାକୃତିକ ଅବସ୍ଥା କରିଛି। ଏକ ଲକ୍ଷ୍ୟ ହାସଲ କରିବା ପରେ, ମଣିଷ କିଛି ହାସଲ କରିଥିବାରୁ ମିଳୁଥିବା ଆନନ୍ଦକୁ ଅନୁଭବ କରିବାରେ ସକ୍ଷମ ହେବା ଅତ୍ୟନ୍ତ ଜରୁରୀ। ସର୍ବୋପରି, ଜୀବନର ଲକ୍ଷ୍ୟ କେବଳ କାମ କରିବା ନୁହେଁ , କାମ ଏକ ପ୍ରକ୍ରିୟା। ତଥାପି ସାଧନକୁ ଶେଷ ଭାବରେ ବିଚାର କରି ଆମେ ଯାନ୍ତ୍ରିକ ହୋଇଯାଉ। ମେସିନ୍ ଓ ମଣିଷ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଲୁଚି ରହିଛି। ଏହି ପାର୍ଥକ୍ୟ ମଧ୍ୟ ରହିବା ଉଚିତ୍। ମଣିଷର ସମ୍ବେଦନଶୀଳତା ହିଁ ସେମାନଙ୍କୁ ବିଶ୍ୱର ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରାଣୀମାନଙ୍କ ମଧ୍ୟରୁ ଜଣେ କରିଥାଏ। ସେହି ସମ୍ବେଦନଶୀଳତାରୁ ରକ୍ଷା ପାଇବା ପାଇଁ ନିଜକୁ କୌଣସି ସ୍ଥାନରେ ଫିଙ୍ଗି ଦିଅ ନାହିଁ।

ଏହାକୁ କିପରି ଯଥାର୍ଥ କରାଯାଇପାରିବ ? କାମ ଜୀବନ ନୁହେଁ। ଏହା ଜୀବନର କେନ୍ଦ୍ର ନୁହେଁ। ଏହା ଅନେକ କାର୍ଯ୍ୟକଳାପ ମଧ୍ୟରୁ ଗୋଟିଏ। ଯଦିଓ ଏହା କେନ୍ଦ୍ରୀୟ କାର୍ଯ୍ୟକଳାପ, ଯାହା ଉପରେ ଅନ୍ୟ ସମସ୍ତ କାର୍ଯ୍ୟକଳାପ ନିର୍ଭର କରେ, ଯାହା ସେମାନଙ୍କୁ ସନ୍ତୁଳିତ କରେ। ତଥାପି କେବଳ ଏହାର ଗୁରୁତ୍ୱ ଅନ୍ୟମାନଙ୍କ ସହିତ ମିଶି ହାସଲ କରାଯାଏ, ପୃଥକ ଭାବରେ ନୁହେଁ। ମାନବ ସ୍ୱଭାବ ଏପରି ଯେ କୌଣସି ଗୋଟିଏ ଜିନିଷ ଜୀବନର କେନ୍ଦ୍ର ହୋଇପାରେ ନାହିଁ। କାମ ପ୍ରତି ଆଗ୍ରହ ଏକ ଭଲ ଜିନିଷ, କିନ୍ତୁ ଅନ୍ୟ କାର୍ଯ୍ୟକଳାପର ମୂଲ୍ୟରେ ନୁହେଁ। କାମ ନିଶାରେ ପୀଡିତ ବ୍ୟକ୍ତି କାମ ନକରିବା ସମୟରେ ପ୍ରବଳ ଚାପ ଓ ଦୋଷୀ ଅନୁଭବ କରନ୍ତି। ଏପରି ଲୋକମାନେ ସମ୍ପର୍କ କିମ୍ବା ନିଜ ପାଇଁ ସମୟ ଦେବା ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରନ୍ତି ନାହିଁ। ସମ୍ପର୍କ ହେଉଛି ଜୀବନର ମୂଳ ଓ ପ୍ରତ୍ୟେକ ସମ୍ପର୍କରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ନିଜ କାମ ସହିତ ସମ୍ପର୍କରେ ମଧ୍ୟ ସନ୍ତୁଳନ ରହିବା ଉଚିତ୍। ଆଜିର ପ୍ରତିଯୋଗିତାମୂଳକ ସମୟରେ ନିଜ କ୍ୟାରିୟର ପ୍ରତି ଅଟଳ ପ୍ରତିବଦ୍ଧତା ଏକ ପ୍ରଶଂସନୀୟ ଗୁଣ। ଏହାର ଅନେକ ଲାଭ ଅଛି , ଏହା ସଫଳତା, ଆର୍ଥିକ ସୁରକ୍ଷା ଓ ପ୍ରେରଣା ପ୍ରଦାନ କରେ। ତଥାପି ଜଣଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେସବୁକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣଦେଖା କରାଯାଇପାରିବ ନାହିଁ।

କୋଟି କୋଟି ବର୍ଷ ଧରି, ଗ୍ୟାଲାକ୍ସି ଘୂରି ବୁଲିଲା, ତାରାମାନେ ଜନ୍ମ ହେଲେ ଏବଂ ମରିଗଲେ। କିନ୍ତୁ ପ୍ରକୃତିର ଏହି ମହାନ ନାଟକକୁ ପର୍ଯ୍ୟବେକ୍ଷଣ କିମ୍ବା ପ୍ରଶ୍ନ କରିପାରିବା କେହି ନଥିଲେ। ତା'ପରେ, କ୍ଷୁଦ୍ର ଗ୍ରହ ପୃଥିବୀରେ, ଜୀବନର ଉତ୍ପତ୍ତି ହେଲା। ଧୀରେ ଧୀରେ, ସେହି ଜୀବନ ଆଖି ବିକଶିତ କଲା, ଯାହା ଦ୍ୱାରା ଏହା ଆଲୋକ ଦେଖିପାରିବ। ଏହା ଏକ ମସ୍ତିଷ୍କ ବିକଶିତ କଲା, ଯାହା ସ୍ମୃତି ଗଠନ କରିବାକୁ, କଳ୍ପନା କରିବାକୁ ଓ ଶେଷରେ ପ୍ରଶ୍ନ ପଚାରିବାକୁ ସକ୍ଷମ ହେଲା। ସେହି ମୁହୂର୍ତ୍ତରେ ଜଣେ ମଣିଷ ପଚାରିଲା, "ଏହି ତାରା ଗୁଡ଼ିକ କ'ଣ ?" ପ୍ରଥମ ଥର ପାଇଁ, ବ୍ରହ୍ମାଣ୍ଡ ନିଜକୁ ଜାଣିବାର ପ୍ରକ୍ରିୟା ଆରମ୍ଭ କଲା। ପୃଥିବୀ ବ୍ରହ୍ମାଣ୍ଡର ସମୁଦ୍ରରେ ଧୂଳିର ଏକ କଣା ବ୍ୟତୀତ ଆଉ କିଛି ନୁହେଁ। ମାନବ ଜାତି କେବଳ ଚେତନାର ଏକ ଝଲକ ଯାହା ସେହି ଧୂଳିର କଣା ଉପରେ ଏକ ମୁହୂର୍ତ୍ତ ପାଇଁ ଦେଖାଯାଏ। କଳ୍ପନା କରନ୍ତୁ ଏକ ଅଗଣିତ ପୁସ୍ତକରେ ପରିପୂର୍ଣ୍ଣ ଗୋଟିଏ ପାଠାଗାର। ଅଧିକାଂଶ ପୁସ୍ତକ କେବେ ପଢ଼ାଯାଇ ନାହିଁ, କିନ୍ତୁ ହଠାତ୍ ଗୋଟିଏ ଦିନ, ସେସବୁ ଭିତରେ କିଛି ଅକ୍ଷର ଜୀବନ୍ତ ହୋଇ ପଢ଼ିବା ଆରମ୍ଭ କରେ। ଆମେ ଏହି ଭଳି। ଯେତେବେଳେ ଜଣେ ଜ୍ୟୋତିର୍ବିଜ୍ଞାନୀ ଦୂରବର୍ତ୍ତୀ ଛାୟାପଥର ପ୍ରତିଛବି ଦେଖନ୍ତି, ଏହା ଏହି ଆଶ୍ଚର୍ଯ୍ୟଜନକ ସତ୍ୟକୁ ଗ୍ରହଣ କରିବା ପାଇଁ ଏକ ଯାତ୍ରା ମଧ୍ୟ। ବ୍ରହ୍ମାଣ୍ଡ ନିଜେ ଏକ ଚେତନା ସୃଷ୍ଟି କରିଛି ଯାହା ଏହାକୁ ପ୍ରଶ୍ନ କରିପାରିବ। ଯଦି ଆମେ ପ୍ରକୃତରେ ବ୍ରହ୍ମାଣ୍ଡର ଚେତନା ଯାହା ନିଜକୁ ବୁଝିବାକୁ ଚେଷ୍ଟା କରୁ, ତେବେ ଆମକୁ ଏହି ଦୁର୍ଲଭ କ୍ଷମତାକୁ ରକ୍ଷା କରିବାକୁ ପଡିବ। ଆମକୁ ଅଜ୍ଞତା, ଧର୍ମାନ୍ଧତା ଓ ହିଂସାରୁ ଉପରକୁ ଉଠିବାକୁ ପଡିବ। ଆମର ଅସ୍ତିତ୍ୱ ଅତ୍ୟନ୍ତ ବିରଳ ହୋଇପାରେ।

ଏହି ବିଶାଳ ବ୍ରହ୍ମାଣ୍ଡରେ ଅଗଣିତ ତାରା ଥାଇପାରେ, କିନ୍ତୁ ଚେତନା ବହୁତ କମ୍ ସ୍ଥାନରେ ଜନ୍ମ ନେଇଥାଏ। ଯଦି ହଁ, ତେବେ ପ୍ରତ୍ୟେକ ଚିନ୍ତାଶୀଳ ମନ ବ୍ରହ୍ମାଣ୍ଡର ସବୁଠାରୁ ମୂଲ୍ୟବାନ ସଫଳତା ମଧ୍ୟରୁ ଗୋଟିଏ। ପରବର୍ତ୍ତୀ ସମୟରେ ଯେତେବେଳେ ଆମେ ରାତିର ଆକାଶକୁ ଦେଖୁଛେ, ନିଜକୁ ଏକା ଭାବନ୍ତୁ ନାହିଁ। ଆମେ ସେହି କାହାଣୀର ଅଂଶ , ଯାହା ତାରାମାନେ କୋଟି କୋଟି ବର୍ଷ ଧରି ଦେଖାଯାଉଛନ୍ତି। ଆମେ କେବଳ ବ୍ରହ୍ମାଣ୍ଡରେ ରହୁ ନାହେଁ। ବ୍ରହ୍ମାଣ୍ଡ ମଧ୍ୟ ଆମ ଭିତରେ ବାସ କରେ। ଯେତେବେଳେ ତୁମେ ପ୍ରଶ୍ନ କର, ଭଲ ପାଅ ଓ ଖୋଜ, ଏହି ବିଶାଳ ବ୍ରହ୍ମାଣ୍ଡ ପ୍ରଥମ ଥର ପାଇଁ ତୁମର ନିଜ ଆଖିକୁ ଦେଖିବା ଆରମ୍ଭ କରେ। ଆମେ କେବଳ ଜଣେ ଜଣେ ନକ୍ଷତ୍ରପ୍ରେମୀ ନୁହେଁ, ବରଂ ସେହି ନକ୍ଷତ୍ରମାନଙ୍କ ଧୂଳିରୁ ସୃଷ୍ଟି ହୋଇଥିବା ଏକ ଚେତନା, ଯିଏ ବ୍ରହ୍ମାଣ୍ଡକୁ ବୁଝିବାର ସାହସ ପାଇଛି। ତେଣୁ ଆମ ଭିତରେ କୌତୁହଳ, କରୁଣା, ପ୍ରେମ ଓ ଜ୍ଞାନର ଜ୍ୱାଳାକୁ ଜୀବନ୍ତ ରଖିବାକୁ ହେବ। ଯେତେବେଳେ ତୁମେ ପ୍ରଶ୍ନ ପଚାର, ସତ୍ୟ ଖୋଜ, ସ୍ୱପ୍ନ ଦେଖ ଓ ମାନବତାକୁ ଉନ୍ନତ କରିବା ପାଇଁ ଚେଷ୍ଟା କର।

ଅତଏବ ମଣିଷ ପାଇଁ ପ୍ରକୃତି ଦିନ ଓ ରାତିକୁ ସମାନ ଭାବରେ ବାଣ୍ଟି ରଖି ସନ୍ତୁଳନକୁ ସ୍ୱାଭାବିକ କରିଛି। ମଣିଷ ଲକ୍ଷ୍ୟ ହାସଲ କରିବା ପରେ ସଫଳତା ଆଣି ଦେଉଥିବା ଆନନ୍ଦକୁ ଅନୁଭବ କରିବାରେ ସକ୍ଷମ ହେବା ଅତ୍ୟନ୍ତ ଜରୁରୀ ମନେହୁଏ....!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

**୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

# ମନ ମୋହିଲା ପଣ୍ଡିତ ତେଜେନ୍ଦ୍ର ନାରାୟଣଙ୍କ ସରୋଦ ବାଦନ



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, କଟକଙ୍କ ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆଜି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ବିଶିଷ୍ଟ ସରୋଦ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ପରିବେଷଣ ଦର୍ଶକମାନଙ୍କ ମନକୁ ମୋହିନେଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ପଣ୍ଡିତ ଗୁରୁ ରାମହରି ଦାସ, ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ପଲ୍ଲୀ ପଟ୍ଟନାୟକ, କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ରବି ନାରାୟଣ ଶତପଥୀ, ବିଶିଷ୍ଟ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ କଣ୍ଠଶିଳ୍ପୀ ପାର୍ଥସାରଥୀ 'ବାବୁ' ପାଣିଗ୍ରାହୀ ଓ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗ ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ସେନିଆ ମୈହାର ଘରାନାର ବିଶିଷ୍ଟ ବାଦକ ପଣ୍ଡିତ ମଜୁମଦାରଙ୍କ ସରୋଦ ବାଦନରୁ ଆରମ୍ଭ ହୋଇଥିଲା। ସେ ତାଙ୍କ ସଙ୍ଗୀତରେ ଧ୍ରୁପଦ, ତନ୍ତ୍ରକାରୀ ଓ ଗାୟକୀକୁ ସୁନ୍ଦର ଭାବେ ସମନ୍ୱୟ କରି ସରୋଦ ବାଦନ କରିଥିଲେ। ପଦ୍ମଶ୍ରୀ ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ସରୋଦ ମହାରଥୀ ତାଙ୍କ ଧ୍ୟାନମଗ୍ନ ଓ ସ୍ଥାପତ୍ୟଗତ ଭାବେ



ସୁନିର୍ଦ୍ଦିଷ୍ଟ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ତାଙ୍କୁ ତବଲାରେ ସତ୍ୟଜିତ ତାଲୱାଲକର ସହଯୋଗ କରିଥିଲେ। ଏହାଛଡ଼ା ଓଡ଼ିଶୀ ନୃତ୍ୟଶିଳ୍ପୀ ଲିପ୍ସା ଶତପଥୀ ପ୍ରସ୍ତୁତ କରିଥିଲେ ପଞ୍ଚଭୂତ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକାରେ ନିବଦ୍ଧ ଥିଲା। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ କରିଥିବା ବେଳେ ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ। ତାଙ୍କର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ଦେବଗାନ୍ଧାରୀ ପଲ୍ଲବୀ, ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ କରିଥିଲେ। ତାଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ଓଡ଼ିଆ ଅଭିନୟ 'କହିବାକୁ ଲାଜ' ଯାହାର ସଙ୍ଗୀତ ସଂଯୋଜନା ସୁରମଣି ରମେଶ ଚନ୍ଦ୍ର ଦାସ, ତାଳ ସଂଯୋଜନା ଗୁରୁ ଗଙ୍ଗାଧର ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ। ତାଙ୍କୁ କଣ୍ଠରେ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ସୌମ୍ୟ ରଞ୍ଜନ ଯୋଶୀ, ମର୍ଦ୍ଦଳରେ ସୀତାକାନ୍ତ ଜେନା ଓ ମଞ୍ଜୀରାରେ ରୋହିତ ପ୍ରଧାନ ସହଯୋଗ କରିଥିଲେ। ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ର କରିଥିବା ବେଳେ ଏହାକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।



ସମ୍ବଲପୁରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଜେଜେ ଆଇନର ଏକ ଦଶନ୍ଧି**

## ଶିଶୁ ସୁରକ୍ଷା, ଥଇଥାନ ଓ ନିବାରଣ ଉପରେ ଆଲୋଚନା

ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): ଆଜି ଏଠାରେ 'ଜୁଭେନାଇଲ୍ ଜଷ୍ଟିସ୍ (ପିଲାମାନଙ୍କର ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫: କାର୍ଯ୍ୟକାରିତାର ଏକ ଦଶନ୍ଧି ଏବଂ ଆଗାମୀ ପଥ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଅଂଶୀଦାରଙ୍କ ଦ୍ୱାରା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜୁଭେନାଇଲ୍ ଜଷ୍ଟିସ୍ କମିଟି ଅଧ୍ୟକ୍ଷ ବିଚାରପତି ସାବିତ୍ରୀ ରଥୋ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ ମୃଣାଳିନୀ ଦର୍ଶନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କିଶୋର ନ୍ୟାୟ ପ୍ରକ୍ରିୟାରେ ନିବାରଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ କିଶୋର ନ୍ୟାୟର କେନ୍ଦ୍ରବିନ୍ଦୁରେ ନିବାରଣ



ରହିବା ଆବଶ୍ୟକ। ଆମେ ତୃଣମୂଳ ସ୍ତରରେ ଥିବା ଦୁର୍ବଳତାଗୁଡ଼ିକର ସମାଧାନ କରିବା ଉଚିତ୍ ଯାହାଦ୍ୱାରା ପିଲାମାନେ ଆଇନ ସହ ସଂଘର୍ଷରେ ନ ଆସନ୍ତି କିମ୍ବା ଆନୁଷ୍ଠାନିକ ଯତ୍ନ ପରିସରଭୁକ୍ତ ନ ହୁଅନ୍ତି।

## 'ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ'ରେ ବିଜେପି ନେତା ଗୋଲକ ମହାପାତ୍ର



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ବିକାଶ ସହ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅଭିଷା ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ ଉତ୍ସବ- ୨୦୨୬'ରେ ବିଜେପି ଦଳର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇଥିଲେ। ଏହି ସମାରୋହରେ ଶ୍ରୀ ମହାପାତ୍ର ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ନିଜର ଅସାଧାରଣ ପ୍ରତିଭା, ସୃଜନଶୀଳତା ଓ ଉଲ୍ଲେଖନୀୟ ଅବଦାନ ମାଧ୍ୟମରେ ରାଜ୍ୟର ଗୌରବ ବୃଦ୍ଧି କରୁଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଓଡ଼ିଶାର ମାଟି ପ୍ରତିଭାରେ ସମୃଦ୍ଧ। କଳା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ବିଭିନ୍ନ କ୍ଷେତ୍ରରେ ଆମ ରାଜ୍ୟର ଅନେକ ପ୍ରତିଭା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେହି ପ୍ରତିଭାମାନଙ୍କୁ ଚିହ୍ନଟ କରି ସମ୍ମାନିତ କରିବା ଓ ନୂତନ ପିଢ଼ିକୁ ସୃଜନଶୀଳତା ପ୍ରତି ଆକୃଷ୍ଟ କରିବା ଏଭଳି ଆୟୋଜନର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ। ସେ ଆହୁରି କହିଥିଲେ ଯେ ପ୍ରତିଭାକୁ ସମ୍ମାନ ଦେବା କେବଳ ଜଣେ ବ୍ୟକ୍ତିଙ୍କୁ ପୁରସ୍କୃତ କରିବା ନୁହେଁ, ବରଂ ସମାଜର ଅନ୍ୟମାନଙ୍କୁ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ପ୍ରେରଣା ଦେବା। ଓଡ଼ିଶାର ସୃଜନଶୀଳ ପ୍ରତିଭାମାନଙ୍କୁ ଆଗକୁ ବଢ଼ାଇବା ଓ ସେମାନଙ୍କ ଅବଦାନକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଆବଶ୍ୟକ।

## ପ୍ରଥମେ ଆବର୍ଜନା ପ୍ରବେଶ ବନ୍ଦ, ନଚେତ୍ ପୁଣି ଆନ୍ଦୋଳନ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ସେଠଙ୍କ ଗତ ଜୁନ ୨୮ର ଚିଠି ପରେ ମଧ୍ୟ ସୈନିକ ସ୍କୁଲ, ଭୁବନେଶ୍ୱର ପାଖର ଡମ୍ପିଂ ୟାର୍ଡକୁ ପୌର ଆବର୍ଜନା ଯାନ ପ୍ରତିଦିନ ପଶୁଛି। ସେଭ୍ ଆୱାର୍ ସୈନିକ ସ୍କୁଲ୍ ଅଭିଯାନ ଆଜି ବୈଠକ ଡାକି ସ୍ପଷ୍ଟ କରିଛି ଯେ ପ୍ରଥମେ ଆବର୍ଜନା ପ୍ରବେଶ ବନ୍ଦ କରନ୍ତୁ। ନଚେତ୍ ଅଭିଯାନ ପୁଣି ଆନ୍ଦୋଳନକୁ ଯିବ। ଆଜିର ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଅଭିଯାନ ଆସନ୍ତାକାଲି ଗୃହ ଓ



**ଆଜି ଏସିଏସ, ଓଏସ୍‌ପିସିବି ସଦସ୍ୟ ସଚିବ ଓ ମେୟରଙ୍କ ସହ ଭେଟ**

ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ସଦସ୍ୟ ସଚିବ ଓ ଭୁବନେଶ୍ୱର ମହାନଗର ନିଗମୟର ମେୟରଙ୍କୁ ଭେଟିବ। ପ୍ରଥମେ ସୈନିକ ସ୍କୁଲ ସଂଲଗ୍ନ ଡମ୍ପିଂ ୟାର୍ଡକୁ ଆବର୍ଜନା ପ୍ରବେଶ ତୁରନ୍ତ ବନ୍ଦ ହେବା ଦରକାର। ତା'ପରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଜମା ଆବର୍ଜନା ହଟାଯିବା ସକାଶେ ଦାବି କରାଯିବ। ଅଭିଯାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ସେଠ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିକଟରେ ମଧ୍ୟ ଆବେଦନ ଦାଖଲ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଗତ ୨୮ ତାରିଖରେ ଡମ୍ପିଂ ୟାର୍ଡ ତୁରନ୍ତ ସ୍ଥାନାନ୍ତର କରିବାକୁ କହିଥିଲେ।

## ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ପରିବାର ପକ୍ଷରୁ କ୍ଷତିପୂରଣ ଦାବି**

ପାରଳାଖେମୁଣ୍ଡି,୬।୯(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସବ୍‌ଜେଲ୍‌ରେ ଜଣେ ବିଚାରାଧୀନ କଏଦୀଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୃତକ ଜଣଙ୍କ ହେଲେ ରାୟଗଡ଼ ବ୍ଲକ୍ ଜିରାଙ୍ଗ ଗ୍ରାମର ରୁନା ବଡ଼ରଇତ। ପ୍ରାୟ ୪୫ ଦିନ ଧରି ସେ ଏକ ପକ୍‌ସୋ ମାମଲାରେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ଏନେଇ ଜେଲର ଦେଇଥିବା ସୂଚନାନୁଯାୟୀ, ରୁନା ଗତକାଲି ରାତିରେ ଅନ୍ୟ କଏଦୀଙ୍କ ସହ ରାତ୍ରିଭୋଜନ ସାରି ବିଶ୍ରାମ ନେଉଥିବା ବେଳେ ଅଚାନକ ଅସୁସ୍ଥ ଅନୁଭବ କରିଥିଲେ। ଜେଲ ଫାର୍ମାସିଷ୍ଟ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ପରିବାରକୁ ପ୍ରଥମେ ରୁନାଙ୍କ ଅସୁସ୍ଥତା ଓ ପରେ ତାଙ୍କର ମୃତ୍ୟୁ ସମ୍ପର୍କରେ ଜଣାଇ ଦିଆଯାଇଥିଲା ବୋଲି ଜେଲର କହିଛନ୍ତି। ଏନେଇ ପାରଳାଖେମୁଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରୁନାଙ୍କ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରୁନାଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ, ଗିରଫ ସମୟରେ ରୁନା ସୁସ୍ଥ ଥିଲେ। ଏପରିକି ପ୍ରାୟ ୧୫ ଦିନ ତଳେ ଜେଲ୍‌ରେ ଭେଟିବା ସମୟରେ ମଧ୍ୟ ତାଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ଜଣାପଡ଼ି ନ ଥିଲା। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଜୀବିକାକୁ ନେଇ ପରିବାର ଚିନ୍ତାରେ ପଡ଼ିଛି। ଜେଲ ହାଜତରେ ମୃତ୍ୟୁ ହୋଇଥିବାରୁ ଉପଯୁକ୍ତ କ୍ଷତିପୂରଣ ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ମୃତଦେହ ନେଇ ଆନ୍ଦୋଳନ କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

## ଏଫସିଆଇ ପ୍ରସଙ୍ଗରେ ସାଂସଦମାନେ ନୀରବ କାହିଁକି ?

**୧୫ରୁ ମାସେ ବ୍ୟାପୀ ସାରା ରାଜ୍ୟରେ ପ୍ରତିବାଦ କରିବ କଂଗ୍ରେସ**



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): 'ଏଫସିଆଇ ଆମ କଥା ଶୁଣୁନି' ତେଣୁ ଚାଉଳ ଉଠୁନି ବୋଲି ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଅପାରଗତାର ପରିଚୟ ଓ ଏହା ତଥା କୃଷକଙ୍କ ଦୁଃଖ କଷ୍ଟକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଓ କଂଗ୍ରେସ ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକଙ୍କ ପ୍ରତି ହେଉଥିବା ଅବିଚାରକୁ ସମାଲୋଚନା କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ହେଲେ ରାମରାଜ୍ୟ ଗଠନ ହେବ ବୋଲି କହିଥିବା ସରକାର କ୍ଷମତାକୁ ଆସିବା ପରେ କେନ୍ଦ୍ର ଆମକୁ ଉପେକ୍ଷା କରୁଛି ବୋଲି କହିବା ସାଧାରଣ ଜନତାଙ୍କ ସହ ବିଶ୍ୱାସଘାତ ସଦୃଶ୍ୟ। ଏଫସିଆଇ ଚାଉଳ ଉଠାଉନି ଓ ଆମ କଥାକୁ ଏଫସିଆଇ ବେଖାତିର କରୁଛି ବୋଲି ଯୋଗାଣ ମନ୍ତ୍ରୀ ସର୍ବସମ୍ମୁଖରେ କହିବା ଡବଲ ଇଞ୍ଜିନର ମୁଖା ଖୋଲିଦେଇଛି। ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ର କେବଳ ଡବଲ ଇଞ୍ଜିନ ରାଜ୍ୟକୁ ଶୋଷଣ କରିବା ପାଇଁ ବ୍ୟବହାର କରୁଛି। ପଶ୍ଚିମାଞ୍ଚଳ ଓଡ଼ିଶାର ଭାଗ୍ୟହାନି। ତେବେ ସେଠାରେ କୃଷକଙ୍କ ଧାନ ବିକ୍ରି ନ ହୋଇ ପଡ଼ି ରହିବା ପରିତାପର ବିଷୟ। କିନ୍ତୁ ପଶ୍ଚିମାଞ୍ଚଳର ସାଂସଦ ଏହି ବିଷୟକୁ ନେଇ ଚୁପ ରହିବା କୃଷକଙ୍କ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ଶ୍ରୀ ସାହୁ ଚାଷୀଙ୍କ ସୁରକ୍ଷା ବିଟକଣା, ଚାଉଳ ନ ଉଠିବା ପୁଣି ଖରିଫ ଋତୁର ଚାଉଳ କେମିତି ଉଠିବ ଆଦି ପ୍ରସଙ୍ଗକୁ ନେଇ ଓଡ଼ିଶା କଂଗ୍ରେସ ଆସନ୍ତା ୧୫ ରୁ ନଭେମ୍ବର ୧୫ ମାସେ ଧରି ପ୍ରତି ଜିଲ୍ଲାରେ ଦୁଇ ଦିନ ଲେଖାଏଁ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଛନ୍ତି।

**ବିଏମ୍‌ସିର ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ**

## ପ୍ରତି ବ୍ୟକ୍ତି ନିଜ ପାଇଁ ଗଛଟିଏ ଲଗାନ୍ତୁ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)-୨୦୨୬ ସପ୍ତାହ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ହାତିଆଣୁଣି ସମ୍ପଦ କେନ୍ଦ୍ର ନିକଟରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ



ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା ଓ ଅନ୍ୟମାନେ ସାମିଲ ହୋଇଥିଲେ।

ବିଏମସି କମିଶନର ଶ୍ରୀ ରାଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରତ୍ୟେକ ବ୍ୟକ୍ତି ବାୟୁ ପ୍ରଦୂଷଣ ରୋକିବା ଦିଗରେ କିପରି ସ୍ଥାୟୀ ଅଭ୍ୟାସ ଆପଣାଇବେ, ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ପ୍ରଦୂଷଣମୁକ୍ତ ସ୍ଥାୟୀ ସହରୀ ଗତିଶୀଳତା ପାଇଁ ବିଏମସିର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ସହରକୁ ସ୍ୱଚ୍ଛ, ସବୁଜ ଓ ପ୍ରଦୂଷଣ ମୁକ୍ତ ଗଠନ କରିବା ପାଇଁ ନାଗରିକଙ୍କ ସହଭାଗିତା ନିହାତି ଆବଶ୍ୟକ ବୋଲି କହିଥିଲେ।

ମେୟର ଶ୍ରୀମତୀ ଦାସ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ପାଇଁ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବେ ଓ ତା'ର ଯତ୍ନ ନେବେ, ତେବେ ବିଏମ୍‌ସି ସବୁଜ ବନାନୀରେ ହସି ଉଠିବ। ବାୟୁ ପ୍ରଦୂଷଣ ରୋକିବା ପାଇଁ ବିଏମସି ବିଭିନ୍ନ ପଦକ୍ଷେପ ନେଇଥିବାରୁ ସମଗ୍ର ଦେଶରେ ସ୍ୱଚ୍ଛ ବାୟୁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଯଦି ଭୁବନେଶ୍ୱରବାସୀ ସମସ୍ତେ ସହଯୋଗର ହାତ ବଢ଼ାଇବେ, ନିଜ ଘର, ଆଖପାଖ ଓ ପଡ଼ିଆ ଜମିରେ ଚାରା ରୋପଣ କରି ତା'ର ଯତ୍ନ ନେବେ, ତେବେ ଆମର ପରିପିଢ଼ି ସ୍ୱଚ୍ଛ, ସବୁଜ, ସୁସ୍ଥ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ଭୁବନେଶ୍ୱର ଗଠନ ହୋଇପାରିବ।

## ଗୋଟିଏ ଟ୍ରେନ୍, ୨୦୦ ବହି ଓ ଶହ ଶହ କାହାଣୀ



**ପୂର୍ବତଟ ରେଳପଥର ନିଆରା ଯାତ୍ରା**

ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ): ସକାଳ ଟ୍ରେନରେ ପ୍ରତିଦିନ ଭଳି ଯାତ୍ରୀ ଥିଲେ। କିନ୍ତୁ ଏଥର ଟ୍ରେନରେ ଥିଲା କିଛି ଅସାଧାରଣ ବହି, କବିତା ଓ ଶତାଧିକ ଲୋକ, ଯେଉଁମାନେ ଯାତ୍ରା ସହ ଶବ୍ଦର ଦୁନିଆ ଭିତରେ ଦିନ ବିତାଇବାକୁ ବାହାରିଥିଲେ। ରବିବାର ଟ୍ରେନ ନମ୍ବର ୬୮୪୨୯ ଭୁବନେଶ୍ୱର-ଦଶପଲ୍ଲା ମେମୁରେ ଚଢ଼ିଥିବା ପାଠକ ଓ ଲେଖକମାନଙ୍କ ପାଇଁ ଏହି ଯାତ୍ରା ଏକ ଚଳନ୍ତା ସାହିତ୍ୟିକ ସମାବେଶରେ ପରିଣତ ହୋଇଥିଲା। ସ୍ଥାନୀୟ 'ୱାକିଂ ବୁକ୍ ଫେୟାର୍ସ'ର ସହଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ 'ରେଳ ରିଡିଂ କ୍ୟାମ୍ପେନ୍- ଗିଫ୍ଟ ଏ ବୁକ୍' କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣ କରିଥିଲେ। ଏହି ସାହିତ୍ୟିକ ଯାତ୍ରାକୁ ଆହୁରି ସ୍ୱତନ୍ତ୍ର କରିଥିଲା ପ୍ରଖ୍ୟାତ ଲେଖକ ଓ ସାହିତ୍ୟିକ ଜେରୀ ପିଣ୍ଟୋ, ଶରତ ଚନ୍ଦ୍ର ଦାସ, କ୍ରିଷ୍ଟୋଫ ରାଜ୍ମାୟର, ଆକୃତି ମାନ୍ଧୱାନୀ ଓ ଚନ୍ଦ୍ରହାସ ଚୌଧୁରୀଙ୍କ ଉପସ୍ଥିତି। ସେମାନେ ନିଜର କବିତା, ଚିନ୍ତାଧାରା, ସାହିତ୍ୟିକ ଅନୁଭବ ଓ ସୃଜନଶୀଳତାର ବିଭିନ୍ନ ଦିଗ ବାଣ୍ଟିଥିଲେ। ସେମାନଙ୍କ ଉପସ୍ଥିତି ଏହି ରେଳଯାତ୍ରାକୁ ସମସ୍ତଙ୍କ ମଧ୍ୟରେ ଏକ ନିଆରା ଆଲୋଚନା ଓ ଭାବ ବିନିମୟର ପରିସର ସୃଷ୍ଟି କରିଥିଲା। ଏହି ଅଭିଯାନ ଏକ ସାଧାରଣ ରେଳଯାତ୍ରାକୁ କିଛି ସମୟ ପାଇଁ ବହି ପଢ଼ିବା ଓ ପରସ୍ପର ସହ ଯୋଡ଼ିହେବାର ଆହ୍ୱାନରେ ପରିଣତ କରିଥିଲା। ଭୁବନେଶ୍ୱରରୁ ଟ୍ରେନ ଛାଡ଼ିବା ପରେ ଯାତ୍ରୀମାନଙ୍କୁ ପ୍ରାୟ ୨୦୦ ବହି ବଣ୍ଟନ କରାଯାଇଥିଲା।

**ସବୁଜ ଭୁବନେଶ୍ୱର ଗଠନ ଦିଗରେ ପଦକ୍ଷେପ**

## ଫଳଦାୟୀ ଚାରାଗଛ ବାଣ୍ଟିଲା ରୋଟାରୀ କ୍ଲବ୍ ଖାରବେଳ କଳିଙ୍ଗ ନଗର

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ସବୁଜ, ସୁସ୍ଥ ଓ ସୁସ୍ଥାୟୀ ପରିବେଶ ଗଠନ ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ପକ୍ଷରୁ ଆଜି ସ୍ଥାନୀୟ ଶ୍ୟାମପୁର ନୂଆଗାଁ ଜଙ୍କସନ୍‌ଠାରେ 'ନିଃଶୁଳ୍କ ଚାରାଗଛ ବଣ୍ଟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାରାଗଛ



ଗ୍ରହଣ ପାଇଁ ସାଧାରଣ ଲୋକଙ୍କ ଉତ୍ସାହଜନକ ପ୍ରତିକ୍ରିୟା ଏହି ସବୁଜ ଅଭିଯାନ ପ୍ରତି ସମାଜର ସଚେତନତା ଓ ସହଭାଗିତାକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ସାଧାରଣ ଲୋକଙ୍କୁ ୫୦୦ଟି ଫଳଦାୟୀ ଚାରାଗଛ ନିଃଶୁଳ୍କ ଭାବେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ କଳିଙ୍ଗ ନଗର କେ-୭ଠାରେ ୫୦୦ଟି ଓ କୋଳଥିଆ ଜଗନ୍ନାଥ ମନ୍ଦିର ଜଙ୍କସନ୍‌ଠାରେ ଆଉ ୫୦୦ଟି ଚାରାଗଛ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜଧାନୀ କଲେଜର ଏନ୍‌ସିସି ଛାତ୍ରୀମାନେ ସହଯୋଗ ପ୍ରଦାନ କରିଥିଲେ। ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ପରିବେଶମୁଖୀ ସେବା କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହଦାୟକ କରିଥିଲା। ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ପିଏସ୍‌ଏନ୍ ପାତ୍ର କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିବାବେଳେ ସଚିବ ରୋଟାରିଆନ୍ କେକେ ରାଓ ବନ ବିଭାଗର ନର୍ସରୀରୁ ଚାରାଗଛ ସଂଗ୍ରହ ସହ ସମସ୍ତ ବ୍ୟବସ୍ଥାର ସମନ୍ୱୟ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରିଆନ୍ କର୍ଣ୍ଣେଲ୍ ଏସ୍‌ଜେ ରାଓ, ରୋଟାରିଆନ୍ ଡା. କେସି ସ୍ୱାଇଁ, ରୋଟାରିଆନ୍ ଆନନ୍ଦ ବ୍ରହ୍ମ, ରୋଟାରିଆନ୍ ଦେବ ପ୍ରସାଦ ଦାସ, ରୋଟାରିଆନ୍ ଡା. ଧନେଶ୍ୱର ବଳିଆରସିଂହ, ରୋଟାରିଆନ୍ ମଧୁସୂଦନ ସାମଲ ଓ ରୋଟାରିଆନ୍ ପୁର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପାରାଦୀପ ବନ୍ଦରରେ ନୂଆ ଇତିହାସ**

## ପଶ୍ଚିମ ଡକ୍-୧ରେ ପ୍ରଥମ କ୍ୟାପସାଇଜ୍ ଜାହାଜ ବର୍ଥିଂ



ପାରାଦୀପ,୬।୯(ସଂଚାର ବ୍ୟୁରୋ): ପଣ୍ୟ ପରିଚାଳନା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ)। ନିଷିଦ୍ଧାଞ୍ଚଳ ଅନ୍ତର୍ଗତ ପଶ୍ଚିମ ଡକ୍-୧ ବର୍ଥରେ ପ୍ରଥମ ଥର ପାଇଁ ୧୬.୫ ମିଟର ଡ୍ରାଫ୍ଟ ବିଶିଷ୍ଟ ଏକ କ୍ୟାପସାଇଜ୍ ଜାହାଜକୁ ସଫଳତାର ସହ ବର୍ଥିଂ କରାଯାଇଛି। ଏହି ସଫଳତା ପାରାଦୀପ ବନ୍ଦରର ବୃହତ୍ ଓ ଡିପ୍-ଡ୍ରାଫ୍ଟ ବଲ୍କ କ୍ୟାରିୟର ପରିଚାଳନା କ୍ଷମତାକୁ ଆହୁରି ସୁଦୃଢ଼ କରିଛି। ଏମ୍‌ଭି ମିନେରାଲ କ୍ୱାଙ୍ଗୟାଙ୍ଗ ନାମକ ଏହି କ୍ୟାପସାଇଜ୍ ଜାହାଜର ଲମ୍ବ ୨୯୨ ମିଟର, ଚଉଡ଼ା ୪୫ ମିଟର ଏବଂ ଡ୍ରାଫ୍ଟ ୧୬.୫୦ ମିଟର। ଜାହାଜଟି ଗତକାଲି ପାରାଦୀପରେ ପହଞ୍ଚିଥିବାବେଳେ ସେପ୍ଟେମ୍ବର ୬ ତାରିଖ ସକାଳ ୬ଟାରେ ପଶ୍ଚିମ ଡକ୍-୧ ବର୍ଥରେ ସଫଳତାର ସହ ବର୍ଥିଂ କରାଯାଇଥିଲା। ଜାହାଜଟି ନିଜର ୯ଟି ହୋଲ୍ଡରେ ମୋଟ ୧,୫୨,୭୦୨ ମେଟ୍ରିକ୍ ଟନ୍ କୋକିଂ କୋଇଲା ବହନ କରୁଛି। ଅଷ୍ଟ୍ରେଲିଆର ହେ ପଏଣ୍ଟରୁ ଏହି ପଣ୍ୟ ଆସିଥିବା ଜଣାପଡ଼ିଛି। ଏହି ଐତିହାସିକ ବର୍ଥିଂ ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଏବଂ ଜିନ୍ଦଲ ପାରାଦୀପ ପୋର୍ଟ ଲିମିଟେଡ୍‌ର ଡେପୁଟି ସିଇଓ ସନ୍ଦୀପ ଜୟସୱାଲ ବନ୍ଦରର କର୍ମଚାରୀ ଓ ସମ୍ପୃକ୍ତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପଶ୍ଚିମ ଡକ୍-୧ରେ ଏଭଳି ବୃହତ୍ କ୍ୟାପସାଇଜ୍ ଜାହାଜକୁ ସଫଳତାର ସହ ପରିଚାଳନା କରିବା ଦ୍ୱାରା ବନ୍ଦରର ଜାହାଜ ପରିଚାଳନା ସମୟ ହ୍ରାସ ପାଇବା ସହ ଅଳ୍ପ ସମୟରେ ଅଧିକ ପଣ୍ୟ କାରବାର କରିବାର ସୁଯୋଗ ସୃଷ୍ଟି ହେବ। ଏହା ପାରାଦୀପ ବନ୍ଦରର କାର୍ଗୋ ହ୍ୟାଣ୍ଡଲିଂ କ୍ଷମତା ବୃଦ୍ଧି ସହ ଦେଶର ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ବନ୍ଦରର ଭୂମିକାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

# ଛେନା, ପନୀରଃ ଲୋକେ ଅନ୍ଧାରରେ

ଭୁବନେଶ୍ୱର,୬।୯: କିଛି ଦିନର ଚଢ଼ାଉ ପରେ ବଜାରରେ ପୁଣିଥରେ ପୂର୍ବଭଳି ଛେନା ଓ ପନୀର ବିକ୍ରି ଆରମ୍ଭ ହୋଇଗଲାଣି। ବିକ୍ରେତାମାନେ ଏହା ସମ୍ପୂର୍ଣ୍ଣ ଶୁଦ୍ଧ ବୋଲି କହୁଥିବା ବେଳେ ଏହାର ଗୁଣବତ୍ତା ନେଇ କିନ୍ତୁ ଗ୍ରାହକମାନେ ଅନ୍ଧାରରେ। ବିକ୍ରେତାଙ୍କ କଥାରେ ବିଶ୍ୱାସ କରି ସେମାନେ ବଜାରରୁ ଛେନା ଓ ପନୀର କିଣି ଖାଇବାରେ ଲାଗିଛନ୍ତି।

ବଜାରରେ ନିମ୍ନ ମାନର ଓ ଅପମିଶ୍ରିତ ଛେନା ଓ ପନୀର ବିକ୍ରିର ମାଳ ମାଳ ଅଭିଯୋଗ ଆସିବା ପରେ ପ୍ରଥମେ କଟକରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦେଖାଗଲା ଯେ ବଜାରରେ ବିକ୍ରି ହେଉଥିବା ଛେନା ଓ ପନୀର ଅତ୍ୟନ୍ତ ନିମ୍ନମାନର ଅପମିଶ୍ରିତ। ସର୍ବସମ୍ମୁଖରେ ଏହାର ପରୀକ୍ଷା ସହ ପ୍ରମାଣ ମିଳିଲା ପରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଛେନା ଓ ପନୀରକୁ ନଷ୍ଟ କରିଦେଲେ। ତେବେ ଏହାର ପରୀକ୍ଷା କେବଳ ତାଲିମପ୍ରାପ୍ତ ସରକାରୀ ଅଧିକାରୀମାନେ କରିଥିଲେ ଓ ପରୀକ୍ଷାରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ସେମାନେ ହିଁ ସାଙ୍ଗରେ ଆଣିଥିଲେ।

ତେବେ ପ୍ରଥମେ କଟକ ଓ ପରେ ପରେ ରାଜଧାନୀରେ ଚାଲିଥିବା ଚଢ଼ାଉ ଏବେ ଥମିଯାଇଛି। ଏପରିକି ଛେନା ପ୍ରସ୍ତୁତ ହେଉଥିବା ନିଆଳି, ବାଲିପାଟଣା ଆଦି ଅଞ୍ଚଳକୁ ଯାଇ ଖାଦ୍ୟ ସୁରକ୍ଷା ଟିମ୍ ଖାଲି ହାତରେ ଫେରିଛି। ଯାଞ୍ଚ ଧିମେଇଯିବା ପରେ ଏବେ ବଜାରରେ ପୂର୍ବଭଳି ଛେନା ଓ ପନୀରର ପସରା ଖୋଲିଲାଣି। ପୂର୍ବରୁ ଯେଉଁଭଳି ଦୁଇଚକିଆ ଓ ଚାରିଚକିଆରେ ପୁଡ଼ା ବନ୍ଧା ହୋଇ ରାଜଧାନୀକୁ ଛେନା ଓ ପନୀର ଆସୁଥିଲା ଏବେ ବି ସେମିତି ଆସୁଛି। ଖାଲି ଫରକ ଏତିକି, ପୂର୍ବରୁ ବ୍ୟବସାୟୀମାନେ କିଛି ନ କହି ଏହାକୁ ବିକ୍ରି କରୁଥିବା ବେଳେ ଏବେ କାଳେ କିଛି ଅଘଟଣ ଘଟିବ, ସେଥିପାଇଁ ବିକ୍ରି ସମୟରେ ଏହା ଶତପ୍ରତିଶତ ଶୁଦ୍ଧ ବୋଲି ଗ୍ରାହକଙ୍କୁ ବୁଝାଉଛନ୍ତି।

ଅନ୍ୟ ପକ୍ଷରେ ଦୁଗ୍ଧ ଚାଷୀମାନେ ଏବେ ବି ଏତେ ପରିମାଣର ଛେନା, ପନୀର କାରବାରକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି। କିଛି ଦୁଗ୍ଧ ଚାଷୀଙ୍କ ମତରେ ଯେଉଁସବୁ ଅଞ୍ଚଳରୁ ଏହା ଭୁବନେଶ୍ୱର ଓ କଟକକୁ ଆସୁଛି ସେହି ଅଞ୍ଚଳରେ ଉତ୍ପାଦିତ ଦୁଗ୍ଧରୁ ଏତେ ପରିମାଣରେ ଛେନା ଓ ପନୀର ପ୍ରସ୍ତୁତ କରିବା ସମ୍ଭବ ନୁହେଁ। କାରଣ ଗୋଟିଏ କିଲୋ ଛେନା କିମ୍ବା ପନୀର ପାଇଁ ୫ରୁ ୬ ଲିଟର ଖାଣ୍ଟି ଦୁଗ୍ଧ ଆବଶ୍ୟକ। ଚାଷୀମାନେ ଉତ୍ପାଦିତ କରୁଥିବା ଦୁଗ୍ଧର କିଛି ପରିମାଣ ଓମ୍‌ଫେଡ୍ ଓ ଅନ୍ୟାନ୍ୟ ଘରୋଇ ସଂସ୍ଥାକୁ ବିକ୍ରି କରିବା ପରେ ଆଉ କିଛି କ୍ଷୀରକୁ ଛେନା ଓ ପନୀର ପ୍ରସ୍ତୁତ ପାଇଁ ବ୍ୟବହାର କରିଥାନ୍ତି। କେବଳ କଟକ ଓ ଭୁବନେଶ୍ୱର ସହରରେ ଦୈନିକ ବିକ୍ରି ହେଉଥିବା ୭୦/୮୦ କ୍ୱିଣ୍ଟାଲ ଛେନା ଓ ପନୀର ବିକ୍ରି ହେଉଛି। ତେଣୁ ଅନେକ ଚାଷୀ ଏହାର ମାନକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଅନ୍ୟ ପକ୍ଷରେ ଖାଦ୍ୟ ସୁରକ୍ଷା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଉ ନ ଥିବାରୁ ସେମାନେ ଛେନା ଓ ପନୀରର ମାନ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିବା ସହ ପୂର୍ବଭଳି ବଜାରକୁ କିଣି ଖାଇବାରେ ଲାଗିଛନ୍ତି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୭ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Monday 7 September 2026, Bhubaneswar



# ଥର୍ମାଲ୍ ପ୍ଲାଣ୍ଟର ଚିରସ୍ଥାୟୀ ସଙ୍କଟ

ଭାରତର ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାରେ କୋଇଲା ଆଜି ବି ପ୍ରାୟ ୭୦ ଶତାଂଶରୁ ଅଧିକ ଅବଦାନ ରଖିଛି। ତଥାପି ପ୍ରତିବର୍ଷ, ବିଶେଷକରି ଗ୍ରୀଷ୍ମ ଓ ବର୍ଷା ଋତୁରେ, ଥର୍ମାଲ୍ ପାୱାର୍ ପ୍ଲାଣ୍ଟଗୁଡ଼ିକରେ କୋଇଲାର ଗମ୍ଭୀର ଅଭାବ ଦେଖାଯାଏ। ଅନେକ ପ୍ଲାଣ୍ଟରେ କେବଳ ୦-୫ ଦିନର ଷ୍ଟକ୍ ରହିଥାଏ। ଏହା କେବଳ ଏକ ଅସ୍ଥାୟୀ ସମସ୍ୟା ନୁହେଁ; ଏହା ଗଭୀର ଢାଞ୍ଚାଗତ, ଲଜିଷ୍ଟିକ୍ସ ଓ ନୀତିଗତ ଦୁର୍ବଳତାର ପ୍ରତିଫଳନ। ପ୍ରଥମ ଓ ପ୍ରମୁଖ କାରଣ ହେଉଛି ବିଦ୍ୟୁତ୍ ଚାହିଦାର ଦ୍ରୁତ ବୃଦ୍ଧି। ଗରମ ଓ ଆର୍ଦ୍ର ପାଣିପାଗ, ଏୟାରକଣ୍ଡିସନର୍ ବ୍ୟବହାର ବୃଦ୍ଧି ଓ ଶିଳ୍ପ କ୍ଷେତ୍ରର ବିସ୍ତାର ଯୋଗୁଁ ଚାହିଦା ଉଲ୍ଲେଖନୀୟ ଭାବେ ବଢ଼ିଛି। ବର୍ଷା ଅସମାନ ହେଲେ କିମ୍ବା କମ୍ ହେଲେ କୋଇଲା-ଆଧାରିତ ଉତ୍ପାଦନ ଉପରେ ନିର୍ଭରଶୀଳତା ଆହୁରି ବଢ଼େ। ପାୱାର୍ ପ୍ଲାଣ୍ଟଗୁଡ଼ିକ ଅଧିକ କୋଇଲା ପୋଡ଼ିବାକୁ ବାଧ୍ୟ ହୁଅନ୍ତି, ଯାହା ଷ୍ଟକ୍ ଶୀଘ୍ର ସରିଯାଏ।

ଦ୍ୱିତୀୟତଃ, ବର୍ଷା ଋତୁ ଖଣି କାର୍ଯ୍ୟକଳାପକୁ ଗମ୍ଭୀର ଭାବେ ପ୍ରଭାବିତ କରେ। ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ପ୍ରମୁଖ କୋଇଲା-ଉତ୍ପାଦକ ରାଜ୍ୟରେ ଭାରି ବର୍ଷା ହେଲେ ଖଣି କାର୍ଯ୍ୟ ବନ୍ଦ ହୋଇଯାଏ ଓ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୁଏ। ତେଣୁ ଉତ୍ପାଦନ କମିଯାଏ ଓ ପାୱାର୍ ପ୍ଲାଣ୍ଟକୁ କୋଇଲା ପହଞ୍ଚିବାରେ ବିଳମ୍ବ ହୁଏ।



ତୃତୀୟ ବଡ଼ ସମସ୍ୟା ହେଉଛି ପରିବହନ ଓ ଲଜିଷ୍ଟିକ୍ସ। କୋଇଲା ଏକ ବହୁଳ ଓ ଭାରୀ ପଦାର୍ଥ। ଏହାକୁ ଖଣିରୁ ପାୱାର୍ ପ୍ଲାଣ୍ଟକୁ ନେବା ପାଇଁ ରେଳ ଉପରେ ନିର୍ଭରଶୀଳତା ଅଧିକ। ରେକ୍ ଅଭାବ, ରେଳ ନେଟୱାର୍କର ଅସମତା ଓ ଦକ୍ଷତା ଅଭାବ ଯୋଗୁଁ ଯଥେଷ୍ଟ କୋଇଲା ଉତ୍ପାଦନ ହେଲେ ମଧ୍ୟ ପ୍ଲାଣ୍ଟକୁ ଠିକ୍ ସମୟରେ ପହଞ୍ଚେ ନାହିଁ। ଅନେକ ସମୟରେ ପ୍ଲାଣ୍ଟଗୁଡ଼ିକ ଆବଶ୍ୟକ ରେକ୍‌ର ଅଧା ମଧ୍ୟ ପାଆନ୍ତି ନାହିଁ।

ଚତୁର୍ଥତଃ, ପାୱାର୍ ପ୍ଲାଣ୍ଟଗୁଡ଼ିକ ପୂର୍ବରୁ ଯଥେଷ୍ଟ ଷ୍ଟକ୍ ଗଢ଼ି ରଖନ୍ତି ନାହିଁ। ମନସୁନ୍ ପୂର୍ବରୁ କିମ୍ବା ଚାହିଦା ବୃଦ୍ଧି ପୂର୍ବରୁ ଯଥେଷ୍ଟ କୋଇଲା ମହଜୁଦ୍ ନ କରିବା ଯୋଗୁଁ ସଙ୍କଟ ଆହୁରି ଗମ୍ଭୀର ହୁଏ। କୋଲ୍ ଇଣ୍ଡିଆ ଲିମିଟେଡ୍ ଯଦିଓ ଦେଶର ପ୍ରାୟ ୮୦ ଶତାଂଶ କୋଇଲା ଉତ୍ପାଦନ କରେ, ତଥାପି ଉତ୍ପାଦନ ବୃଦ୍ଧି ହାର ଚାହିଦା ସହ ସର୍ବଦା ମେଳ ଖାଇପାରେ ନାହିଁ। ଦେଶୀୟ କୋଇଲାର ଗୁଣବତ୍ତା (ଅଧିକ ଆସ୍ ଥିବା) ମଧ୍ୟ ଏକ ସମସ୍ୟା। କିଛି ପ୍ଲାଣ୍ଟ ଆମଦାନୀ କୋଇଲା ଉପରେ ନିର୍ଭର କରନ୍ତି, କିନ୍ତୁ ଆନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ଓ ଯୋଗାଣ ଅନିଶ୍ଚିତତା ଏହାକୁ କଷ୍ଟକର କରିଦିଏ। ନୀତିଗତ ଓ ଢାଞ୍ଚାଗତ ଦୁର୍ବଳତା ମଧ୍ୟ ଦାୟୀ। ଅତୀତରେ କ୍ୟାପ୍ଟିଭ୍ ଖଣି ବଣ୍ଟନରେ ଅନିୟମିତତା, ଉତ୍ପାଦନ ଲକ୍ଷ୍ୟ ଓ ବାସ୍ତବତା ମଧ୍ୟରେ ଅନ୍ତର, ଏବଂ ପରିବହନ ଅବକାଠାମୋର ଅଭାବ ଏହି ସଙ୍କଟକୁ ଚିରସ୍ଥାୟୀ କରିଛି। କୋଇଲା କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି ଓ ବାଣିଜ୍ୟିକ ଖଣି ଖୋଲିବାର ଉଦ୍ୟମ ଥିଲେ ମଧ୍ୟ ଫଳାଫଳ ଏପର୍ଯ୍ୟନ୍ତ ସୀମିତ।

ଏହି ସଙ୍କଟ କେବଳ ବିଦ୍ୟୁତ୍ କଟ୍ ଆଣେ ନାହିଁ; ଏହା ଶିଳ୍ପ, କୃଷି ଓ ସାଧାରଣ ଜୀବନକୁ ପ୍ରଭାବିତ କରେ। ସମାଧାନ ପାଇଁ ବହୁମୁଖୀ ପଦକ୍ଷେପ ଦରକାର। ପ୍ରଥମେ, ପାୱାର୍ ପ୍ଲାଣ୍ଟଗୁଡ଼ିକୁ ବାଧ୍ୟ କରାଯିବା ଉଚିତ ଯେ ସେମାନେ ଋତୁ ପୂର୍ବରୁ ଯଥେଷ୍ଟ ଷ୍ଟକ୍ ଗଢ଼ନ୍ତୁ। ଦ୍ୱିତୀୟତଃ, ରେଳ ପରିବହନ କ୍ଷମତା ବୃଦ୍ଧି, ନୂତନ ରେଳ ଲାଇନ୍ ଓ ଡେଡିକେଟେଡ୍ କୋଇଲା କରିଡର୍ ବିକାଶ ଜରୁରୀ। ତୃତୀୟତଃ, କୋଲ୍ ଇଣ୍ଡିଆ ଓ ଅନ୍ୟ ଉତ୍ପାଦକମାନଙ୍କର ଦକ୍ଷତା ବୃଦ୍ଧି, ଆଧୁନିକ ଖଣି ପ୍ରଯୁକ୍ତି ଓ ଗୁଣବତ୍ତା ନିୟନ୍ତ୍ରଣ ଆବଶ୍ୟକ। ଚତୁର୍ଥତଃ, ନବୀକରଣଯୋଗ୍ୟ ଶକ୍ତିର ବୃଦ୍ଧି ସହିତ କୋଇଲାର ନିର୍ଭରଶୀଳତା ଧୀରେ ଧୀରେ କମାଇବା ଉଚିତ, କିନ୍ତୁ ତାତ୍କାଳିକ ଚାହିଦା ପୂରଣ ପାଇଁ କୋଇଲା ଯୋଗାଣ ସୁନିଶ୍ଚିତ କରିବା ବି ସମାନ ଗୁରୁତ୍ୱପୂର୍ଣ୍ଣ। ସରକାର, କୋଲ୍ ଇଣ୍ଡିଆ, ରେଳ ବିଭାଗ ଓ ପାୱାର୍ କମ୍ପାନୀମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ଏହି ବାର୍ଷିକ ସଙ୍କଟକୁ ନିୟନ୍ତ୍ରଣ କରାଯାଇପାରିବ। କୋଇଲା ଅଭାବ କେବଳ ଏକ ଶକ୍ତି ସମସ୍ୟା ନୁହେଁ; ଏହା ଆମ ଅର୍ଥନୀତି ଓ ଜନଜୀବନର ସ୍ଥିରତା ସହ ଜଡ଼ିତ। ସମୟସୀମା ମଧ୍ୟରେ ବ୍ୟବସ୍ଥାଗତ ସୁଧାର ନ ହେଲେ ଏହି ସଙ୍କଟ ପୁନରାବୃତ୍ତି ହେବ।

## ଧର୍ମେନ୍ଦ୍ରଙ୍କ ଦୂରଦୃଷ୍ଟିଃ ପ୍ରକୃତିର କୋଳରୁ ବିଶ୍ୱ ମାନଚିତ୍ରରେ ଦେବ୍ରିଗଡ଼ର ନବ ଦିଗନ୍ତ

ଅବିରତ ପ୍ରଧାନ



ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ଦେବ୍ରିଗଡ଼ ଏକ ଆନ୍ତର୍ଜାତୀୟ ପ୍ରକୃତି ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେଉଛି। ହୀରାକୁଦ ଜଳାଶୟ କୂଳରେ ଅବସ୍ଥିତ ଦେବ୍ରିଗଡ଼କୁ ଏକ ବିଶ୍ୱସ୍ତରୀୟ ପରିବେଶ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ଭାବେ କାର୍ଯ୍ୟ କରିଆସୁଛନ୍ତି। ଦେବ୍ରିଗଡ଼କୁ ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରିବା ପାଇଁ ୭୧.୧୯ କୋଟିରୁ ଅଧିକ ବ୍ୟୟରେ ପ୍ରକଳ୍ପ ଅନୁମୋଦନ କରାଯାଇଛି। ଏଥିରେ ନୂତନ ସଫାରୀ ଗାଡ଼ି, କ୍ରୁଜ୍ ବୋଟ୍, ଟେଣ୍ଟ ହାଉସ୍ ଏବଂ ପ୍ରକୃତି ଶିକ୍ଷା କେନ୍ଦ୍ର ଭଳି ଅତ୍ୟାଧୁନିକ ସୁବିଧା ଅନ୍ତର୍ଭୁକ୍ତ ଅଛି। #DEKHOAPNADESH' ଦୂରଦୃଷ୍ଟିକୁ ଆଧାର କରି ମାନ୍ୟବର ସାଂସଦ ଦେବ୍ରିଗଡ଼ରେ 'ଧୋଦ୍ରୋକୁସୁମ' ଭଳି ପ୍ରକୃତି ଭିତ୍ତିକ ହୋମ-ଷ୍ଟେ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରି ଆବଶ୍ୟକୀୟ ସହଯୋଗ ସହିତ ସଠିକ କ୍ରିୟାନ୍ୱୟନ ନିମନ୍ତ ନିରନ୍ତର ପ୍ରୟାଶ କରି ଆସୁଛନ୍ତି। ଏହାଦ୍ୱାରା ଦେବ୍ରିଗଡ଼ ପର୍ଯ୍ୟଟନରୁ ବାର୍ଷିକ କେଟି କୋଟି ଟଙ୍କା ରାଜସ୍ୱ ମିଳିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବିକାରେ ବଡ଼ ଉନ୍ନତି ଆସିଛି। ଦେବ୍ରିଗଡ଼କୁ ଓଡ଼ିଶାର ତୃତୀୟ ବ୍ୟାଘ୍ର ପ୍ରକଳ୍ପ ଭାବେ ଗଢ଼ିବା ସହ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପର୍ଯ୍ୟଟନ ଆକର୍ଷଣକୁ ଦୁଇଗୁଣିତ କରିବା ପାଇଁ ନିରନ୍ତର କାର୍ଯ୍ୟ ଜାରି ରହିଛି।" ସମ୍ବଲପୁରର ମାନ୍ୟବର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଏବଂ ନିରନ୍ତର ପ୍ରୟାସ ବଳରେ 'ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ' ଆଜି ବିକାଶର ଏକ ନୂତନ ଶିଖର ଛୁଇଁପାରିଛି। ତାଙ୍କରି ମାର୍ଗଦର୍ଶନରେ ଏହି ଅଞ୍ଚଳରେ ପରିବେଶ ପର୍ଯ୍ୟଟନ ଓ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ବ୍ୟାପକ ସଫଳତା ମିଳିଛି। ନିଶ୍ଚିତ ଭାବେ, ତାଙ୍କର ଏହି ପ୍ରଶଂସନୀୟ ଉଦ୍ୟମ ଆଗାମୀ ଦିନରେ ଦେବ୍ରିଗଡ଼କୁ ବିଶ୍ୱ ଦରବାରରେ ଓଡ଼ିଶାର ଏକ ଗୌରବମୟ ସ୍ୱତନ୍ତ୍ର ପରିଚୟ ଭାବେ ପ୍ରତିଷ୍ଠିତ କରିବ।

# ଉପଗ୍ରହର ବହୁଳତା ଓ ତତ୍‌ଜନିତ ସମସ୍ୟା





ଡା. ରାଜକିଶୋର ପଣ୍ଡା

ପୃଥିବୀର କକ୍ଷପଥରେ ଭିଡ଼ କ୍ରମଶଃ ବଢ଼ିବାରେ ଲାଗିଛି। ଏବେ ଆମ ଗ୍ରହ ଚାରିପଟେ, ପାଖାପାଖି ଷୋହଳହଜାର କୃତ୍ରିମ ଉପଗ୍ରହ (ଝବଷ୍ମରକ୍ଷକସଷ୍ମର) ଘୁରୁଛନ୍ତି, ଯେଉଁମାନେ କି ଜିପିଏସ୍ ନାଭିଗେସନ୍, ଜଳବାୟୁର ଭବିଷ୍ୟବାଣୀଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ଜରୁରୀକାଳୀନ ସେବା ଓ ଇଣ୍ଟରନେଟ୍ ସଞ୍ଚାର ଭଳି ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି। ବର୍ତ୍ତମାନ ସମୟରେ ପ୍ରତି ସପ୍ତାହରେ ଭୂପୃଷ୍ଠରୁ ମହାକାଶକୁ ସାଟେଲାଇଟ୍ ମାନ ଲଞ୍ଚ କରାଯାଉଛି। ଜାନୁୟାରୀ ତିରିଶ ୨୦୨୬ ରେ ଏଲନ୍ ମସ୍କଙ୍କର କମ୍ପାନୀ "ସ୍ପେସ୍ଏକ୍ସ" (ଝକ୍ସବମରଙ୍ଗ) ଆମେରିକାର ଫେଡେରାଲ୍ କମ୍ୟୁନିକେସନ୍ କମିସନ୍ ନିକଟରେ ଏକ ଦରଖାସ୍ତ ଦାଖଲ କରିଛି ସାଟେଲାଇଟ୍ ସମ୍ପର୍କିତ। ଏହି ଦରଖାସ୍ତ ଅନୁଯାୟୀ କମ୍ପାନୀ ମହାକାଶରେ ଥିବା ଡାଟା ସେଣ୍ଟରମାନଙ୍କୁ ଶକ୍ତି ଯୋଗାଇବା ପାଇଁ ସେଠାକୁ ଏକ ମିଲିଅନ୍ ସାଟେଲାଇଟ୍ ପଠାଇବ। ଏହି ସାଟେଲାଇଟ୍ ଗୁଡ଼ିକ ପୃଥିବୀର ନିମ୍ନ କକ୍ଷପଥ (ପାଞ୍ଚଶହରୁ ଦୁଇହଜାର କି.ମି. ମଧ୍ୟରେ) ସ୍ଥାପନ କରାଯିବ। ବିଶ୍ୱବ୍ୟାପୀ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସାଟେଲାଇଟ୍ ଉତ୍କ୍ଷେପଣ ପ୍ରକ୍ରିୟା ମଧ୍ୟରେ ସ୍ପେସ୍ଏକ୍ସର ପ୍ରକଳ୍ପ ସାମ୍ପ୍ରତିକ ସମୟରେ ବୃହତ୍ତମ। ଏହି ସାଟେଲାଇଟ୍ ଗୁଡ଼ିକ, କେବଳ ଗୋଟିଏ ଲକ୍ଷ୍ୟ ନେଇ ସେମାନଙ୍କର କାର୍ଯ୍ୟ କରିଥାନ୍ତି ଓ ସେମାନଙ୍କର ଜୀବନଚକ୍ର ପାଖାପାଖି ପାଞ୍ଚବର୍ଷ ହୋଇଥାଏ। ଅନୁମାନ କରାଯାଉଛି କି, ୨୦୩୦ ସୁଦ୍ଧା ସାଟେଲାଇଟ୍ ଗୁଡ଼ିକର ସମୁଦାୟ ସଂଖ୍ୟା ପୃଥିବୀ ଚାରିପାଖରେ ଏକଲକ୍ଷରୁ ଅଧିକ ହୋଇଯିବ। ଆହୁରି ମଧ୍ୟ ବିଭିନ୍ନ ଦେଶ ଓ ବେସରକାରୀ କମ୍ପାନୀ ତରଫରୁ ପ୍ରାୟ ୧.୨୩ ମିଲିଅନ୍ ସାଟେଲାଇଟ୍ ପ୍ରକଳ୍ପ ସ୍ଥିରୀକୃତ କରାଯାଇଛି ଓ ଏଗୁଡ଼ିକ ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ନିର୍ମିତ ହେଉଛନ୍ତି। ଉପଗ୍ରହ ଗୁଡ଼ିକର ମଞ୍ଜୁରୀ ପାଇଁ କମ୍ପାନୀ ବା ଦେଶଗୁଡ଼ିକ ସୀମିତ ବୈଷୟିକ ତଥ୍ୟକୁ ନିୟନ୍ତ୍ରକମାନଙ୍କୁ ପ୍ରଦାନ କରିଥାନ୍ତି। ଏହି ତଥ୍ୟରେ ସାଂସ୍କୃତିକ, ଧାର୍ମିକ ଓ ପାରିବେଶିକ ପରିଣତିକୁ ହିସାବରେ ନିଆଯାଇନଥାଏ ଯାହାକି ଭବିଷ୍ୟତ ପାଇଁ ବିପଜ୍ଜନକ। ସାଟେଲାଇଟ୍‌ର ସଂଖ୍ୟାରେ ହେଉଥିବା ଅହେତୁକ ବୃଦ୍ଧି ହେତୁ ଗମ୍ଭୀର ସମସ୍ୟାମାନ ସୃଷ୍ଟି ହେଉଛି। ଏଠାରେ ପ୍ରଶ୍ନ ଉଠୁଛି କି ଆମେମାନେ କିପରି ପୃଥିବୀର କକ୍ଷୀୟ ବାତାବରଣକୁ ସୁରକ୍ଷିତ ଭାବରେ ପରିଚାଳିତ କରିପାରିବା ଏବଂ ଏହା ମଧ୍ୟ ସୁନିଶ୍ଚିତ କରିବା, ଯେଉଁ ସାଟେଲାଇଟ୍‌ଗୁଡ଼ିକ ଉପରେ ଆମ୍ଭେମାନେ ବ୍ୟାପକ ଭାବରେ ନିର୍ଭରଶୀଳ, ସେଗୁଡ଼ିକ ଯେପରି ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରନ୍ତି।

ଆକାଶରେ ଅଧିକ ମାତ୍ରାରେ ସାଟେଲାଇଟ୍ ରହିବା, ଆଲୋକ ପ୍ରଦୂଷଣକୁ ବୃଦ୍ଧି କରିଥାଏ, ଯାହାଦ୍ୱାରା ଜ୍ୟୋତିର୍ବିଜ୍ଞାନ ଓ ରାତ୍ରିକାଳୀନ ଆକାଶ ସହିତ ଜଡ଼ିତ ବିଭିନ୍ନ ଗତିବିଧିରେ ବାଧା ଆସିଥାଏ। ପରବର୍ତ୍ତୀ ସମୟରେ ନୈଶ ଆକାଶ ଆଗାମୀ ପିଢ଼ିମାନଙ୍କ ପାଇଁ ସ୍ଥାୟୀ ଭାବରେ ପରିବର୍ତ୍ତିତ ହୋଇଥାଏ। ନିକଟରେ ଏହି ଲେଖକ ସାମାଜିକ ଗଣମାଧ୍ୟମରେ ଗୋଟିଏ ଭିଡିଓ ଦେଖିଥିଲା। ଭିଡିଓ ଅନୁଯାୟୀ ଆମ୍ଭମାନଙ୍କ ତୁଳନାରେ ଡାଇନୋସୋର୍‌ମାନେ ଏକ ନିର୍ମଳତର ଆକାଶ ଦେଖିଥିଲେ, କାରଣ ସେମାନଙ୍କ ସମୟରେ କୃତ୍ରିମ ଉପଗ୍ରହ, କଳକାରଖାନା ଓ ଯାନବାହନର ନିର୍ଗତ ଧୂଆଁ ଆଦି ନଥିଲା।

ପୃଥିବୀର ନିମ୍ନକକ୍ଷରେ ଥିବା ସାଟେଲାଇଟ୍ ଗୁଡ଼ିକ ସୂର୍ଯ୍ୟାଲୋକକୁ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟର ଯଥାକ୍ରମେ ଦୁଇଘଣ୍ଟା ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ସମୟ ପର୍ଯ୍ୟନ୍ତ ପ୍ରତିଫଳିତ କରିଥାନ୍ତି। ଏଗୁଡ଼ିକର ଔଜ୍ଜ୍ୱଲ୍ୟକୁ କମ୍ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଗଲେ ମଧ୍ୟ ବୃହତ୍ ଆକାରର ସାଟେଲାଇଟ୍ ଗୁଡ଼ିକ ଆକାଶରେ ଗୋଟିଏ ଚଳମାନ ବିନ୍ଦୁ (ଗକ୍ଷଙ୍ଗସଭଶ ଚକ୍ଷସଭଗ୍ଧ) ସଦୃଶ ଦେଖାଯାନ୍ତି। ୨୦୨୧ ରେ ଜ୍ୟୋତିର୍ବିଦ୍‌ମାନଙ୍କର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି କି, ଆଗାମୀ ଦଶବର୍ଷରୁ କମ୍ ସମୟ ମଧ୍ୟରେ ନୈଶ ଆକାଶରେ ଦେଖାଯାଉଥିବା ପ୍ରତି ପନ୍ଦରଟି ଆଲୋକ ମଧ୍ୟରୁ ଗୋଟିଏ ହେବ ଏକ ଚଳମାନ ସାଟେଲାଇଟ୍। ବହୁ ସଂଖ୍ୟାରେ ସ୍ଥାପିତ ହେଲା ପରେ ସାଟେଲାଇଟ୍ ଗୁଡ଼ିକର ନୈଶ ଆକାଶ ଉପରେ ପଡୁଥିବା କୁପ୍ରଭାବକୁ ଆମେ ପରିବର୍ତ୍ତନ କରିପାରିବା ନାହିଁ। ଏହି ପ୍ରକ୍ରିୟା ଅବ୍ୟାହତ ରହିଲେ ପ୍ରତ୍ୟେକ ନୂତନପିଢ଼ି ନିଜର ପୂର୍ବବର୍ତ୍ତୀ ପିଢ଼ିଠାରୁ ଏକ କ୍ଷୟପ୍ରାପ୍ତ (ଡରଶକ୍ସବୟରୟ) ନୈଶ ଆକାଶ ପାଇବ। ଏହାକୁ କୁହାଯାଏ "ସିଫ୍‌ଟିଙ୍ଗ୍ ବେସଲାଇନ୍ ସିଣ୍ଡ୍ରୋମ୍" (ଝଷସଲଷ୍ମସଭଶ ଈବଷ୍ଟରକ୍ଷସଭର ଝଚ୍ଛଭୟକ୍ସକ୍ଷଙ୍ଖର)। ଏହି ସିଣ୍ଡ୍ରୋମ୍ ଅନୁଯାୟୀ ପ୍ରତ୍ୟେକଟି ନୂତନ ପିଢ଼ି, ନିଜର ପୂର୍ବପିଢ଼ିଠାରୁ କ୍ଷତିଗ୍ରସ୍ତ ପରିବେଶମାନ ପ୍ରାପ୍ତ କରିଥାନ୍ତି।

ଅଧିକ ଉପଗ୍ରହର ଅର୍ଥ, ଅନ୍ତରୀକ୍ଷରେ ବେଶୀ ଟ୍ରାଫିକ୍, ଉପଗ୍ରହ ଗୁଡ଼ିକର ନିଜ ନିଜ ମଧ୍ୟରେ ଧକ୍କା ହେବାର ଆଶଙ୍କା ଓ ବର୍ଜ୍ୟବସ୍ତୁର ବୃଦ୍ଧି। ସବୁଠାରୁ ଚିନ୍ତାର ବିଷୟ ଏହା ଯେ ବିଭିନ୍ନ ଅକାମୀ ଉପଗ୍ରହର ବର୍ଜ୍ୟବସ୍ତୁଗୁଡ଼ିକ ପରସ୍ପର ସହିତ ପିଟି ହୋଇ ଏକ ଚେନ୍ ରିଆକ୍ସନ୍ (ଉଷବସଭ ଜରବମଷ୍ମସକ୍ଷଭ) ମଧ୍ୟ ସୃଷ୍ଟି କରିପାରନ୍ତି, ଯାହାକୁ ରୋକିବା କଷ୍ଟକର ହୋଇପଡ଼ିବ। ଏହାକୁ "କେସଲର୍ ସିଣ୍ଡ୍ରୋମ୍" ବୋଲି କୁହାଯାଏ। ଏଥିରେ ପୃଥିବୀର ଚାରିପାଖରେ ବର୍ଜ୍ୟବସ୍ତୁର ବାଦଲ ସୃଷ୍ଟି ହେବା ସାଙ୍ଗକୁ କକ୍ଷପଥଟି ମଧ୍ୟ ବିପର୍ଯ୍ୟସ୍ତ ହୋଇ ପଡ଼ିବ, ଯାହାଦ୍ୱାରା କୌଣସି ଉପଗ୍ରହ ବା ରକେଟ୍ ଉତ୍‌କ୍ଷେପଣ କରିବା ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହେବ। ଏହାଠାରୁ କମ୍ ଚିନ୍ତାଜନକ ପରିସ୍ଥିତିରେ ପୁରୁଣା, ଅକାମୀ ହୋଇଯାଇଥିବା "ସାଟେଲାଇଟ୍" ନିୟନ୍ତ୍ରଣ ବିହୀନ ଭାବରେ ବାୟୁମଣ୍ଡଳକୁ ମଧ୍ୟ ଆସିପାରିବ। ତେଣୁ ଆଲୋଚ୍ୟ ବିଷୟବସ୍ତୁ ହେଉଛି କି, ଯଦି ଆମେ ସାଟେଲାଇଟ୍ ଗୁଡ଼ିକୁ ମରାମତି ନିମନ୍ତେ ଭୂପୃଷ୍ଠକୁ ଆଣିପାରିବା ନାହିଁ, ତେବେ ଭୂମିରୁ ଶହ ଶହ କି.ମି. ଉପରେ ଥିବା ହଜାର ହଜାର ସାଟେଲାଇଟ୍ ଗୁଡ଼ିକର ଉଚିତ୍ ତଦାରଖ ଓ ମରାମତି ହେବ କିପରି?

ଏହି ବର୍ଷ ମାର୍ଚ୍ଚରେ ଏକ ଗମ୍ଭୀର ସମସ୍ୟା ସାମ୍ନାକୁ ଆସିଲା, ଯେତେବେଳେ ନାସାର ଏକ ବୃହତ୍ ଉପଗ୍ରହ ଅନିୟନ୍ତ୍ରିତ ଭାବରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲା। ସାଟେଲାଇଟ୍‌ର ନାମ ଥିଲା "ଭ୍ୟାନ୍ ଆଲେନ୍ ପ୍ରୋବ୍ ଏ"। ଓଜନ ୧୩୨୩ ପାଉଣ୍ଡ (୬୦୦ କି.ଗ୍ରା)। ୨୦୧୨ ମସିହାରେ ଏହାକୁ ମହାକାଶକୁ ପଠାଯାଇଥିଲା ଓ ପୃଥିବୀର ବିକିରଣ ବିଷୟରେ ତଥ୍ୟ ଦେବା ଥିଲା ଏହି ସାଟେଲାଇଟ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୨୦୧୯ ରେ ଜାଳେଣୀ ସରିଯିବାରୁ ଏହା ଅକାମୀ ହୋଇ ପଡ଼ିଥିଲା। ଏହି ଘଟଣାଟି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷଜ୍ଞମାନେ ଉପଗ୍ରହଟିର ତଳକୁ ଖସିବା ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ଭାବରେ ନଜର ରଖିବା ସହିତ, ଏହା ମଧ୍ୟ ଆଶଙ୍କା ପ୍ରକାଶ କରିଥିଲେ କି, ଭବିଷ୍ୟତରେ କୌଣସି ବୃହତ୍ ଉପଗ୍ରହ ଅନିୟନ୍ତ୍ରିତ ଭାବରେ ଜନବହୁଳ ଅଞ୍ଚଳରେ ପଡ଼ିଲେ ବ୍ୟାପକ କ୍ଷୟକ୍ଷତି ହୋଇପାରେ। ଉପରୋକ୍ତ ଘଟଣାଟି ଇଙ୍ଗିତ କରୁଛି କି, ଉପଗ୍ରହ ସର୍ବଦା କାର୍ଯ୍ୟକ୍ଷମ ନଥାଏ ଓ କୌଣସି ମେସିନ୍ ପରି ଏହା ପୁରୁଣା ମଧ୍ୟ ହୁଏ। ଏଥିରେ ଥିବା ବ୍ୟାଟେରୀ ପର୍ଯ୍ୟାୟକ୍ରମେ ଖରାପ ହୋଇଥାଏ। ମହାକାଶର କଠୋର ପରିବେଶ ଉପଗ୍ରହଟି ଉପରେ ଧୀରେଧୀରେ ପ୍ରଭାବ ପକାଏ। ଉଡ଼ାଜାହାଜ, କାର୍‌ର ବିପରୀତରେ ଆମେ ଉପଗ୍ରହକୁ ସଜାଡ଼ିବା ପାଇଁ ୱାର୍କସପ୍‌କୁ ଆଣିପାରିବା ନାହିଁ। ଥରେ ମହାକାଶକୁ ଉତ୍‌କ୍ଷେପଣ କରାଗଲେ ସାଟେଲାଇଟ୍ ଗୁଡ଼ିକ ତୀବ୍ର ବିକିରଣ, ଉଚ୍ଚ ତାପମାତ୍ରା, ବର୍ଦ୍ଧିଷ୍ଣୁ ଯାନ୍ତ୍ରିକ ଚାପର ପରିବେଶ ମଧ୍ୟରେ କାର୍ଯ୍ୟ କରିଥାନ୍ତି। ଉପଗ୍ରହଟିର ସ୍ୱାସ୍ଥ୍ୟ ନିରୀକ୍ଷଣ ମୁଖ୍ୟତଃ ଭୂପୃଷ୍ଠରୁ ହୋଇଥାଏ। ଏଥିରେ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ସହାୟତା କରିଥାଏ "ଟେଲିମେଟ୍ରି" ଜନିତ ତଥ୍ୟ। ଟେଲିମେଟ୍ରି ପ୍ରକ୍ରିୟାରୁ ସାଟେଲାଇଟ୍‌ର ବ୍ୟାଟେରୀର ପ୍ରଦର୍ଶନ, ତାପମାତ୍ରା, ବିଦ୍ୟୁତଶକ୍ତିର ବିନିଯୋଗ ପରିମାଣ ଆଦି ବିଷୟରେ ସବିଶେଷ ତଥ୍ୟ ମିଳିଥାଏ। ବୈଜ୍ଞାନିକମାନେ ଏହି ସୂଚନାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ସମ୍ଭାବ୍ୟ ଦୁର୍ଘଟଣାକୁ ପ୍ରତିରୋଧ କରିଥାନ୍ତି। ଦଶକ ଦଶକ ଧରି ଏହି ଟେଲିମେଟ୍ରି ପ୍ରକ୍ରିୟାଟି ସୁନ୍ଦର ଭାବରେ କାର୍ଯ୍ୟ କରି ଆସୁଛି। ଏବେ କିନ୍ତୁ ସାଟେଲାଇଟ୍‌ର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇବା ସାଙ୍ଗକୁ ଏହି ପ୍ରକ୍ରିୟାଟିକୁ ପରିଚାଳନା କରିବା କଷ୍ଟକର ହୋଇପଡ଼ିବ। ଏହାର କାରଣ ହେଉଛି ଯେକୌଣସି ମନୁଷ୍ୟକୃତ ବ୍ୟବସ୍ଥା ଗୋଟିଏ ଥରରେ ସୀମିତ ପରିମାଣର ତଥ୍ୟକୁ ହିଁ ବିଶ୍ଳେଷଣ କରିପାରେ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତାର ଯେଉଁ ପ୍ରଭୂତ ଉନ୍ନତି ସାଧିତ ହୋଇଛି, ଏହାକୁ ମଧ୍ୟ ଉପଗ୍ରହର ରକ୍ଷଣାବେକ୍ଷଣରେ ବ୍ୟବହାର କରାଯାଇପାରିବ। ଗବେଷକମାନେ ଉଦ୍ୟମ କରୁଛନ୍ତି ଯେ, ଏ.ଆଇ ଦ୍ୱାରା ସାଟେଲାଇଟ୍‌ର କୌଣସି ସମସ୍ୟାର ପ୍ରାରମ୍ଭିକ ସଙ୍କେତକୁ କିପରି ଚିହ୍ନଟ କରାଯାଇପାରିବ ଓ ତୁରନ୍ତ ଏହାର ସମାଧାନ କରି ମହାକାଶ ମିଶନଟିକୁ ବଞ୍ଚାଯାଇପାରିବ।

ସାଟେଲାଇଟ୍ ଗୁଡ଼ିକ ପରସ୍ପର ସାଙ୍ଗରେ ଧକ୍କା ନ ହେବା ପାଇଁ ଏଥିରେ ଧକ୍କା ନିରୋଧୀ ବ୍ୟବସ୍ଥାର ପ୍ରୟୋଗ କରାଯାଇଥାଏ। କିନ୍ତୁ ମାତ୍ରାଧିକ ଉପଗ୍ରହ ଯୋଗୁଁ ଯଦି ଏହି ବ୍ୟବସ୍ଥାଟି କାର୍ଯ୍ୟକାରୀ ନ ହୋଇପାରିଲା ତେବେ ପ୍ରତି ୩.୮ ଦିନରେ ଗୋଟିଏ ବୃହତ୍ ଧକ୍କା ଜନିତ ଦୁର୍ଘଟଣାର ସମ୍ଭାବନା ଅଛି, ଯାହାକି ବାଟ କଢ଼ାଇ ନେବ କେସ୍‌ଲର ସିଣ୍ଡ୍ରୋମ୍‌କୁ। ଉଡ଼ାଜାହାଜ ଚଳାଚଳରେ ଥିବା ଏଭିଏସନ୍ ଟ୍ରାଫିକ୍ ପରି ମହାକାଶରେ କୌଣସି ବ୍ୟବସ୍ଥା ନାହିଁ। ଉପଗ୍ରହ ଜନିତ ଆଲୋକ ପ୍ରଦୂଷଣଦ୍ୱାରା ନୈଶ ଆକାଶର ପାରମ୍ପରିକ ବ୍ୟବହାର ମଧ୍ୟ ଭବିଷ୍ୟତରେ ବାଧାପ୍ରାପ୍ତ ହେବ। ଏଥିରେ ଧାର୍ମିକ ବ୍ୟବହାର ମଧ୍ୟ ଅନ୍ତର୍ଭୁକ୍ତ।

ମାତ୍ରାଧିକ ସାଟେଲାଇଟ୍‌ର ଉତ୍‌କ୍ଷେପଣରେ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନର ବ୍ୟବହାର ହୋଇଥାଏ। ଏହା ଯୋଗୁଁ ଓଜୋନ୍ ସ୍ତର କ୍ଷତିଗ୍ରସ୍ତ ହୁଏ। ଉପଗ୍ରହ ଗୁଡ଼ିକ ନିଜର କାର୍ଯ୍ୟ ସମାପନ କରିସାରିଲା ପରେ ସେଗୁଡ଼ିକୁ ବାୟୁମଣ୍ଡଳରେ ଜଳାଇ ଧ୍ୱଂସ କରିବାର ବ୍ୟବସ୍ଥା ମଧ୍ୟ ଥାଏ। ଏହା ଦ୍ୱାରା ବିପୁଳ ପରିମାଣରେ ଧାତବ ଗୁଣ୍ଡ ଷ୍ଟ୍ରାଟୋସ୍ଫିଅର୍‌ରେ ଜମା ହୋଇ ପରିବେଶ ପ୍ରଦୂଷଣ କରିବା ସାଙ୍ଗକୁ ଓଜୋନ୍ ସ୍ତରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ।

ଏବେ ଆସିବା ନ୍ୟାୟିକ ଦିଗକୁ। ଆନ୍ତର୍ଜାତିକ ମହାକାଶ ନିୟମ (ଓଭଷ୍ମରକ୍ସଭବଷ୍ମସକ୍ଷଭ ଝକ୍ସବମର ଖବଙ୍ଗ) ଅନୁଯାୟୀ, ଉପଗ୍ରହ ପ୍ରସଙ୍ଗରେ କେବଳ ଦେଶକୁ ଦାୟୀ କରାଯାଇପାରିବ, କୌଣସି କମ୍ପାନୀକୁ ନୁହେଁ। ଏହି ସକାଶେ ମହାକାଶ ବିଶେଷଜ୍ଞମାନେ ଦାବି କରୁଛନ୍ତି କି, ଭବିଷ୍ୟତରେ କୌଣସି ଉପଗ୍ରହ ହେତୁ ଯଦି ପରିବେଶ ପ୍ରଦୂଷଣ, ବିପର୍ଯ୍ୟୟ ଆଦି ହେଲା, ସେଥିରେ ସମ୍ପୃକ୍ତ କମ୍ପାନୀ ଉତ୍ତରଦାୟୀ ହେବା ପାଇଁ ବ୍ୟବସ୍ଥା ରହୁ। ଲେଖକର ମତରେ ଏକ ମିଲିଅନ୍ ସାଟେଲାଇଟ୍ ଉତ୍‌କ୍ଷେପଣ କରିବା ଅପେକ୍ଷା, ଉପଗ୍ରହ ଗୁଡ଼ିକୁ ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ କରାଯିବାର ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଉପଗ୍ରହଗୁଡ଼ିକ ଯେପରି ନିଜ ଅବସ୍ଥା ଉପରେ ନଜର ରଖିପାରିବେ, କୌଣସି ସମସ୍ୟାକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିପାରିବେ ଓ ସେମାନଙ୍କ ଯୋଗୁଁ ମଣିଷ ସମାଜକୁ ମିଳୁଥିବା ସେବା ନିରନ୍ତରତାର ସହ କିପରି ଜାରି ରହିବ, ବୈଜ୍ଞାନିକମାନେ ସେଥିରେ ମନୋନିବେଶ କରନ୍ତୁ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

# ଦଳର ସ୍ଥିତି ନାହିଁ, ହେଲେ ଚାନ୍ଦା ମିଳୁଛି କୋଟି କୋଟି





ଗୋପାଳ ମହାପାତ୍ର

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ରାଜନୈତିକ ଦଳ ଜନମତର ବାହକ ବୋଲି କୁହାଯାଏ। ରାଜନୈତିକ ଦଳମାନେ ନିର୍ବାଚନ ଲଢ଼ିଥାନ୍ତି, ଲୋକଙ୍କୁ ସେମାନଙ୍କ ଦଳର ବିଚାରଧାରା ପ୍ରସଙ୍ଗରେ ଅବଗତ କରାଇଥାନ୍ତି ଏବଂ ଜନତାଙ୍କ ସମସ୍ୟା ଲୋକସଭା ବା ବିଧାନସଭାରେ ଉଠାଇଥାନ୍ତି। କିନ୍ତୁ ବିଗତ କିଛି ବର୍ଷ ହେବ ଏକ ବିଚିତ୍ର ପ୍ରବୃତ୍ତି ଦେଖିବାକୁ ମିଳୁଛି। ଦେଶରେ ଏମିତି ଅନେକ ପଂଜିକୃତ ହୋଇଥିବା ରାଜନୈତିକ ଦଳ ରହିଛନ୍ତି ଯେଉଁମାନଙ୍କର ଜନମତ ବା ଜନତାଙ୍କ ସହ କିଛି ସମ୍ପର୍କ ନାହିଁ କିମ୍ବା ଏମାନେ ନିର୍ବାଚନ ଲଢ଼ି ନାହାନ୍ତି। କାଗଜ କଲମରେ ଥିବା ଏହିଭଳି ରାଜନୈତିକ ଦଳମାନଙ୍କର ସ୍ଥିତିନଥାଇ ମଧ୍ୟ ଏମାନଙ୍କ ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଆସୁଛି। ଏହି ଘଟଣା ଯେ ଆଜିର ତାହାନୁହେଁ। ଏହା ଏବେ ଯେ କେବଳ ରାଜନୈତିକ ଅର୍ଥ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ତାହାନୁହେଁ ବଂର ଗଣତନ୍ତ୍ରର ପାରଦର୍ଶିତା ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଦେଶରେ ୨୮୦୦ରୁ ଅଧିକ ରାଜନୈତିକ ଦଳ ଅଛନ୍ତି। ଏମାନେ ସବୁ ପଂଜିକୃତ। ଦେଶରେ ରାଷ୍ଟ୍ରିୟ ଏବଂ ଆଞ୍ଚଳିକ ଦଳମାନଙ୍କର ସଂଖ୍ୟା ମାତ୍ର ୭୩ ଅଟେ। ବାକି ଅନ୍ୟ ସବୁଦଳ କେବଳ କାଗଜ କଲମରେ ରହିଛି ଓ ଏମାନଙ୍କ ମଧ୍ୟରୁ ଅନେକ କେବେ କୌଣସି ନିର୍ବାଚନରେ ଭାଗ ନେଇ ନାହାନ୍ତି। ୨୦୨୨ ରୁ ୨୦୨୪ ମଧ୍ୟରେ କାଗଜ କଲମରେ ଥିବା ଏହି ଦଳମାନଙ୍କୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ମିଳିଛି। ଏକ ରିପୋର୍ଟ ଅନୁସାରେ ଏହି ଦଳମାନଙ୍କୁ ମିଳିଥିବା ଚାନ୍ଦାର ପରିମାଣ ୧୦ହଜାର କୋଟିରୁ ଅଧିକ ଅଟେ। ଦେଶରେ ଥିବା କେତେକ ପ୍ରମୁଖ ଦଳକୁ ମଧ୍ୟ ଏତେ ପରିମାଣରେ ଚାନ୍ଦା ମିଳିନାହିଁ। ବିବିସି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୬ଟି ଏମିତି କାଗଜ କଲମର ରାଜନୈତିକ ଦଳ ରହିଛି ଯାହାକୁ ୨୦୨୩-୨୪ରେ ଶହ ଶହ କୋଟି ଟଙ୍କାର ଚାନ୍ଦା ମିଳିଥିଲା। ଏହିଭଳି ଏକ ରାଜନୈତିକ ତଳ ହେଉଛି ଆମ୍ ଜନମତ ପାର୍ଟୀ। ଏହି ଦଳକୁ ୨୦୨୩-୨୪ରେ ୬୨୦କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ଦଳ ୨୦୨୪ ଲୋକସଭା ନିର୍ବାଚନରେ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିଲା। ଅନ୍ୟ ଏକ ଦଳ ହେଉଛି ସତ୍ୟବାଦୀ ରକ୍ଷକ ପାର୍ଟୀ। ଏହି ଦଳକୁ ୩୩୦କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ଦଳ ନିର୍ବାଚନରେ ନାମମାତ୍ର ଭାଗ ନେଇଛି। ଦେଶରେ ଏମିତି ୬ଟି ଦଳ ଅଛି ଯେଉଁମାନଙ୍କ କାର୍ଯ୍ୟାଳୟ ସମ୍ପର୍କରେ ଲୋକେ ଜାଣିନାହାନ୍ତି ଓ ଅନେକଙ୍କ କାର୍ଯ୍ୟାଳୟ ନେଇ ସନ୍ଦେହ ରହିଛି। କିନ୍ତୁ ଏହିସବୁ ଦଳମାନେ ସେମାନଙ୍କ ଅଡ଼ିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ ମିଳିଥିବା ଚାନ୍ଦାର ଅଧିକ ଭାଗ ଜନକଲ୍ୟାଣ ପାଇଁ ବ୍ୟୟ କରାଯାଇଛି। ଅଡ଼ିଟ୍ ରିପୋର୍ଟ ନିଶ୍ଚିତଭାବେ ସଂନ୍ଦେହ ସୃଷ୍ଟି କରୁଛି। ସମସ୍ୟାର ମୂଳ ଆୟକର ସହ ଜଡ଼ିତ। ରାଜନୈତିକ ଦଳମାନଙ୍କୁ ଆୟକର ରିହାତି ମିଳିଥାଏ। ଦଳ କରମୁକ୍ତ ହୋଇଥାଏ। ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଥିବା ବ୍ୟକ୍ତିମାନେ ମଧ୍ୟ ଆୟକର ରିହାତି ପାଇଥାନ୍ତି। ଆୟକର ବିଭାଗ ପକ୍ଷରୁ ତଦନ୍ତବେଳେ ଅନେକ ବେଆଇନ୍ ତଥ୍ୟ ଜଣାପଡ଼ିଛି। ନିର୍ବାଚନ କମିଶନ ଗତବର୍ଷ ଶହ ଶହ ନିଷ୍କ୍ରିୟ ରାଜନୈତିକ ଦଳକୁ ତାଲିକାରୁ ହଟାଇବା ପାଇଁ ଉଦ୍ୟମ କରିଥିଲେ। ଅନେକ ଦଳକୁ ଇନ୍‌ଆକ୍ଟିଭ୍ ଘୋଷିତ କରିଥିଲେ। ତଥାପି ସମସ୍ୟା ଶେଷ ହୋଇନାହିଁ। ପାରଦର୍ଶିତାର ନିୟମ କେବଳ ଚାନ୍ଦା ଜମା କରିବା, ଖର୍ଚ୍ଚର ହିସାବ ଦେବା ନୁହେଁ। ଅନ୍ୟ କେତେକ ନିୟମର ପାଳନକ କରାଯିବା ଆବଶ୍ୟକ। ୨୦ ହଜାର ଟଙ୍କାରୁ କମ୍ ଚାନ୍ଦା ବାବଦରେ ରାଜନୈତିକ ଦଳମାନେ ତଥ୍ୟ ପ୍ରଦାନ କରନ୍ତି ନାହିଁ ଯାହା ଅସ୍ପଷ୍ଟତା ବଢ଼ାଇଥାଏ। କାଗଜ କଲମରେ ଥିବା ଏହି ଦଳମାନଙ୍କର ଖେଳ ଯଦି ଜାରି ରହେ ଏହା ଗଣତନ୍ତ୍ରକୁ ଦୁର୍ବଳ କରିବ ନିଶ୍ଚୟ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଇରାନୀ ଟ୍ୟାଙ୍କର ବୁଡ଼ାଇଦେବାକୁ ଚେତାବନୀ







## ଗୋଟିଏ ବି ଭୁଲ ଇରାନ ପାଇଁ ନିର୍ଣ୍ଣାୟକ: ହେଗସେଥ୍

**ୱାଶିଂଟନ,୬।୯:** ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଇରାନକୁ ଧମକ ଦେଇଛନ୍ତି, ଯଦି ଆମେରିକୀୟ ନୌସେନା ଜାହାଜ ଉପରେ ଆକ୍ରମଣ କରାଯାଏ ତେବେ ଆମେରିକା ପକ୍ଷରୁ ସମୁଦ୍ରରେ ଇରାନୀ ତୈଳ ଟ୍ୟାଙ୍କରଗୁଡ଼ିକୁ ବୁଡ଼ାଇ ଦିଆଯିବ। ହେଗସେଥଙ୍କ ଏହି ଚେତାବନୀ ଆମେରିକା ୩ ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିବା ପରେ ଆସିଛି। ଆମେରିକୀୟ ନୌସେନା ଯୁଦ୍ଧଜାହାଜକୁ ଟାର୍ଗେଟ କରିବାର ଜବାବରେ ଆମେରିକୀୟ ସେନା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଆମେରିକୀୟ ସେନା କହିଛି। ଇରାନ ସେହି ଅଞ୍ଚଳରେ ନିୟୋଜିତ ଏକ ଆମେରିକୀୟ ବିମାନ ବାହକ ଓ ଏକ ବିଧ୍ୱଂସକକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହାକୁ କେନ୍ଦ୍ରୀୟ କମାଣ୍ଡ ପଣ୍ଡ କରିଥିବା ଦାବି କରିଛି।

ହେଗସେଥ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଗୋଟିଏ ବି ଭୁଲ ଇରାନ ପାଇଁ ନିର୍ଣ୍ଣାୟକ ହେବ। ଯଦି ଇରାନ ଆମେରିକୀୟ ଜାହାଜ ଉପରକୁ ଗୁଳି ଚାଳନା କରେ, ତେବେ ଆମେ ସେମାନଙ୍କର ତେଲ ଟ୍ୟାଙ୍କରଗୁଡ଼ିକୁ ନଷ୍ଟ କରି ବୁଡ଼ାଇ ଦେବୁ। ଆମେରିକୀୟ ନୌସେନା ଉପରେ ଗୁଳି ଚାଳନା କରିବାରୁ ସେମାନେ ନିବୃତ୍ତ ରୁହନ୍ତୁ ବୋଲି ସେ ଧମକ ଦେଇଛନ୍ତି। ଇରାନର କୌଣସି ନୌସେନା କିମ୍ବା ବାୟୁସେନା ନାହିଁ। କେନ୍ଦ୍ରୀୟ କମାଣ୍ଡ ଏବଂ ପ୍ରଶାନ୍ତ ମହାସାଗର କମାଣ୍ଡରେ ଆମର ବିମାନ, ଜାହାଜ ଏବଂ ବୁଡ଼ାଜାହାଜ ସେମାନଙ୍କ ଉପରେ ସହଜରେ ଆକ୍ରମଣ କରିପାରିବେ।

କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଦୁଇଟି ଇରାନୀ ତୈଳ ଟ୍ୟାଙ୍କର୍ ସ୍ଥାୟୀ ଭାବରେ କ୍ଷତିଗ୍ରସ୍ତ ହୋଇଛି ଏବଂ ତୃତୀୟଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ସେନା କହିଛି ଯେ ଟ୍ୟାଙ୍କର୍ଗୁଡ଼ିକ ଇରାନର ଆଇଆରଜିସି ଏବଂ ଏହାର ସଶସ୍ତ୍ର ସହଯୋଗୀମାନଙ୍କୁ ପାଣ୍ଠି ଯୋଗାଇବା ପାଇଁ ବ୍ୟବହୃତ ଏକ ଗୁପ୍ତ ନେଟୱାର୍କର ଅଂଶ ଥିଲା। ଗୋଟିଏ ଟ୍ୟାଙ୍କର୍ ଉପରେ ଖାର୍ଗ ଦ୍ୱୀପ ନିକଟରେ ଏବଂ ଅନ୍ୟଟି ଉପରେ ହର୍ମୁଜ୍ ପ୍ରଣାଳୀର ପୂର୍ବରେ ଥିବା ଜାସ୍କ ଦ୍ୱୀପ ନିକଟରେ ଆକ୍ରମଣ କରାଯାଇଥିଲା। ଖାଲି ଟ୍ୟାଙ୍କର୍‌କୁ ଓମାନ ଉପସାଗରରେ ଟାର୍ଗେଟ କରାଯାଇଥିଲା।

ଇରାନର ସରକାରୀ ଟିଭି ଦୁଇଟି ଜାହାଜ ଉପରେ ଆକ୍ରମଣ ହୋଇଥିବା ସମ୍ପର୍କରେ ରିପୋର୍ଟ କରିଛି ଏବଂ କହିଛି ଯେ, କ୍ରୁ ସଦସ୍ୟମାନେ ସୁରକ୍ଷିତ ଭାବରେ ବାହାରକୁ ଆସିଯାଇଛନ୍ତି। ଇରାନର ବୈଦେଶିକ ମନ୍ତ୍ରଣାଳୟ ତେଲ ଟ୍ୟାଙ୍କର୍ ଧ୍ୱଂସକୁ ଦୃଢ଼ ନିନ୍ଦା କରିଛି ଏବଂ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧ ଅପରାଧ ବୋଲି କହିଛି।

## ଇରାନରେ ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ, ୧୧ ଜୀବନ୍ତ ଦଗ୍ଧ



**ତେହେରାନ,୬।୯:** ପଶ୍ଚିମ ଇରାନରେ ଏକ ସଡ଼କ ଦୁର୍ଘଟଣା ପରେ ଏକ ଇନ୍ଧନ ଟ୍ୟାଙ୍କର୍ ବିସ୍ଫୋରଣରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ବିସ୍ଫୋରଣରେ ନିକଟରେ ଥିବା ଅନେକ ଯାନବାହନରେ ନିଆଁ ଲାଗିଯାଇଛି। ଦୁର୍ଘଟଣାରେ ୭ ଜଣ ଆହତ ମଧ୍ୟ ହୋଇଛନ୍ତି। ସରକାରୀ ସମାଚାର ଏଜେନ୍ସି ଆଇଆରଏନଏ ଅନୁଯାୟୀ, କୁର୍ଦ୍ଦସ୍ତାନ ପ୍ରଦେଶର ସାନନ୍ଦାଜ କାଉଣ୍ଟି ଓ ହାମାଦାନ ପ୍ରଦେଶର ହାମାଦାନ କାଉଣ୍ଟି ମଧ୍ୟରେ ଇଣ୍ଟରସିଟି ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। କୁର୍ଦ୍ଦସ୍ତାନ ମେଡ଼ିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟର ଜରୁରୀକାଳୀନ ଚିକିତ୍ସା ସେବାର ମୁଖ୍ୟ ବାବାକ୍ ହୋଦେକ କହିଛନ୍ତି, ବିସ୍ଫୋରଣରେ ନିକଟରେ ଚଳାଚଳ କରୁଥିବା ଅନେକ ଯାନରେ ମଧ୍ୟ ନିଆଁ ଲାଗିଯାଇଥିଲା। ଉଦ୍ଧାରକାରୀ ଦଳ ଆହତମାନଙ୍କୁ ସାନନ୍ଦଜର ଏକ ହସ୍ପିଟାଲକୁ ନେଇସାରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଘଟଣାସ୍ଥଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

● ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ ମାମଲା

## ନାବାଳିକାଙ୍କ ଘର ଉପରକୁ ପଥରମାଡ଼



**ନୂଆଦିଲ୍ଲୀ, ୬।୯:** ଜନ୍ତର ମନ୍ତର ପ୍ରତିବାଦ ବେଳେ ୩୮ ବର୍ଷୀୟ ସଞ୍ଜୟ ଆଜାଦଙ୍କୁ ଆକ୍ରମଣ ମାମଲାରେ ହିନ୍ଦୁତ୍ୱ ଇନଫ୍ଲୁଏନ୍ସର ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ ହେବା ପରେ ପୀଡ଼ିତଙ୍କ ପରିବାର ଉପରେ ପୁଣି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତ ସଞ୍ଜୟଙ୍କ ୧୪ ବର୍ଷୀୟା ନାବାଳିକା ଝିଅ ଶନିବାର ରାତିରେ ସୋସିଆଲ ମିଡିଆ 'ଏକ୍ସ'ରେ କିଛି ଭିଡିଓ ପୋଷ୍ଟ କରି ବିଜେପି ସମର୍ଥିତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଘେରାଉ କରିବା ସହ ଢେଲା-ପଥର ମାଡ଼ କରିଥିବା ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆରେ ଭିଡିଓ ଜାରି କରି ନାବାଳିକା ଜଣକ ଦିଲ୍ଲୀ ଏବଂ ଗାଜିଆବାଦ ପୁଲିସ ନିକଟରେ ନିଜ ପରିବାରର ସୁରକ୍ଷା ପାଇଁ ଆକୁଳ ନିବେଦନ କରିଛନ୍ତି। ଯଦି ମୋ ବାପା-ବୋଉଙ୍କର କିଛି ଅନିଷ୍ଟ ହୁଏ, ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି।

## ବାହାଘର ଭୋଜିରେ ଅଗ୍ନିକାଣ୍ଡ, ୨୨ ମୃତ



**କିନଶାସା,୬।୯:** ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ରାଜଧାନୀ କିନଶାସାରେ ଏକ ବାହାଘର ଭୋଜି ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟି ୨୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଉତ୍ତର କିନଶାସାର ଲିଙ୍ଗୱାଲା ଅଞ୍ଚଳରେ ଥିବା ଏକ କୋଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ନିଆଁ ଲାଗିଥିଲା, ଯାହା ଶନିବାର ସକାଳ ପର୍ଯ୍ୟନ୍ତ ଜଳୁଥିଲା। ନିଆଁ ଦ୍ରୁତ ଗତିରେ ବ୍ୟାପିବାରୁ କୋଠାର ସଙ୍କୁଚିତ ଗଳି ଓ ପ୍ରବେଶ ପଥ ଦେଇ ବାହାରିବାକୁ ଚେଷ୍ଟା କରୁଥିବା ଅତିଥିମାନେ ସେଠାରେ ଫସି ରହିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି ଏବଂ ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି।

## ନୂଆ ବିମାନ ବନ୍ଦର ପାଇଁ ୨ ସ୍ଥାନ ଚୟନ



**ଚେନ୍ନାଇ,୬।୯:** ତାମିଲନାଡୁର ଟିଭିକେ ନେତୃତ୍ୱାଧୀନ ସରକାର ରାଜ୍ୟରେ ଏକ ନୂତନ ବିମାନବନ୍ଦର ପାଇଁ ଦୁଇଟି ସ୍ଥାନକୁ ତାଲିକାଭୁକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି.ଜୋସେଫ ବିଜୟଙ୍କ ଦ୍ୱାରା ପାରାନ୍ଦୁର ବିମାନବନ୍ଦର ପ୍ରକଳ୍ପକୁ ଆନୁଷ୍ଠାନିକ ଭାବରେ ବାତିଲ କରାଯିବାର କିଛି ଦିନ ପରେ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂତ୍ର ଅନୁଯାୟୀ, ରାଜ୍ୟ ସରକାର ମାନେଲୋର ଏବଂ ଚେୟୁରକୁ ନୂତନ ବିମାନବନ୍ଦର ପାଇଁ ସମ୍ଭାବ୍ୟ ବିକଳ୍ପ ଭାବରେ ଚିହ୍ନଟ କରିଛନ୍ତି। ସପ୍ତାହକ ମଧ୍ୟରେ ଏହି ଦୁଇଟି ସ୍ଥାନ ଚିହ୍ନଟ କରାଯାଇଥିଲା। ଉଭୟ ସ୍ଥାନକୁ ଭାରତୀୟ ବିମାନବନ୍ଦର ପ୍ରାଧିକରଣକୁ ସୁପାରିଶ କରାଯାଇଛି। ପ୍ରସ୍ତାବିତ ବିମାନବନ୍ଦରଟି ଚେନ୍ନାଇ ମେଟ୍ରୋପଲିଟାନ ଅଞ୍ଚଳପାଇଁ ସେବା ଯୋଗାଇବାକୁ ଉଦ୍ଦିଷ୍ଟ। ମାନେଲୋର ଚେନ୍ନାଇରୁ ପ୍ରାୟ ୬୦ କିଲୋମିଟର ଦୂରରେ ଅବସ୍ଥିତ।

## ଭଙ୍ଗାଗଲା ୭୦ ବର୍ଷର ମସଜିଦ

**ପ୍ରୟାଗରାଜ, ୬।୯:** ଉତ୍ତରପ୍ରଦେଶର ସାହାରନପୁର ଜିଲ୍ଲାପାଳ ଅଫିସ ପରିସରରେ ଥିବା ୭୦ ବର୍ଷର ପୁରୁଣା ମସଜିଦକୁ ଶନିବାର ବୁଲଡୋଜର ମାଧ୍ୟମରେ ଭାଙ୍ଗି ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସେଠାରେ ୫ କମ୍ପାନୀ ପିଏସି, ଆରଏଏଫ୍ ଏବଂ ପୁଲିସର ୨୦୦ ଯବାନ ମୁତୟନ ହୋଇଥିଲେ। ସନ୍ଧ୍ୟାରେ ଆବର୍ଜନା ହଟାଇବା କାମ ହୋଇଥିଲା। ମସଜିଦ୍ ହଟାଇବା ଲାଗି ଜିଲ୍ଲାପାଳଙ୍କ ପକ୍ଷରୁ ଆଦେଶ ଜାରି ହୋଇଥିଲା। ଉତ୍ତରପ୍ରଦେଶର ଏକ କୋର୍ଟ ମଧ୍ୟ ଉକ୍ତ ମସଜିଦକୁ ଅବୈଧ କହିଥିଲେ। ମସଜିଦ ଭଙ୍ଗାଯିବାକୁ ଥିବା ଜଣାପଡ଼ିବା ପରେ ଶୁକ୍ରବାର ରାତିରେ ବହୁ ସଂଖ୍ୟାରେ ଲୋକ ସେଠାରେ ଜମା ହୋଇଥିଲେ। ପ୍ରଶାସନ ପକ୍ଷରୁ ସେଠାରେ ପୁଲିସ ଏବଂ ଅନ୍ୟ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା ଓ ମସଜିଦ୍ ଭଙ୍ଗାଯିବା ବେଳେ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଏକ୍ସପ୍ରେସ୍ ଇଞ୍ଜିନ ଲାଇନଚ୍ୟୁତ



**ପାଟନା,୬।୯:** ରବିବାର ଭୋର୍ ସମୟରେ ପୂର୍ବ କେନ୍ଦ୍ରୀୟ ରେଳବାଇର ଦାନାପୁର ରେଳ ଡିଭିଜନ ଅନ୍ତର୍ଗତ ଆରା ରେଳ ଷ୍ଟେସନ ନିକଟରେ ଏକ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି। ଆଲିପୁରଦ୍ୱାରରୁ ନୂଆ ଜଲପାଇଗୁଡ଼ି ଓ କଟିହାର ଦେଇ ନୂଆଦିଲ୍ଲୀ ଯାଉଥିବା ୧୫୪୮୩ ମହାନନ୍ଦ ଏକ୍ସପ୍ରେସ୍ ଭୋର୍ ସମୟରେ ଷ୍ଟେସନ ଛାଡ଼ିବା ପରେ ଲାଇନଚ୍ୟୁତ ହୋଇଥିଲା। ଷ୍ଟେସନରୁ ପ୍ରାୟ ୨୦୦ ମିଟର ଦୂରରେ ପଶ୍ଚିମ ରେଳବାଇ କ୍ରସିଂ ନିକଟରେ ଟ୍ରେନ୍‌ର ଇଞ୍ଜିନ୍ ଓ ଏହା ସଂଲଗ୍ନ ଦୁଇଟି ଜେନେରାଲ୍ କୋଚ୍ ହଠାତ୍ ଲାଇନଚ୍ୟୁତ ହୋଇଯାଇଥିଲା। ଆଶ୍ୱସ୍ତିର ବିଷୟ ଯେ ଟ୍ରେନ୍‌ର ଗତି ଧୀର ଥିବାରୁ କୌଣସି ଯାତ୍ରୀ ଆହତ ହୋଇ ନଥିଲେ।

## ବେଙ୍ଗାଲୁରୁରେ ବିମାନର ଜରୁରୀ ଅବତରଣ

**ବେଙ୍ଗାଲୁରୁ,୬।୯:** କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରବିବାର ସକାଳେ ଏକ ବଡ଼ ବିମାନ ଦୁର୍ଘଟଣା ଅଳ୍ପକେ ଟଳିଛି। ଲଣ୍ଡନ ଯାଉଥିବା ଭର୍ଜିନ ଆଟଲାଣ୍ଟିକ୍‌ର ଏକ ଉଡାଣକୁ ବୈଷୟିକ ତ୍ରୁଟି ଯୋଗୁଁ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିବାକୁ ପଡ଼ିଛି। ବେଙ୍ଗାଲୁରୁ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ (ବିଆଇଏଏଲ) ଅଧିକାରୀକ ସୂତ୍ର ଅନୁସାରେ ବୋଇଂ ବିମାନରେ ଥିବା ସମସ୍ତ ୨୭୦ ଜଣ ଯାତ୍ରୀ ଓ ଚାଳକଦଳ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବିମାନଟି ଆକାଶକୁ ଉଠିବାମାତ୍ରେ ଚାଳକ ଦଳ ବିମାନରେ ବୈଷୟିକ ତ୍ରୁଟି ଅନୁମାନ କରିଥିଲେ। ଏଣୁ ସୁରକ୍ଷାଦୃଷ୍ଟିରୁ ପାଇଲଟ ବିଳମ୍ବ ନ କରି ସତର୍କତା ପଦକ୍ଷେପ ନେବା ସହିତ ପୁଣି ବିମାନ ବନ୍ଦରକୁ ଫେରିବା ନିଷ୍ପତ୍ତି ନେଇଥିଲେ।

### ଜାତିସଂଘରେ ଆଭିମୁଖ୍ୟ ସ୍ପଷ୍ଟକଲା ଭାରତ

## ଦେଶର ଭୌଗୋଳିକ ଅଖଣ୍ଡତା ସହ ସାଲିସ୍ ହେବନି




**ନୂଆଦିଲ୍ଲୀ,୬।୯:** ମିଳିତ ଜାତିସଂଘ (ୟୁଏନ୍)ର ସାଧାରଣ ସଭାରେ ଗୃହୀତ ହୋଇଥିବା ବିଶ୍ୱ ମାନଚିତ୍ର ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପକୁ ଭାରତ ସମର୍ଥନ କରିଛି। ଏହା ସହିତ ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ, ନୂଆ ମାନଚିତ୍ର ନୀତି ନାମରେ ଦେଶର ଭୌଗୋଳିକ ଅଖଣ୍ଡତା ସହ କୌଣସି ବୁଝାମଣା କରାଯାଇପାରିବ ନାହିଁ। ଭାରତୀୟ ସୀମା, ବିଶେଷ କରି ଜମ୍ମୁ-କାଶ୍ମୀର ଓ ଲଦାଖର କୌଣସି ବି ଭୁଲ୍ କିମ୍ବା ବିକୃତ ଚିତ୍ରଣ ବା ମାନଚିତ୍ରକୁ ଆଦୌ ଗ୍ରହଣ କରାଯିବ ନାହିଁ।

ସମ୍ପ୍ରତି ଜାତିସଂଘ ସାଧାରଣ ସଭାରେ 'କରେକ୍ଟ ଦି ମ୍ୟାପ୍: ରିବାଲାନ୍ସିଂ ଗ୍ଲୋବାଲ୍ କାର୍ଟୋଗ୍ରାଫିକ୍ ରିପ୍ରେଜେଣ୍ଟେସନ୍' ନାମକ ଏକ ପ୍ରସ୍ତାବ ପାରିତ ହୋଇଛି। ଏଥିରେ ବିଶ୍ୱର ସମସ୍ତ ଦେଶ ଓ ମହାଦେଶଗୁଡ଼ିକର ଆକାର ସଠିକ୍ ଓ ଆନୁପାତିକ ଭାବେ ଦୃଶ୍ୟମାନ ହୋଇଥାଏ। ଏହି ସଂକଳ୍ପ ସପକ୍ଷରେ ଭାରତ ଭୋଟ୍ ଦେଇଥିଲେ ମଧ୍ୟ ନିଜର ଏକ ସ୍ପଷ୍ଟୀକରଣ ରଖିଛି।

ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ୍ କହିଛନ୍ତି ଯେ, ସମାନ ଭୌଗୋଳିକ ପ୍ରତିନିଧିତ୍ୱ ନୀତିକୁ ଆଧାର କରି ଭାରତ ଏହି ସଂକଳ୍ପକୁ ସମର୍ଥନ କରିଛି। କିନ୍ତୁ ଏହି ସଂକଳ୍ପର ଅର୍ଥ ନୁହେଁ ଯେ ଭାରତ କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର କିମ୍ବା ଅନ୍ତର୍ଜାତୀୟ ସୀମାର ଭୁଲ୍ ନିରୂପଣକୁ ସ୍ୱୀକୃତି ଦେଉଛି। ଜମ୍ମୁ-କାଶ୍ମୀର ଏବଂ ଲଦାଖ ହେଉଛନ୍ତି ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଜାତିସଂଘ କିମ୍ବା ଅନ୍ୟ କୌଣସି ସଂସ୍ଥା ଦ୍ୱାରା ପ୍ରକାଶିତ ମାନଚିତ୍ରରେ ଭାରତର ସରକାରୀ ମାନଚିତ୍ର ଅନୁଯାୟୀ ଏହି ଅଞ୍ଚଳଗୁଡ଼ିକୁ ଦର୍ଶାଯିବା ଆବଶ୍ୟକ। କୌଣସି ବି ବିକୃତ ଚିତ୍ରଣ ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ ବୋଲି ଭାରତ କହିଛି।

## ଭାରତ-ଚୀନ ପ୍ରଥମ କମାଣ୍ଡରସ୍ତରୀୟ ଆଲୋଚନା



**ନୂଆଦିଲ୍ଲୀ, ୬।୯:** ଭାରତ ଓ ଚୀନ୍ ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ଅରୁଣାଚଳ ପ୍ରଦେଶର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି)ରେ ପୂର୍ବ ସେକ୍ଟରରେ ରବିବାର ପ୍ରଥମଥର ପାଇଁ କୋର୍ କମାଣ୍ଡରସ୍ତରୀୟ ସାମରିକ ଆଲୋଚନା ଅନୁଷ୍ଠିତ ହେଉଛି। ଉଭୟ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ୱାଚା-ଦମାଇ ସୀମା ବୈଠକ ସ୍ଥାନରେ ସ୍ଥିର ହୋଇଛି।

ସୀମାରେ ବର୍ତ୍ତମାନର ପରିସ୍ଥିତି ଓ ଉତ୍ତେଜନା ହ୍ରାସ ପାଇଁ ପଦକ୍ଷେପ ଦୃଷ୍ଟିରୁ ଉଭୟ ପକ୍ଷର ବରିଷ୍ଠ ସାମରିକ ଅଧିକାରୀଙ୍କ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଭାରତୀୟ ପକ୍ଷର ନେତୃତ୍ୱ ଲେଫ୍ଟନାଣ୍ଟ ଜେନେରାଲ ଗିରିଶ କାଲିଆ ନେବେ। ସେ ଭାରତୀୟ ସେନାର ୩ କୋର୍ପସ (ସ୍ପିଅର କୋର୍ପସ)ର କମାଣ୍ଡର। ୨ କୋର୍ପସ ମୁଖ୍ୟାଳୟ ନାଗାଲ୍ୟାଣ୍ଡର ରଙ୍ଗାପାହାର ଓ ଅରୁଣାଚଳ ପ୍ରଦେଶର ମଧ୍ୟ ଏବଂ ପୂର୍ବ ଭାଗରେ ଏଲଏସିର ଅବସ୍ଥିତ କ୍ଷେତ୍ର ପାଇଁ ଉତ୍ତରଦାୟୀ।

● ଏକୁଟିଆ କରୁଥିଲେ ନଦୀ ସଫେଇ

## ବିଟ୍ଟୁଙ୍କୁ ନେଦରଲ୍ୟାଣ୍ଡସ ଚାକିରି ପ୍ରସ୍ତାବ

**ଭୋପାଳ, ୬।୯:** ମଧ୍ୟପ୍ରଦେଶର ଜଣେ ୨୦ ବର୍ଷୀୟ ଯୁବକ ବିନା କୌଣସି ସରକାରୀ ସହାୟତାରେ ମାସ ମାସ ଧରି ଏକ ପ୍ରଦୂଷିତ ନଦୀକୁ ସଫା କରିବା ଓ ତାଙ୍କୁ ବିଦେଶରୁ ଚାକିରି ପ୍ରସ୍ତାବ ମିଳିବାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଯୁବକଙ୍କର ପ୍ରୟାସ ଡଚ୍ ସିଇଓ ବୋୟାନ ସ୍ଲାଟଙ୍କ ଦୃଷ୍ଟି ଆକର୍ଷଣ କରିଛି। ସ୍ଲାଟ୍ ଯୁବକଙ୍କୁ ତାଙ୍କ ସଂଗଠନ, 'ଦି ଓସେନ୍ କ୍ଲିନଅପ୍' ସହିତ କାମ କରିବାକୁ ନିମନ୍ତ୍ରଣ କରିଛନ୍ତି। ସୁରେନ୍ଦ୍ର ସିଂହ ଚୌଧୁରୀ ନାମକ ଏହି ଯୁବକ ଜଣକ ଅନଲାଇନରେ ବିଟ୍ଟୁ ତବାହି ନାମରେ ପରିଚିତ। ସୁରେନ୍ଦ୍ର ଅଜନାର୍ ନଦୀରୁ ପ୍ଲାଷ୍ଟିକ୍, ପରିତ୍ୟକ୍ତ ଅଳିଆ ବାହାର କରିବା ସହିତ ଆଖପାଖର ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା କରୁଛନ୍ତି। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ସୁରେନ୍ଦ୍ର ଅଜନାର୍ ନଦୀର ସଫେଇ ପୂର୍ବର ଫଟୋ ଓ ପରବର୍ତ୍ତୀ ଫଟୋ ସେୟାର କରିଥିଲେ। ସୁରେନ୍ଦ୍ରଙ୍କ କାର୍ଯ୍ୟ ସ୍ଲାଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।




### ଇସ୍ରୋର ଘରୋଇକରଣ ପ୍ରସଙ୍ଗ

## ସ୍ପଷ୍ଟୀକରଣ ମାଗିଲେ ୯ କର୍ମଚାରୀ ସଂଗଠନ



**ନୂଆଦିଲ୍ଲୀ,୬।୯:** ଭାରତର ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନିଗୁଡ଼ିକର ଅଂଶଗ୍ରହଣ ବୃଦ୍ଧି ପାଉଛି। ଏନେଇ ନଅଟି ଇସ୍ରୋ କର୍ମଚାରୀ ସଂଗଠନ ପ୍ରଥମ ଥର ପାଇଁ ପ୍ରତିଷ୍ଠାନର ଭବିଷ୍ୟତ ବିଷୟରେ ଆନୁଷ୍ଠାନିକ ଭାବରେ ଚିନ୍ତା ପ୍ରକାଶ କରିଛନ୍ତି। ସେମାନେ ମହାକାଶ କମିସନର ଅଧ୍ୟକ୍ଷ ତଥା ଇସ୍ରୋର ଅଧ୍ୟକ୍ଷଙ୍କଠାରୁ ଏକ ଲିଖିତ ସ୍ପଷ୍ଟୀକରଣ ମାଗିଛନ୍ତି।

ଚିଠିରେ ସଂଗଠନଗୁଡ଼ିକ ପଚାରିଛନ୍ତି, ସେମାନେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ବିରୋଧ କରନ୍ତି ନାହିଁ। କିଛି ବାଣିଜ୍ୟିକ କାର୍ଯ୍ୟକଳାପରେ ବ୍ୟକ୍ତିଗତ ଅଂଶଗ୍ରହଣ ଏକ ଦୃଢ଼, ସରକାରୀ ମାଲିକାନା ଇସ୍ରୋ ସହିତ ସହାବସ୍ଥାନ କରିପାରିବ। ତଥାପି ଏକ ନୀତି ଯାହା ଇସ୍ରୋକୁ ଗବେଷଣା ଓ ବିକାଶ ପର୍ଯ୍ୟନ୍ତ ସୀମିତ କରିବାର ଆଶଙ୍କା, ଦେଶର ପ୍ରକ୍ଷେପଣ ଯାନ ନିର୍ମାଣ ଓ ପ୍ରକ୍ଷେପଣ ଭିତ୍ତିଭୂମି ପରିଚାଳନାର ଦାୟିତ୍ୱ ସରକାରୀ ହାତରୁ କାଢ଼ିନେବ। ସେଭଳି ପଦକ୍ଷେପକୁ ବିତର୍କ ବିନା ଗ୍ରହଣ କରାଯାଇପାରିବ ନାହିଁ।

ଇସ୍ରୋ ଦ୍ୱାରା ବିକଶିତ ପ୍ରଯୁକ୍ତିବିଦ୍ୟାକୁ ଏକ ଜାତୀୟ ସମ୍ପତ୍ତି ବୋଲି ଅଭିହିତ କରି ସଂଗଠନଗୁଡ଼ିକ କହିଛନ୍ତି, ଏହାର ସ୍ଥାନାନ୍ତର ପ୍ରକ୍ରିୟା ସ୍ୱଚ୍ଛ ଓ ଉତ୍ତରଦାୟୀ ହେବା ଉଚିତ। ରଣନୈତିକ, ସୁରକ୍ଷା ଏବଂ ନିଯୁକ୍ତି ବିଚାର ଅନୁଯାୟୀ ହେବା ଉଚିତ।

## ୩ ବର୍ଷରେ ୩ ଶିକ୍ଷାମନ୍ତ୍ରୀଙ୍କ ପରଲୋକ

**ରାଞ୍ଚି,୬।୯:** ଝାଡ଼ଖଣ୍ଡ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ବରିଷ୍ଠ ନେତା ସୁଦିବ୍ୟ କୁମାର ସୋନୁଙ୍କ ଆକସ୍ମିକ ମୃତ୍ୟୁ ରାଜ୍ୟ ରାଜନୀତିରେ ଏକ ଦୁଃଖଦ ପରିବେଶ ସୃଷ୍ଟି କରିଛି। ରାଜ୍ୟରେ ଗତ ତିନି ବର୍ଷ ପାଞ୍ଚ ମାସ ମଧ୍ୟରେ ଶିକ୍ଷା ବିଭାଗ ସହିତ ଜଡିତ ତିନି ଜଣ ମନ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ସରକାରଙ୍କ ଶିକ୍ଷା ବିଭାଗର ତିନିଜଣ ମନ୍ତ୍ରୀ ଜଗନ୍ନାଥ ମାହାତୋ, ରାମଦାସ ସୋରେନ ଓ ସୁଦିବ୍ୟ କୁମାର ସୋନୁଙ୍କ ଦେହାନ୍ତ ହୋଇଛି। ସୁଦିବ୍ୟ କୁମାର ସୋନୁ ଶୋଇବାକୁ ଯାଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଯାଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା ଅଭିଯୋଗ କରିଥିଲେ। ତାଙ୍କୁ ଗିରିଡିହର ମର୍ସି ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଯୌନ ଶୋଷଣ ଅଭିଯୋଗ

### ପ୍ରଫେସରଙ୍କ ବିରୋଧରେ ତଦନ୍ତ କରୁଛି ଆଇସିସି



**ନୂଆଦିଲ୍ଲୀ,୬।୯:** ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରେ ପୁଣି ଏକ ସମ୍ବେଦନଶୀଳ ମାମଲା ସାମ୍ନାକୁ ଆସିଛି। ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୋଧରେ ୧୦ ଜଣ ଛାତ୍ରୀ ଯୌନ ନିର୍ଯାତନା ଭଳି ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଏହି ମାମଲାର ଅନୁଧ୍ୟାନ ଓ ତଦନ୍ତ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ମାସ ପୂର୍ବରୁ ଏହି ଅଭିଯୋଗଗୁଡ଼ିକ କମିଟି ନିକଟରେ ଦାଖଲ କରାଯାଇଥିଲା। ଅଭିଯୋଗରେ ଦର୍ଶାଯାଇଛି ଯେ, ଉକ୍ତ ପ୍ରଫେସର ଜଣକ ନିଜ କ୍ୟାମ୍ପସରେ ଥିବା ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ଛାତ୍ରୀମାନଙ୍କୁ ଆମନ୍ତ୍ରଣ କରି ସେଠାରେ ଅଶୋଭନୀୟ ଯୌନ ଆଚରଣ କରିଥିଲେ। ଏହା ସହିତ କ୍ଲାସରୁମରେ ପାଠ ପଢ଼ାଇବା ସମୟରେ ମଧ୍ୟ ସେ ଅଶ୍ଳୀଳ ଓ ଆପତ୍ତିଜନକ ମନ୍ତବ୍ୟ ଦେଉଥିବା ନେଇ ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଇସିସି ସମସ୍ତ ଅଭିଯୋଗର ଗଭୀର ତଦନ୍ତ କରୁଛି।

## ଟିଭି ଉପସ୍ଥାପିକାଙ୍କ ସମେତ ୧୨ଙ୍କୁ ମୃତ୍ୟୁଦଣ୍ଡ



**କାଇରୋ,୬।୯:** ଇଜିପ୍ଟର ଏକ କୋର୍ଟ ନିଶା କାରବାର ପାଇଁ ଟିଭି ଉପସ୍ଥାପିକା ସାରା ଖଲିଫାଙ୍କ ସମେତ ୧୨ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ଏକ ଅପରାଧୀ ଦଳ ଚଳାଉଥିଲେ, ଯେଉଁଥିରେ ସେମାନେ ଡ୍ରଗ୍ସ ପ୍ରସ୍ତୁତି ଓ ବିକ୍ରୟ ପାଇଁ କଞ୍ଚାମାଲ ଆମଦାନୀ କରୁଥିଲେ। ଅଭିଯୁକ୍ତମାନଙ୍କ ପାଖରେ ଅବୈଧ ଅସ୍ତ୍ରଶସ୍ତ୍ର ଥିବା ମଧ୍ୟ ଜଣାପଡ଼ିଛି। ୩୯ ବର୍ଷ ବୟସ୍କା ସାରା ଖଲିଫା ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, କର୍ତ୍ତୃପକ୍ଷ ତାଙ୍କୁ ଡ୍ରଗ୍ସ ସହିତ ଫଟୋ ଉଠାଇବାକୁ ବାଧ୍ୟ କରିଥିଲେ ଓ ସେ ପ୍ରଥମ ଥର ପାଇଁ ସେ ସେଗୁଡ଼ିକୁ ଦେଖିଥିଲେ। ଏହି ମାମଲାରେ ନଅ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସାତ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

## ଆପ୍‌ରେ ମିଶିଲେ ଗ୍ୟାଙ୍ଗଷ୍ଟର ଗୁରପ୍ରୀତ

**ନୂଆଦିଲ୍ଲୀ,୬।୯:** ଗ୍ୟାଙ୍ଗଷ୍ଟରରୁ ନେତା ବନିଥିବା ନାଭା ଜେଲବ୍ରେକ୍ ମାମଲାର ମୁଖ୍ୟ ଅଭିଯୁକ୍ତ ଗୁରପ୍ରୀତ ସିଂହ ସେଖୋଁ ଆମ୍ ଆଦମୀ ପାର୍ଟି (ଆପ୍)ରେ ଯୋଗ ଦେଇଛନ୍ତି। ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଫିରୋଜପୁର ଜିଲ୍ଲାର ଜିରାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଆପ୍ ଗୁରପ୍ରୀତ ସେଖୋଁଙ୍କୁ ଜିରା ବିଧାନସଭା ଆସନରୁ ପ୍ରାର୍ଥୀ କରିପାରେ। ସେଖୋଁ ୧୦ ଦିନ ପୂର୍ବରୁ ସେଠାରେ ନିଜର କାର୍ଯ୍ୟାଳୟ ଖୋଲିସାରିଛନ୍ତି। ଏହି ନିଷ୍ପତ୍ତି ଯୋଗୁଁ ଜିରାର ବର୍ତ୍ତମାନର ଆପ୍ ବିଧାୟକ ନରେଶ କାତରିୟାଙ୍କ ଶିବିରରେ ନିରାଶା ଦେଖାଦେଇଛି। ପୂର୍ବରୁ ଏହି ଆସନ ଅକାଳୀ ଦଳର ଗଡ଼ ଥିଲା। ୨୦୧୭ରେ କଂଗ୍ରେସର କୁଲବୀର ସିଂହ ଜିରା ଏବଂ ୨୦୨୨ରେ ଆପର ନରେଶ କାତରିୟା ଏଠାରୁ ବିଜୟୀ ହୋଇଥିଲେ।

# ନେପାଳର ବାହାଦୂର୍ ଝିଅ ପ୍ରିୟା ଅଧିକାରୀ

**କାଠମାଣ୍ଡୁ,୬।୯:** ନେପାଳର ଭୟଙ୍କର ବନ୍ୟା ଓ ଭୂସ୍ଖଳନ ଯେତେବେଳେ ମୃତ୍ୟୁର ତାଣ୍ଡବ ରଚିଥିଲା, ଚାରିଆଡ଼େ ଥିଲା କେବଳ ହାହାକାର। ଜୀବନ ବଞ୍ଚାଇବାକୁ ଲୋକମାନେ ଆକାଶକୁ ଚାହିଁ ରହିଥିଲେ। ଠିକ ସେତେବେଳେ ଆକାଶରୁ ଆଶାର ଆଲୋକ ସାଜି ଆସିଥିଲେ ଜଣେ ବାହାଦୂର୍ ଯୁବତୀ। ସେ ଏମିତି ଜଣେ ଯୁବତୀ ଯାହାଙ୍କ ପାଇଁ ଆଜି ବଞ୍ଚିଯାଇଛି କେତେ ମୂଲ୍ୟବାନ ଜୀବନ। ନେପାଳରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଓ ଭୂସ୍ଖଳନ ଅନେକ ଅଞ୍ଚଳକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଥିଲା। କେଉଁଠି ଘର ମାଟିରେ ମିଶିଯାଇଥିଲା, ତ ଆଉ କେଉଁଠି କାଦୁଅ ଭିତରେ ଫସି ରହିଥିଲେ ଅସହାୟ ଲୋକେ। ଆଉ ସେହି କାଦୁଅ ଓ ଧ୍ୱଂସସ୍ତୂପ ମଧ୍ୟରୁ ଅନେକ ଜୀବନକୁ ମୃତ୍ୟୁମୁଖରୁ ଫେରାଇ ଆଣିଛନ୍ତି ଏହି ସାହସୀ ଯୁବତୀ। ଲଗାତାର ୬ ଦିନ ଆକାଶରେ ଉଡ଼ି ୧୦୦ ଟି ଉଦ୍ଧାର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିଥିଲେ। ଜୀବନ ପ୍ରତି ବିପଦ ଥିଲେ ମଧ୍ୟ ଟିକେ ହେଲେ ବି ଡରି ନଥିଲେ। ସେହି ସାହସୀ ମହିଳା ଜଣକ ହେଉଛନ୍ତି ଦେଶର ପ୍ରଥମ ମହିଳା ହେଲିକପ୍ଟର କ୍ୟାପଟେନ୍ ପ୍ରିୟା ଅଧିକାରୀ।



### ୬ ଦିନ ବଞ୍ଚାଇଲେ ଶହେ ଜୀବନ

ପ୍ରଚଣ୍ଡ ବର୍ଷା, ପବନ ଓ ପାହାଡ଼ିଆ ସ୍ଥାନ ମଧ୍ୟରେ ହେଲିକପ୍ଟର ଉଡ଼ାଇବା ଆଦୌ ସହଜ ନଥିଲା। ପ୍ରତି ମୁହୂର୍ତ୍ତରେ ଥିଲା ବିପଦ। ତଥାପି ନିଜ ଜୀବନକୁ ଖାତିର ନକରି ମହିଳା ଜଣକ ଲଗାତାର ଉଦ୍ଧାର ଅଭିଯାନରେ ସାମିଲ ହୋଇଥିଲେ। ହେଲିକପ୍ଟରର କକ୍‌ପିଟ୍‌ରେ ବସିଥିବା ପ୍ରିୟାଙ୍କ ସାମ୍ନାରେ ଥିଲା ଏକମାତ୍ର ଲକ୍ଷ୍ୟ: ଯେମିତି ବି ହେଉ ଲୋକଙ୍କ ଜୀବନ ବଞ୍ଚାଇବାକୁ ପଡ଼ିବ। କୁହାଯାଉଛି, ମାତ୍ର ୬ ଦିନ ମଧ୍ୟରେ ସେ ପ୍ରାୟ ୧୦୦ଟି ଉଦ୍ଧାର ଅଭିଯାନରେ ସଫଳତାର ସହ ଭୂମିକା ନେଇଥିଲେ। ଯେଉଁଠି ସଡ଼କ ନଥିଲା, ଯେଉଁଠି ଉଦ୍ଧାରକାରୀ ଦଳ ପହଞ୍ଚିବା ଅସମ୍ଭବ ଥିଲା, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳକୁ ହେଲିକପ୍ଟର ନେଇ ପହଞ୍ଚୁଥିଲେ ପ୍ରିୟା। ତଳେ ଥିଲା କାଦୁଅର ସମୁଦ୍ର, ଭାଙ୍ଗି ଯାଇଥିବା ଘର ଓ ଧ୍ୱଂସର ଭୟଙ୍କର ଚିତ୍ର। କିନ୍ତୁ ସେହି ଧ୍ୱଂସସ୍ତୂପ ମଧ୍ୟରେ ଥିଲା ଜୀବନର ଶେଷ ଆଶା। ହେଲିକପ୍ଟରର ଶବ୍ଦ ଶୁଣିଲେ ଅସହାୟ ଲୋକଙ୍କ ଆଖିରେ ଫେରି ଆସୁଥିଲା ବଞ୍ଚିବାର ସ୍ୱପ୍ନ। କେହି ଛାତ ଉପରେ ଅପେକ୍ଷା କରିଥିଲେ, ତ ଆଉ କେହି ପାହାଡ଼ ମଝିରେ ଫସି ରହିଥିଲେ। ସେହି ସମସ୍ତ ଲୋକଙ୍କ ପାଇଁ ପ୍ରିୟା ଅଧିକାରୀ ପାଲଟିଥିଲେ ଜଣେ ଦେବଦୂତ।

ଏଭଳି ଜଟିଳ ପରିସ୍ଥିତିରେ ମଧ୍ୟ ପାଇଲଟମାନଙ୍କୁ ଇଞ୍ଜିନ୍ ବନ୍ଦ ନ କରି କାଦୁଅ ଉପରେ ହେଲିକପ୍ଟର ଭାସମାନ ଅବସ୍ଥାରେ ରଖି ଲୋକଙ୍କୁ ଉଦ୍ଧାର କରିବାକୁ ପଡ଼ିଥିଲା। ଆକାଶ ମାର୍ଗରୁ ଦେଖାଯାଉଥିବା ଭଗ୍ନସ୍ତୂପ ଓ ଶବଗୁଡ଼ିକ ମନରେ ଗଭୀର ପ୍ରଭାବ ପକାଉଥିଲେ ମଧ୍ୟ ଜୀବନ୍ତ ବଞ୍ଚିଯାଇଥିବା ଲୋକଙ୍କ ଆଶାଭରା ଆଖି ଓ ହାତ ହଲାଇ ସ୍ୱାଗତ କରିବା ଦୃଶ୍ୟ ତାଙ୍କୁ ପୁନର୍ବାର ଉଡ଼ାଣ ଭରିବା ପାଇଁ ଶକ୍ତି ଯୋଗାଉଥିଲା। ପ୍ରତ୍ୟେକ ଉଡ଼ାଣ ଥିଲା ଏକ ନୂଆ ଚ୍ୟାଲେଞ୍ଜ। କିନ୍ତୁ ପ୍ରିୟାଙ୍କ ପାଇଁ ଭୟଠାରୁ ବଡ଼ ଥିଲା ମଣିଷର ଜୀବନ। ତାଙ୍କ ସାହସ କେବଳ ଜଣେ ପାଇଲଟ୍‌ର କର୍ତ୍ତବ୍ୟ ନୁହେଁ, ବରଂ ମାନବିକତାର ଏକ ଅନନ୍ୟ ଉଦାହରଣ ପାଲଟିଛି।

ରାଜ୍ୟକୁ ଘାରିଛି ମ୍ୟାଲେରିଆ ଚିନ୍ତା

## ଓଡ଼ିଶାରେ ଦେଶର ସର୍ବାଧିକ ଆକ୍ରାନ୍ତ

### ୭ ଜିଲ୍ଲାରେ ବଢୁଛି ପ୍ରକୋପ



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାଜ୍ୟକୁ ଘାରିଲାଣି ମ୍ୟାଲେରିଆ ଚିନ୍ତା। ମ୍ୟାଲେରିଆ ସଂକ୍ରମଣରେ ଦେଶରେ ଓଡ଼ିଶା ଏବେ ବି ଆଗରେ। ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ଦେଶରେ ଚିହ୍ନଟ ହୋଇଥିବା ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ସର୍ବାଧିକ ଆକ୍ରାନ୍ତ ଓଡ଼ିଶାରୁ ରହିଛନ୍ତି। ବର୍ଷ ବର୍ଷ ଧରି ଓଡ଼ିଶାରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଭିନ୍ନ ଯୋଜନା ଚାଲିଛି। ହେଲେ ଏବେ ବି କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ମୟୂରଭଞ୍ଜ ଭଳି ଜିଲ୍ଲାରେ ମ୍ୟାଲେରିଆର ପ୍ରକୋପ ଅଧିକ ରହୁଛି। ଜଙ୍ଗଲ ଅଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ସଚେତନତାର ଅଭାବ ମଧ୍ୟ ସଂକ୍ରମଣ ବଢ଼ିବାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଜୁଲାଇ ଶେଷ ସୁଦ୍ଧା ଦେଶରେ ପ୍ରାୟ ୧ ଲକ୍ଷ ୯ ହଜାର ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ୨୭ ଜଣଙ୍କ ମୃତ୍ୟୁ ହୋଇଛି। ଓଡ଼ିଶାରେ ୩୦ ହଜାର ୨୬୮ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୬ ଜଣଙ୍କ ଜୀବନ ଯାଇଛି।

ଜାତୀୟ ଭେକ୍ଟରଜନିତ ରୋଗ ନିୟନ୍ତ୍ରଣ କେନ୍ଦ୍ର ରିପୋର୍ଟ ଅନୁସାରେ, ୨୦୨୫ରେ ୬୨ ହଜାର ୧୩୭ ମ୍ୟାଲେରିଆ ମାମଲା ସହ ଓଡ଼ିଶା ଦେଶରେ ଶୀର୍ଷରେ ଥିଲା। ଚଳିତ ବର୍ଷ ମଧ୍ୟ ଏହି ଧାରା ଜାରି ରହିଛି। ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କେବଳ ସରକାରୀ ପଦକ୍ଷେପ ନୁହେଁ, ଲୋକଙ୍କ ସଚେତନତା ମଧ୍ୟ ଜରୁରୀ। ମଶାରୀ ବ୍ୟବହାର ନ କରିବା, ଘର ଆଖପାଖରେ ପାଣି ଜମିବାକୁ ଦେବା ଓ ପରିବେଶକୁ ସନ୍ତସନ୍ତିଆ ରଖିବା ପରି କାରଣରୁ ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ରହୁଛି। ପୂର୍ବରୁ ମ୍ୟାଲେରିଆ ଦମନ ପାଇଁ ଯେଭଳି ସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପ ନିଆଯାଉଥିଲା, ସେଥିରେ ଗତ କିଛି ବର୍ଷ ହେଲା ଢିଲା ପଡ଼ିଥିବା ଅଭିଯୋଗ ହେଉଛି।

● ଏସିଆନ କରାଟେ ଚାମ୍ପିୟନସିପ

## ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ଓ ୨ ଅଫିସିଆଲ



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଏସିଆନ କରାଟେ ଫେଡେରେସନ, ଏକେଏଫ ପକ୍ଷରୁ ଜୋର୍ଡାନ୍‌ର ଅମାନଠାରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୨୪ତମ ଏସିଆନ କ୍ୟାଡେଟ୍, ଜୁନିଅର ଓ ୨୧ ବର୍ଷରୁ କମ ବୟସ ବର୍ଗର କରାଟେ ଚାମ୍ପିୟନସିପ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ କରାଟେ ସଂଘ ଓସ୍କା ପକ୍ଷରୁ ମନୋନୀତ ହୋଇ ଗତ କିଓ ଜାତୀୟ କରାଟେ ଚାମ୍ପିୟନସିପରେ ଉନ୍ନତ ପ୍ରଦର୍ଶନ କରିଥିବା ଓଡ଼ିଶାର ଅଲିଶା ସୁବୁଦ୍ଧି, ଶ୍ୱେତାଞ୍ଜଳି ସାହୁ ଓ ଶାରଣ୍ୟା ସାହୁ ଏହି ଚାମ୍ପିୟନସିପ ପାଇଁ ମନୋନୀତ ଥିବା ବେଳେ ଏସୀୟ କୋଚ୍ ଭାଲେନା ଭାଲେଣ୍ଟିନା ଓ ଏସୀୟ ଜଜ ରାଜୀବ ସିଂ ଭାରତୀୟ ଦଳ ସହ ଜୋର୍ଡାନ୍ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ସଭାପତି ହାଜ୍ରସୀ ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଡ. ଗୌରୀ ମହାନ୍ତିଙ୍କ ସହ ସଂଘର ବରିଷ୍ଠ କର୍ମକର୍ତ୍ତାମାନେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁଶୁଡ଼ିଲା ୫ ମହଲା...

ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଏନଡିଆରଏଫ ଓ ଏସଡିଆରଏଫ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଜଣେ ଛାତ୍ର ଏକ ଭିଡିଓ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି, ଯାହା ଦେଖଣାହାରୀଙ୍କ ଛାତି ଥରାଇଦେଇଛି। ଘଟଣାସ୍ଥଳରେ ୧୨ରୁ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଫାୟାର ସର୍ଭିସର ୧୨ଟି ଟିମ୍ ରେସକ୍ୟୁ ଅପରେସନ୍‌ରେ ନିୟୋଜିତ ଅଛନ୍ତି। ସ୍ଥାନୀୟ ପୁଲିସ ଓ ପ୍ରଶାସନ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାରୀ ଟିମ୍‌କୁ ସହଯୋଗ କରୁଛନ୍ତି। ମାଟି ଓ ଭଗ୍ନାବଶେଷକୁ ସତର୍କତାର ସହ ହଟାଇ ସମ୍ଭାବ୍ୟ ଜୀବିତ ଲୋକଙ୍କୁ ଖୋଜା ଚାଲିଛି। ଆଜି ଅପରାହ୍ଣ ପ୍ରାୟ ଦେଢ଼ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମୟରେ ହଷ୍ଟେଲରେ ଅନେକ ଛାତ୍ର ଉପସ୍ଥିତ ଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କୋଠା ଭାଙ୍ଗିବା ଘଟଣାଟି ଏଭଳି ଭୟଙ୍କର ଥିଲା ଯେ, ଆଖପାଖର ଲୋକମାନେ ଭୂମିକମ୍ପ ଆସିଲା ଭଳି ଅନୁଭବ କରିଥିଲେ। ପୁଲିସ ସୂଚନା ଅନୁଯାୟୀ, 'ହଷ୍ଟେଲ ଡେଜ୍' ନାମକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏହି ପେଇଂ ହଷ୍ଟେଲ ମାଲିକ ଆନନ୍ଦ ବଂଶଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବେସମେଣ୍ଟ ସହ ୫ ମହଲା ବିଶିଷ୍ଟ ଏହି ବିଲ୍ଡିଂଟି ପ୍ରାୟ ୫୦ ବର୍ଷ ପୁରୁଣା। ବିଲ୍ଡିଂର ବେସମେଣ୍ଟରେ ମରାମତି କାମ ଚାଲିଥିବା ସମୟରେ ଏହି ଦୁର୍ଘଟଣା ଘଟିଛି।

### ଅହଂକାର ନକରି...

ସାମ୍ପ୍ରତି ସୁସ୍ଥ, ନିଷ୍ଠା ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପଞ୍ଚାୟତ, ନଗରପାଳିକା ଓ ସମବାୟ ନିର୍ବାଚନରେ ଲୋକଙ୍କ ସହ ଛିଡ଼ା ହେବା ସହିତ କଠିନ ପରିଶ୍ରମ କରି ଲୋକଙ୍କ ଆସ୍ଥାଭାଜନ ହୁଅ। ଦୁଇଦିନିଆ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିବସରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ଭାରତବର୍ଷର ଆର୍ଥିକ ଅଭିବୃଦ୍ଧି ୭.୮ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଅପପ୍ରଚାର କରି ଦେଶକୁ ବଦନାମ କରିବାର ଚକ୍ରାନ୍ତ କରୁଛନ୍ତି। ବିରୋଧୀ ଦଳମାନେ ଦେଶ ବିଭାଜନକାରୀ ଶକ୍ତିମାନଙ୍କ ସହ ହାତ ମିଳାଇ ବିଭିନ୍ନ ଦେଶବିରୋଧୀ ଗତିବିଧିରେ ସାମିଲ ହେଉଛନ୍ତି। ସେହିଭଳି ଅର୍ବାନ ଓ ଦିମାଗୀ ନକ୍ସଲମାନଙ୍କୁ ସମର୍ଥନ, ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଏଫସିଆରଏ ଆଇନକୁ ବିରୋଧ କରି ବିରୋଧୀ ଦଳମାନେ ନିଜର ଭାରତବିରୋଧୀ ମାନସିକତାର ପରିଚୟ ଦେଇଛନ୍ତି। ଦେଶ ଓ ରାଜ୍ୟର ସାମ୍ପ୍ରତିକ ସ୍ଥିତିରେ ଉଭୟ କଂଗ୍ରେସ ଓ ବିଜେଡି ଦଳର ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଯାହାକୁ ଆଜିର ଏହି କାର୍ଯ୍ୟକାରିଣୀରେ ଦୃଢ଼ ଭାବେ ନିନ୍ଦା କରାଯାଇ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି।

### ବିଷାକ୍ତ ମଦ ପିଇ...

ନକଲି ମଦ ବିକ୍ରୟ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ଜଣେ ମଦ ଠିକାଦାର 'ବମ୍ବେ ହ୍ୱିସ୍କି' ନାମରେ ବଜାରରେ ବିକ୍ରି ହେଉଥିବା ଏକ ସନ୍ଦିଗ୍ଧ ନକଲି ମଦ ବ୍ରାଣ୍ଡର ବିକ୍ରୟ ବିଷୟରେ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ସତ୍ତ୍ୱେ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଅଭିଯୋଗ ହୋଇଛି।

### ନିଶାମୁକ୍ତ ଦେଶ...

ପାଇବା ପାଇଁ ବ୍ୟବସ୍ଥା କରିବ। ଏହି ୪ଟି ସ୍ତମ୍ଭରେ ୨୫ଟି ଉପାଦାନ ଏବଂ ୨୦୦ରୁ ଅଧିକ କାର୍ଯ୍ୟସ୍ଥଳୀ ଏକ ସମୟସୀମା ମଧ୍ୟରେ ସ୍ଥିର କରାଯାଇଛି। ଏହାଛଡ଼ା ନିଶାସକ୍ତ ଯୁବକମାନଙ୍କ ପୁନର୍ବାସ ପାଇଁ '୧୯୩୩' ମାନସ ହେଲ୍ପଲାଇନ୍ ଆରମ୍ଭ କରାଯାଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର କ୍ୟାଡର ପୁନର୍ଗଠନ ମଧ୍ୟ ହୋଇଛି। ନିଦାନ୍ ପୋର୍ଟାଲ୍ ମାଧ୍ୟମରେ ନିଶାଦ୍ରବ୍ୟ ଅପରାଧୀଙ୍କ ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରାଯାଇଛି। ନିଶା ଦ୍ରବ୍ୟର ତଦନ୍ତ ପଦ୍ଧତି ମଧ୍ୟ ବଦଳିଛି। ବର୍ତ୍ତମାନ ଯଦି ଏକ ଛୋଟ ପ୍ୟାକେଟ୍ ଡ୍ରଗ୍ସ ଜବତ କରାଯାଉଛି, ତେବେ ଏହା ଦେଶରେ କେଉଁଠାରୁ ଆସିଛି, ତାହା ଯାଞ୍ଚ କରାଯାଏ।

### ସ୍ୱୟଂଚାଳିତ ଭାବେ...

ଅନ୍ୟ ବୈଧାନିକ ଦସ୍ତାବିଜର ସ୍ଥିତି ଯାଞ୍ଚ କରିପାରିବେ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟର ପ୍ରମୁଖ ରାଜପଥ, ଟୋଲ୍ ଗେଟ୍ ଏବଂ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଲଗାଯାଇଥିବା ସ୍ୱଚ୍ଛାକୃତ କ୍ୟାମେରା ଓ ସିଷ୍ଟମ୍ ଦେଇ ଗାଡ଼ି ଅତିକ୍ରମ କରିବା ମାତ୍ରେ ତାହାର ନମ୍ବର ପ୍ଲେଟ୍ ସ୍କାନ୍ ହୋଇଯିବ। ବାହାନ ଡାଟାବେସରୁ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ ହେବା ପରେ ଯଦି କୌଣସି ନଥିପତ୍ର ଅସମ୍ପୂର୍ଣ୍ଣ ଥାଏ, ତେବେ ସାଙ୍ଗେ ସାଙ୍ଗେ ଅନ୍ଲାଇନରେ 'ଇ-ଚାଲାଣ' କଟିଯିବ। ଏହି ଚାଲାଣ ସିଧାସଳଖ ଗାଡ଼ି ମାଲିକଙ୍କ ମୋବାଇଲ୍ ନମ୍ବରକୁ ମେସେଜ୍ ଆକାରରେ ପଠାଯିବ। ଏଥିସହ ପୂର୍ବରୁ ଥିବା ବକେୟା ଇ-ଚାଲାଣ ପୈଠ କରିବାକୁ ମଧ୍ୟ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ଅସୁରଗଡ଼ ଐତିହ୍ୟର...

ଓ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ମିଳିତ ପ୍ରଚେଷ୍ଟାରେ ଏହି ଗବେଷଣା, ଅନୁସନ୍ଧାନ ଓ ଖୋଦନ କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବ। ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କ ମିଳିତ ସହଯୋଗରେ ଆମର ଏହି ପ୍ରାଚୀନ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇତିହାସ ବୋଧ ଓ ସଭ୍ୟତା ବୋଧ ବୃଦ୍ଧି ପାଇବ। ଏହାଦ୍ୱାରା ଏହି ଅଞ୍ଚଳରେ ପର୍ଯ୍ୟଟନର ବ୍ୟାପକ ସମ୍ଭାବନା ସୃଷ୍ଟି ହେବା ସହ ସ୍ଥାନୀୟ ଆର୍ଥ-ସାମାଜିକ ପ୍ରଗତିକୁ ନୂତନ ଦିଶା ମିଳିବ। ଆମର ଏହି ଗୌରବମୟ ଐତିହ୍ୟକୁ ସଂରକ୍ଷିତ ରଖିବା ଓ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ। ବରପାଲି ଗସ୍ତ ଅବସରରେ ଓଡ଼ିଆ ସାହିତ୍ୟର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜନ୍ମପୀଠ ପରିଦର୍ଶନ କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ ବରପାଲିସ୍ଥିତ 'ସ୍ୱଭାବ କବି ଗଙ୍ଗାଧର ମେହେର ଜନ୍ମପୀଠ' ଓ କବି ଭବନ ପରିଦର୍ଶନ କରିବାର ସୌଭାଗ୍ୟ ମିଳିଲା। ଏହି ପବିତ୍ର ଜନ୍ମପୀଠରେ କବିଙ୍କର କାଳଜୟୀ କାବ୍ୟ-ସୃଜନଶୀଳତା ଓ ମହାନ ସଂସ୍କାର ଆଜି ବି ଉଜ୍ଜୀବିତ ହୋଇ ରହିଛି। ଏହି ଜନ୍ମପୀଠ ଆମ ସଂସ୍କୃତି ଓ ଅସ୍ମିତାର ଏକ ମହାନ ସ୍ୱାକ୍ଷର ଓ ଚିରନ୍ତନ ପ୍ରେରଣାର ସ୍ରୋତ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ବରପାଲିଠାରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ୭ ଦିନରେ ସରକାରୀ...

ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ୍ ୨୨ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍ ବୋର୍ଡରେ ମାସକ ମଧ୍ୟରେ ଲାଗୁ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି ବେସରକାରୀ ଓ ଅଣସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ୬ ମାସର ସମୟସୀମା ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଏହାର ଅଂଶସ୍ୱରୂପ ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକର ନାଁ ସଂଶୋଧନ କରାଯାଇ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି। ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍ ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ଏଥିମଧ୍ୟରେ 'ଜୟପୋର' ଏବଂ 'ସୋରୋ' ଭଳି ପୁରୁଣା ବନାନ ମଧ୍ୟ ରହିଛି। ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକାରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

### ସାମ୍ବାଦିକତାକୁ ବଞ୍ଚାଇଛି...

ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡ ପ୍ରଦାନ ସମାରୋହରେ ବକ୍ତବ୍ୟ ଦେଇ ଏହା କହିଛନ୍ତି। ନୂଆଦିଲ୍ଲୀର ପ୍ରତିଷ୍ଠିତ ଓ ପୁରାତନ ଓଡ଼ିଆ ସଂଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପ୍ରଦତ୍ତ ଦ୍ୱିତୀୟ ଇଣ୍ଡିଆନ ଜର୍ଣାଲିଜମ ଆୱାର୍ଡ ଓ ନବମ ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡ ସମାରୋହରେ ୬ ଜଣ ପ୍ରତିଭାବାନ ସାମ୍ବାଦିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମାରୋହରେ ଅନ୍ୟତମ ଅତିଥି ବକ୍ତା ଭାବେ ବିଶିଷ୍ଟ କୂଟନୀତିଜ୍ଞ ତଥା କବି ଅମରେନ୍ଦ୍ର ଖଟୁଆ ଓ 'ସାହିତ୍ୟ ଆଜ ତକ'ର ସମ୍ପାଦକ ଜୟପ୍ରକାଶ ପାଣ୍ଡେ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା ପରସ୍ପର ପରିପୂରକ ଏବଂ ସାମ୍ବାଦିକତା କ୍ଷେତ୍ରରେ ସାହିତ୍ୟର ଅଗ୍ରଣୀ ଭୂମିକ ରହିଥିବା କହିଥିଲେ। ଇଣ୍ଡିଆନ ଜର୍ଣ୍ଣାଲିଜମ ଆୱାର୍ଡରେ ସମ୍ମାନିତ ହୋଇଥିଲେ ନବୋଦୟ ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ଅକୁ ଶ୍ରୀବାସ୍ତବ, ଜୀନ୍ଦଗୀ ଉଇଥ୍ ରିଚା ୟୁଟ୍ୟୁବ ଚ୍ୟାନେଲର ପ୍ରଯୋଜକ ଏବଂ ଉପସ୍ଥାପିକା ରିଚା ଅନିରୁଦ୍ଧ ଓ ଏନଡିଟିଭିର ବୈଦେଶିକ ସଂକ୍ରାନ୍ତୀୟ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସମ୍ପାଦକ ଆଦିତ୍ୟରାଜ କୌଲ। ସେହିପରି ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡରେ ସମ୍ମାନିତ ହୋଇଥିଲେ ଦୈନିକ 'ସଂଚାର'ର ମୁଖ୍ୟ ସମ୍ପାଦକ ଅଜିତ କୁମାର ଦାଶ, କନକ ନ୍ୟୁଜର ଉପସ୍ଥାପିକା ବିଜୟଲକ୍ଷ୍ମୀ ରଥ ଓ ପ୍ରମେୟ ଅନୁଗୋଳ ସଂସ୍କରଣର ବ୍ୟୁରୋ ମୁଖ୍ୟ ଜଳଧର ପ୍ରଧାନ। ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଅଭିଭାଷଣ ଓ ସମାରୋହର ଉଦ୍ଦେଶ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନବଜ୍ୟୋତି ଦାସ, ଇସ୍ପା ପ୍ରତିବିମ୍ବିତା ଷଡ଼ଙ୍ଗୀ, ଜୀତେନ୍ଦ୍ର ନାଥ ତ୍ରିପାଠୀ, ଦେବରାଜ ମହାନ୍ତି ଓ ଶୁଭମ ଶାଶ୍ୱତ ପୃଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକର୍ତ୍ତା ସଂଗ୍ରାମ ଧର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମଣିପୁରରେ ସେନାର ମିଳିତ ଅପରେସନ

### ୨ ୟୁକେଏନଏ ଉଗ୍ରବାଦୀ ନିହତ, ୨ ଆହତ

ଇମ୍ଫାଲ,୬।୯: ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାରେ ଭାରତୀୟ ସେନା ଓ ଆସାମ ରାଇଫଲ୍ସର ମିଳିତ ଅଭିଯାନ ସମୟରେ ଏନକାଉଣ୍ଟରରେ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି(ୟୁକେଏନଏ)ର ଦୁଇ ଜଣ ଉଗ୍ରବାଦୀ ନିହତ ହୋଇଛନ୍ତି। ଏହି ଘଟଣାରେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀ ଘଟଣାସ୍ଥଳରୁ ବିପୁଳ ପରିମାଣର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ସାମରିକ ସାମଗ୍ରୀ ଜବତ କରିଛନ୍ତି। ଗୁଇନ୍ଦା ସୂଚନା ଆଧାରରେ, ସୁରକ୍ଷା ବାହିନୀ ଅଗଷ୍ଟ ୨୯ ରାତିରେ ଚୁରାଚାନ୍ଦପୁର ଜିଲ୍ଲାର ହେଙ୍ଗଲେପ୍ ଉପ-ବିଭାଗର ଫାଇବୋଙ୍ଗ ଗାଁରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ଗାଁରେ ଅବସ୍ଥିତ ଏକ ୟୁକେଏନଏ ଗୁପ୍ତ ଶିବିର ଉପରେ କଡ଼ା ନଜର ରଖାଯାଇଥିଲା ଓ ସେପ୍ଟେମ୍ବର ୨ ସକାଳ ୫ ଟାରୁ ରଣନୀତିକ ଭାବରେ ଶିବିରକୁ ଘେରିବା ଆରମ୍ଭ କରାଯାଇଥିଲା। ସକାଳ ସାଢ଼େ ୫ଟାରେ ସୁରକ୍ଷା ବାହିନୀ ଆସୁଥିବା ଦେଖି ୟୁକେଏନଏ କ୍ୟାଡରମାନେ ଅଚାନକ ଗୁଳି ଚାଳନା କରିଥିଲେ।

ବିଦେଶୀ ସାମ୍ବାଦିକଙ୍କ ଲାଗି ବିଶେଷ ସୁରକ୍ଷା ପ୍ରୋଟୋକଲ୍

## ଆକ୍ରିଡିଟେସନ ଓ ଦୂତାବାସ ସୁପାରିସ୍ ବାଧ୍ୟତାମୂଳକ



କାଠମାଣ୍ଡୁ,୬।୯: ବନ୍ୟା ପ୍ରଭାବିତ ସମ୍ବେଦନଶୀଳ ଅଞ୍ଚଳରେ ରିପୋର୍ଟିଂ କରୁଥିବା ବିଦେଶୀ ସାମ୍ବାଦିକଙ୍କ ପାଇଁ ନେପାଳ ସରକାର ନୂଆ ନିୟମ ଲାଗୁ କରିଛନ୍ତି। ଏହି ସମ୍ବେଦନଶୀଳ ଅଞ୍ଚଳରେ କଭରେଜ୍ କରିବାକୁ ଚାହୁଁଥିବା ବିଦେଶୀ ମିଡିଆ କର୍ମୀଙ୍କୁ ଏଣିକି ଅଫିସିଆଲ ପ୍ରେସ୍ ଆକ୍ରେଡିଟେସନ୍ ଓ ବିଶେଷ ଅନୁମତି ନେବାକୁ ପଡ଼ିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ମିଡିଆ କାର୍ଯ୍ୟକୁ ଏକ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ଏହି ନିୟମର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ନୂଆ ନିୟମ ବିଶେଷ କରି ଭୋଟେକୋଶୀ ଓ ତ୍ରିଶୁଳୀ ନଦୀ ଘାଟି ଭଳି ବନ୍ୟାପ୍ରଭାବିତ ଅଞ୍ଚଳରେ ଲାଗୁ ହୋଇଛି। ଏଭଳି ସମ୍ବେଦନଶୀଳ ତଥା ବିପଦସଂକୁଳ ପରିବେଶକୁ ଦୃଷ୍ଟିରେ ରଖି ବିଦେଶୀ ସାମ୍ବାଦିକଙ୍କ ଯାତାୟାତ ଓ ରିପୋର୍ଟିଂ ପାଇଁ ସରକାର ବିଶେଷ ସୁରକ୍ଷା ପ୍ରୋଟୋକଲ୍ ପ୍ରସ୍ତୁତ କରିଛି। ନୂଆ ପ୍ରକ୍ରିୟା ଅନୁସାରେ, ବିଦେଶୀ ସାମ୍ବାଦିକଙ୍କୁ ନେପାଳର ସୂଚନା ଓ ପ୍ରସାରଣ ବିଭାଗ ନିକଟରେ ଆବେଦନ କରିବାକୁ ପଡ଼ିବ। ଆବେଦନ ସହିତ କିଛି ଆବଶ୍ୟକ ଡକ୍ୟୁମେଣ୍ଟ ଦେବାକୁ ହେବ। ଏଥିରେ ପାସପୋର୍ଟର ବିବରଣୀ, ବୈଧ ଭିସା ଡକ୍ୟୁମେଣ୍ଟ, ସମ୍ପୃକ୍ତ ସାମ୍ବାଦିକଙ୍କ ମୂଳ ମିଡିଆ ସଂସ୍ଥା ପକ୍ଷରୁ ଔପଚାରିକ ସୁପାରିସ ଓ ସମ୍ପୃକ୍ତ ଦେଶର ଦୂତାବାସ କିମ୍ବା ହାଇ କମିଶନରଙ୍କ ସୁପାରିସ। ଏହି ସମସ୍ତ କାଗଜପତ୍ରର ଯାଞ୍ଚ ପରେ ହିଁ ସମ୍ବେଦନଶୀଳ ବନ୍ୟାପ୍ରଭାବିତ ଅଞ୍ଚଳରେ ରିପୋର୍ଟିଂ ପାଇଁ ଆବଶ୍ୟକ ଅନୁମତି ଏବଂ ଅଫିସିଆଲ ଆଇଡେଣ୍ଟିଟି କାର୍ଡ ମିଳିବ।

## ସ୍ତ୍ରୀ ଜୀବନ ନେଲା ନିଶାଖୋର୍ ସ୍ୱାମୀ

ଜଗତସିଂହପୁର, ୬।୯(ସଂଚାର ବ୍ୟୁରୋ): ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ନିଶାରେ ଚୂର୍ ହୋଇ ସ୍ୱାମୀ ସ୍ତ୍ରୀକୁ ଟେଣ୍ଟା ଭୁଷି ହତ୍ୟା କରିଛି। ଜଗତସିଂହପୁର ସଦର ଥାନା ବେନୁପୁର ଗ୍ରାମରେ




ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଅଘଟଣ। ସ୍ତ୍ରୀ ପୁଷ୍ପଲତା ସ୍ୱାଇଁଙ୍କୁ ହତ୍ୟା କରିଛି ସ୍ୱାମୀ ଦିଗମ୍ବର ସ୍ୱାଇଁ। ତେବେ କେଉଁଥିପାଇଁ ଦିଗମ୍ବର ଏଭଳି ନୃଶଂସ କାଣ୍ଡ ଘଟାଇଛି, ସେନେଇ କିଛି ଠୋସ୍ କାରଣ ଜଣାପଡ଼ିନାହିଁ। ପ୍ରାଥମିକ ତଦନ୍ତରୁ ଏହା ପାରିବାରିକ କଳହର ପରିଣତି ବୋଲି କୁହାଯାଉଛି। ମୃତ ପୁଷ୍ପଲତାଙ୍କର ଏକ ୬ ବର୍ଷର ପୁଅ ମଧ୍ୟ ରହିଛି। ମାମଲାରେ ପୁଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଦିଗମ୍ବରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଜଗତସିଂହପୁର ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ସମ୍ପର୍କିତ ଆଇନଗତ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀ ଦିଗମ୍ବର ସ୍ୱାଇଁଙ୍କୁ ହତ୍ୟାକାଣ୍ଡର ପ୍ରକୃତ କାରଣ, ବ୍ୟବହୃତ ଅସ୍ତ୍ର ଓ ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ତା'ର ଛାନଭିନ୍ ଜାରି ରଖିଛି।

## ଯୁବକଙ୍କୁ ଅପହରଣ, ୨ ଗିରଫ

କୋଲକାତା,୬।୯(ସଂଚାର ବ୍ୟୁରୋ): ଜଣେ ଯୁବକଙ୍କୁ ବନ୍ଦୀ କରି ରଖାଯିବା ସହ ତାଙ୍କର ମୁକ୍ତିଲାଗି ତିନିଲକ୍ଷ ଟଙ୍କା ଦାବି କରାଯାଇଥିଲା। ନ ହେଲେ ତାଙ୍କର କିଡନୀ ବିକ୍ରି କରିବାକୁ ଅପହରଣକାରୀମାନେ ଧମକ ଦେଇଥିଲେ। ପରିବାର ପକ୍ଷରୁ ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମାତ୍ର କିଛିଘଣ୍ଟା ମଧ୍ୟରେ ପଶ୍ଚିମ ମେଦିନୀପୁରର ଦାସପୁର ଥାନା ଅଞ୍ଚଳରୁ ଅପରାଧୀ ଶେଖ ସାହିଲ ଓ ରବିଉଲ ଗେନଙ୍କୁ ଗିରଫ କରିଛି। ରବିବାର ପ୍ରାୟ ସାଢେ ୧୧ଟା ସମୟରେ ଅଭିଯୁକ୍ତମାନଙ୍କୁ ରାଣାଘାଟ ନ୍ୟାୟିକ କୋର୍ଟରେ ହାଜର କରାଯାଇଛି।

## ହୁମାୟୁନ କବୀରଙ୍କୁ ସମନ୍ ନୋଟିସ୍

କୋଲକାତା, ୬।୯ (ସଂଚାର ବ୍ୟୁରୋ): ରବିବାର ଭୋର ସମୟରେ ପୁଲିସ ପୂର୍ବତନ ଆଇପିଏସ୍ ଅଧିକାରୀ ହୁମାୟୁନ୍ କବୀରଙ୍କ ବାସଭବନକୁ ଯାଇ ତାଙ୍କୁ ସମନ ନୋଟିସ୍ ପ୍ରଦାନ କରିଛି। ସୂତ୍ର ଅନୁଯାୟୀ, କାମାକ୍ ଷ୍ଟ୍ରିଟ୍ ଘଟଣାର ତଦନ୍ତ ପାଇଁ ଏହି ଚଢ଼ାଉ କରାଯାଇଥିଲା। ହୁମାୟୁନ୍ କବୀରଙ୍କୁ ବୁଧବାର ସେପ୍ଟେମ୍ବର ୯ ତାରିଖରେ ସେକ୍ସପିଅର ସରଣୀ ଥାନାକୁ ଡକାଯାଇଛି। ପୁଲିସ ଏହି ସମନ ସମ୍ପର୍କରେ ନୋଟିସ ପ୍ରଦାନ କରିବା ପାଇଁ ତାଙ୍କ ଘରକୁ ଯାଇଥିଲା। ତାଙ୍କ ପକ୍ଷରୁ ଜଣେ ସୁରକ୍ଷା କର୍ମୀ ନୋଟିସ ଗ୍ରହଣ କରିଛନ୍ତି।

## ଜଳବନ୍ଦୀକୁ ନେଇ ହାଓଡ଼ାରେ ରାସ୍ତା ଅବରୋଧ

କୋଲକାତା, ୬।୯(ସଂଚାର ବ୍ୟୁରୋ): ନିରନ୍ତର ବର୍ଷା ଯୋଗୁଁ ଉତ୍ତର ହାଓଡାର ବାମନଗାଛି ଅଞ୍ଚଳ ଜଳବନ୍ଦୀରେ ରହିଛି। ବନାରସ ରୋଡ୍ ସମେତ ଏକ ବିସ୍ତୃତ ଅଞ୍ଚଳରେ ଦୀର୍ଘ ସମୟ ଧରି ପାଣି ଜମି ରହିଛି। ଏହାର ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉନ୍ନତ ଜଳ ନିଷ୍କାସନ ସୁବିଧା ଦାବି କରି ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି। ପୁଲିସ ଓ ସ୍ଥାନୀୟ ନେତାମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ହୁଗୁଳିରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

କୋଲକାତା,୬।୯(ସଂଚାର ବ୍ୟୁରୋ): ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ଜିଲ୍ଲା ସାରା ବିଭିନ୍ନ ଖାଦ୍ୟପେୟ ଓ ରେଷ୍ଟୁରାଣ୍ଟଗୁଡ଼ିକର ନିୟମିତ ଯାଞ୍ଚ ପ୍ରକ୍ରିୟା ଜାରି ରଖିଛନ୍ତି। ତେବେ ରବିବାର ହୁଗୁଳିରେ ଏକ 'ଚନାଚୁର' କାରଖାନା ଯାଞ୍ଚ କରିବା ସମୟରେ ଅଧିକାରୀମାନେ ପ୍ରତିବାଦର ସମ୍ମୁଖୀନ ହୋଇଥିଲେ। ତାରକେଶ୍ୱରର ମୁକ୍ତାରପୁର ଅଞ୍ଚଳରେ ଅବସ୍ଥିତ କାରଖାନାର ମାଲିକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାରକେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

## ମଙ୍ଗଳବାର ଲୋୟର ପିଏମଜିରେ ଗର୍ଜିବ ଇଣ୍ଡି ମେଣ୍ଟ

### ଏମ୍ଏମ୍‌ଡିଆର୍ ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ



ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ଏମ୍ଏମ୍‌ଡିଆର୍ ବିଲ୍‌କୁ ନେଇ ଆଗାମୀ ପ୍ରତିବାଦ କାର୍ଯ୍ୟକ୍ରମ ବିଷୟରେ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ମେଣ୍ଟର ସହଯୋଗୀ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ଗଣମାଧ୍ୟମକୁ ମେଣ୍ଟର ଅନ୍ୟତମ ସହଯୋଗୀ ଦଳ ଓପିସିସି ସଭାପତି ଶ୍ରୀ ଦାସ ବିବୃତି ଦେଇଛନ୍ତି ଯେ ଆସନ୍ତା ୮ ତାରିଖରେ ଲୋୟର ପିଏମଜି ଛକରେ ଇଣ୍ଡି ମେଣ୍ଟର ଏକ ବିଶାଳ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହେବ ଏବଂ ଏହି ସମାବେଶରେ ଏମ୍ଏମ୍‌ଡିଆର୍ ବିଲ ଉପରେ ଆଲୋଚନା ଓ ଅଭିଭାଷଣ ସହ ସରକାରଙ୍କଠାରେ ଏହି କଳା ବିଲ୍ ପ୍ରତ୍ୟାହାର ପାଇଁ ଦାବି ଉପସ୍ଥାପନ କରାଯିବ। ଏହି କ୍ରମରେ ସେପ୍ଟେମ୍ବର ୧୮ରେ ସୁନ୍ଦରଗଡ଼, ରାୟଗଡ଼ାରେ ୨୧ ତାରିଖରେ, କେନ୍ଦୁଝରରେ ୨୪ ତାରିଖରେ, ଅନୁଗୁଳରେ ୨୬ ତାରିଖରେ ଇଣ୍ଡି ମେଣ୍ଟ ତରଫରୁ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ସୂଚନା ଦେବା ସହ କହିଛନ୍ତି ଯେ ଯଦି ସରକାର କିଛି ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କରନ୍ତି ତା'ହେଲେ ଆସନ୍ତା ୨୯ ତାରିଖ ବିଧାନସଭା ଆଗରେ ବିରାଟ ପ୍ରତିବାଦ ସଭା ଇଣ୍ଡି ମେଣ୍ଟ ତରଫରୁ ଆୟୋଜନ କରାଯିବ। ସେ କହିଛନ୍ତି ଯେ ଏମ୍ଏମ୍‌ଡିଆର୍ କଳା ବିଲ୍ ପ୍ରତ୍ୟାହାର ନ ହେଲା ପର୍ଯ୍ୟନ୍ତ ଇଣ୍ଡି ମେଣ୍ଟ ତା'ର ପ୍ରତିବାଦ କାର୍ଯ୍ୟକ୍ରମ ଜାରି ରଖିବ ଏବଂ ଆଗକୁ ଏହା ମହାଆନ୍ଦୋଳନର ରୂପ ନେବ ବୋଲି ଶ୍ରୀ ଦାସ ସରକାରଙ୍କୁ ଚେତାଇ ଦେଇଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥରେ ଇଣ୍ଡି ମେଣ୍ଟ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କହିବା ସହ ରାଜ୍ୟସ୍ୱାର୍ଥ ପାଇଁ ରାଜ୍ୟର ସମସ୍ତ ଯୁବ, ମହିଳା, ବୁଦ୍ଧିଜୀବୀ, ସାମାଜିକ ଆଦି ସଂଗଠନ ସ୍ୱେଚ୍ଛାରେ ପ୍ରତିବାଦ ସଭାରେ ଯୋଗଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ନିଶା କାରବାରକୁ ନେଇ ଗରଦପୁରରେ ବଢୁଛି ଚିନ୍ତା

● ବ୍ରାଉନସୁଗର ଓ ଚୋରା ମଦର ଅଭିଯୋଗ

କେନ୍ଦ୍ରାପଡ଼ା,୬।୯(ସଂଚାର ବ୍ୟୁରୋ): ଗରଦପୁର ବଜାର ଓ ଏହାର ଆଖପାଖ ଅଞ୍ଚଳରେ କଥିତ ନିଶା କାରବାରକୁ ନେଇ ଦିନକୁ ଦିନ ଚିନ୍ତା ବଢୁଛି। ବ୍ରାଉନସୁଗର, ଚୋରା ମଦ ଓ ଗଞ୍ଜେଇ ଭଳି ନିଶାଦ୍ରବ୍ୟର କାରବାର ନେଇ ସ୍ଥାନୀୟ ମହଲରୁ ଅଭିଯୋଗ ଉଠୁଥିବା ବେଳେ ଏହା ଉପରେ ଅବକାରୀ ବିଭାଗର ନଜରଦାରୀ କେତେ ରହିଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ନିକିରାଇ ଓ ମାର୍ଶାଘାଇ ଅଞ୍ଚଳରେ ଅବକାରୀ ବିଭାଗର ଚଢ଼ାଉ ସମୟରେ ବ୍ରାଉନସୁଗର ଓ ବିପୁଳ ପରିମାଣର ଚୋରା ମଦ ଜବତ ହୋଇଥିବା ଖବର ସାମ୍ନାକୁ ଆସିଛି। ଏଭଳି ସମୟରେ ଗରଦପୁର ଅଞ୍ଚଳରେ ନିଶା କାରବାର ନେଇ ଆସୁଥିବା ଅଭିଯୋଗକୁ ବିଭାଗ କେତେ ଗୁରୁତର ସହ ନେଉଛି, ସେନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଗରଦପୁର ଏକ ପ୍ରମୁଖ ବଜାର ଅଞ୍ଚଳ ହୋଇଥିବାରୁ ଦୈନିକ ଏଠାକୁ ବହୁ ଲୋକଙ୍କ ଯାତାୟାତ ରହିଥାଏ। ଏଭଳି ସ୍ଥାନରେ ଯଦି ଅବୈଧ ନିଶାଦ୍ରବ୍ୟର କାରବାର ଚାଲିଥାଏ, ତେବେ ଏହାର ସାମାଜିକ ପ୍ରଭାବକୁ ନେଇ ଚିନ୍ତା ସ୍ୱାଭାବିକ। ବିଶେଷକରି ଯୁବପିଢ଼ି ଏହାର ଶିକାର ହେବା ଆଶଙ୍କା ଥିବାରୁ ନିଶା କାରବାର ଉପରେ ତୁରନ୍ତ ରୋକ୍ ଲଗାଇବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ଦେଉଛନ୍ତି। ନିଶା କାରବାର ସହ ଅପରାଧିକ ଘଟଣାର ସମ୍ପର୍କ ଥିବାରୁ ଏହାକୁ କେବଳ ଅବକାରୀ ଆଇନର ଏକ ମାମଲା ଭାବେ ନ ଦେଖି ପୁଲିସ ଓ ଅବକାରୀ ବିଭାଗର ସମନ୍ୱିତ ପଦକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ସହରୀ ବର୍ଜ୍ୟ, ୧୫ ମେଗାୱାଟ ବିଜୁଳି ମିଳିବ

ଭୁବନେଶ୍ୱର,୬।୯: ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟରୁ ପାଖପାଖି ୧୫ ମେଗାୱାଟ ବିଜୁଳି ଉତ୍ପାଦନ ହେବ। ଭୁଆଷୁଣି ଠାରେ ଏହି କାରଖାନା ପ୍ରତିଷ୍ଠାର ଯୋଜନା ରହିଥିବାବେଳେ ଏଠାରେ ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ଜଟଣୀରୁ ବାହାରୁଥିବା ବର୍ଜ୍ୟର ବ୍ୟବହାର କରାଯିବ। ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଏବେ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଏଥିରୁ ବିଜୁଳି ଶକ୍ତି ବାହାର କରିବା ସହ ସହଜ ପରିଚାଳନା କରାଯାଇ ପାରିବ ତାହା ଉପରେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଡିପିଆର ପ୍ରସ୍ତୁତି ଚାଲିଥିବା ବେଳେ ପ୍ରସ୍ତାବିତ କାରଖାନା ଭୁଆଷୁଣିଠାରେ ହେବ ବୋଲି ଜଣାଯାଇଛି। ଏହାର କାର୍ଯ୍ୟକାରିତା ଓ ପରିଚାଳନା ଦାୟିତ୍ୱ ଭାରତୀୟ ତୈଳ ନିଗମ ହାତରେ ରହିବ। ଏଥିପାଇଁ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ଭାରତୀୟ ତୈଳ ନିଗମ ମଧ୍ୟରେ ଚଳିତ ମାସରେ ରାଜିନାମା ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ କେବଳ ଭୁବନେଶ୍ୱର ସହରରୁ ଦୈନିକ ୮୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବା ବେଳେ ଏହାକୁ ବିଭିନ୍ନ ଉପାୟରେ ପରିଚାଳନା କରାଯାଉଛି। ଓଦା ବର୍ଜ୍ୟରୁ ଖତ ପ୍ରସ୍ତୁତ ହେଉଥିବା ବେଳେ ବର୍ଜ୍ୟରୁ ମିଳୁଥିବା ବିଭିନ୍ନ ଧାତବ ସାମଗ୍ରୀକୁ ବିକି ୪ କୋଟିରୁ ଅଧିକ ଟଙ୍କା ଆୟ କରାଯାଉଛି। ସେହିଭଳି ପ୍ଲାଷ୍ଟିକ ଓ ଜରିମୁଣା ବର୍ଜ୍ୟକୁ କେତେକ ସିମେଣ୍ଟ କମ୍ପାନୀକୁ ପଠାଯାଉଛି। ଏହା ସତ୍ତ୍ୱେ ବି ସମସ୍ତ ବର୍ଜ୍ୟକୁ ପରିଚାଳନା କରିବା କାଠିକର ପାଠ ହେଉଛି।

ବର୍ତ୍ତମାନ ବର୍ଜ୍ୟରୁ ସମ୍ପଦ ଯୋଜନାରେ ଶକ୍ତି ଉତ୍ପାଦନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଣ୍ଟା ଭିଡ଼ିଛି। ଭୁଆଶୁଣି ନିକଟରେ ଶକ୍ତି ଉତ୍ପାଦନ ପ୍ଲାଣ୍ଟ ବସାଇବାକୁ ସ୍ଥିର ହୋଇଛି। ଏଥିରୁ ବାହାରିବାକୁ ଥିବା ଶକ୍ତିରୁ ବ୍ୟାପକ ଆର୍ଥିକ ଲାଭ ମିଳିବା ସହ ବର୍ଜ୍ୟ ଚିନ୍ତାରୁ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି।

କେବଳ ସେତିକି ନୁହେଁ, ସହରାଞ୍ଚଳରେ ବାହାରୁଥିବା ଆମିଷ ବର୍ଜ୍ୟ ଚିନ୍ତାରୁ ମୁକ୍ତି ପାଇଁ ମଧ୍ୟ ଭୁଆଶୁଣିଠାରେ ଏକ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଠାରେ ଦୈନିକ ୫୦ ମେଟ୍ରିକ ଟନ୍ ଆମିଷ ବର୍ଜ୍ୟ ବିଶେଷକରି ମାଛ କାତି, କୁକୁଡ଼ା ପର ଓ ଅନ୍ୟାନ୍ୟ ବର୍ଜ୍ୟକୁ ବିଘଟନ କରାଯାଇପାରିବ। ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି କାରଖାନା ପାଇଁ ଟେଣ୍ଡର ପ୍ରସ୍ତୁତ ସହ ୟୁଜର୍ସ ଦେୟ ବିଏମସି ପ୍ରସ୍ତୁତ କରୁଛି। ଏହାର ଅନୁମୋଦନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବ।

ସହରାଞ୍ଚଳ ବର୍ଜ୍ୟ ପରିଚାଳନା ପାଇଁ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ପ୍ଲାଷ୍ଟିକ ବର୍ଜ୍ୟର ପରିମାଣ କିନ୍ତୁ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ୟାକେଟ୍, ଗୁଟ୍‌ଖା ଜରି, ଦୁଗ୍ଧଜାତ ସାମଗ୍ରୀ ଆସୁଥିବା ଜରି ଓ ଥଳି, ସରକାର ନିଷିଦ୍ଧ କରିଥିବା ଥର୍ମୋକୁଲ୍ ଓ ଏକକ ବ୍ୟବହାର ଯୋଗ୍ୟ ନିମ୍ନମାନର ଜରିମୁଣା ଏବେ ପୌରସଂସ୍ଥାଗୁଡିକର ଚିନ୍ତା ବଢ଼ାଇବାରେ ଲାଗିଛନ୍ତି। (ତଥ୍ୟ)

## ଚଳନ୍ତା କାର୍‌ରେ ନିଆଁ

ଝାରସୁଗୁଡ଼ା,୬।୯(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ସହରର ମୁଖ୍ୟ ରାସ୍ତା ମନମୋହନ ସ୍କୁଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ଚଳନ୍ତା କାରରେ ହଠାତ୍ ନିଆଁ



ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁର ପ୍ରକୋପ ବୃଦ୍ଧି ପାଇ କାରଟି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଥିଲା। ହେଲେ ସୌଭାଗ୍ୟବଶତଃ କାରରେ ନିଆଁ ଲାଗିବା କ୍ଷଣି କାରରେ ଥିବା ସମସ୍ତ ଯାତ୍ରୀ ତଳକୁ ଓହ୍ଲାଇ ପଡ଼ିବାରୁ ଏକ ବଡ଼ ଧରଣର ବିପଦରୁ ସମସ୍ତେ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ଉପସ୍ଥିତ ଥିବା ଲୋକଙ୍କ ସହ ଏବଂ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ହେଲେ କାରଟି ସମ୍ପୂର୍ଣ୍ଣ ପୋଡି ଯାଇଛି। ଅଘଟଣ ଯୋଗୁ କିଛି ସମୟ ପାଇଁ ମୁଖ୍ୟ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ନିଆଁ ଲିଭିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ସରକାରୀ ଛୁଟି ବାତିଲ୍ ସମୟରେ ଅନୁପସ୍ଥିତ ଘଟଣା

# କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ୬।୯ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ସମୟରେ କାର୍ଯ୍ୟାଳୟ ଗୁଡ଼ିକର ପରିଚାଳନା ପାଇଁ ଅଗଷ୍ଟ ମାସ ୨୬ ଓ ୨୭ ତାରିଖରେ କାର୍ଯ୍ୟାଳୟ ଗୁଡ଼ିକର କାର୍ଯ୍ୟକାରିତା ଏବଂ କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲାପାଳଙ୍କ ଚିଠି ନଂ-୨୭୦୦,ତା ୦୫ ସେପ୍ଟେମ୍ବର ୨୦୨୬ରେ ନିର୍ଦ୍ଦେଶ ଜାରି କରାଯାଇଛି।

ଏହି ଦୁଇ ସରକାରୀ ଛୁଟି ଦିନ ଖୋଲା ରଖିବାକୁ ନିର୍ଦ୍ଦେଶ ହୋଇଥିବା ବିଭାଗ ଗୁଡିକ ଭିତରେ ମୁଖ୍ୟ ଉନ୍ନୟନ ଅଧିକାରୀ -ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା, ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା, ସମସ୍ତ ତହସିଲ କାର୍ଯ୍ୟାଳୟ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିର୍ବାହୀ ଅଧିକାରୀ, ପୌରପାଳିକା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ, ସିଡିଏମଓ କାର୍ଯ୍ୟାଳୟ, ଡିଏସଡବ୍ଲୁ କାର୍ଯ୍ୟାଳୟ, ଡିଡବ୍ଲୁଓ କାର୍ଯ୍ୟାଳୟ, ସିଡ଼ିଭିଓ କାର୍ଯ୍ୟାଳୟ, ସିଡିଏଓ କାର୍ଯ୍ୟାଳୟ, ସିଏସଓ କାର୍ଯ୍ୟାଳୟ, ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ, ଆରଡବ୍ଲୁଏସଏସ୍ କାର୍ଯ୍ୟାଳୟ, ନିର୍ବାହୀ ଯନ୍ତ୍ରୀ, ଟିପିସିଓଡିଏଲ (କେଇଡ଼ି-୧ ଏବଂ କେଇଡ଼ି-୨), କେନ୍ଦ୍ରାପଡ଼ା

**ଖବର ପ୍ରସାରଣ ପରେ ଜିଲ୍ଲାପାଳଙ୍କ ପ୍ରଶାସନିକ ତନାଘନା**

ନିର୍ବାହୀ ଯନ୍ତ୍ରୀ ପିଏଚଡ଼ି କାର୍ଯ୍ୟାଳୟ, ଅଧିକ୍ଷଣ ଯନ୍ତ୍ରୀ, ତଟବନ୍ଧ ବିଭାଗ (ଆଳି), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ, ସଂସ୍ଥାପନ ବିଭାଗ, ନିଜାରତ ବିଭାଗ ଓ ଚିଠି ପ୍ରେରଣ ଏବଂ ଗ୍ରହଣ ବିଭାଗ କାର୍ଯ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶନାମା ପ୍ରତି ଦୃଷ୍ଟି ଆକର୍ଷଣ କରି ସମସ୍ତ ସମ୍ପୃକ୍ତ କାର୍ଯ୍ୟାଳୟକୁ ୨୬ ଅଗଷ୍ଟ ୨୦୨୬(ମହମ୍ମଦଙ୍କ ଜନ୍ମଦିନ) ଏବଂ ୨୭ ଅଗଷ୍ଟ ୨୦୨୬(ଝୁଲଣ ପୂର୍ଣ୍ଣିମା) ଦିନ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଯେଉଁଥିରେ ସ୍ପଷ୍ଟ ସୂଚନା ଥିଲା ଯେ, କୌଣସି ଅଧିକାରୀ କିମ୍ବା କର୍ମଚାରୀ ପୂର୍ବ ଅନୁମତି ବିନା ମୁଖ୍ୟ ଦପ୍ତର (ହେଡକ୍ୱାଟର୍ସ) ଛାଡି ଯାଇପାରିବେ ନାହିଁ । ଏହାର ସ୍ପଷ୍ଟ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟାଳୟ ଗୁଡିକୁ ସେହି ଦୁଇ ଦିନର କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ଦୁଇ ସରକାରୀ ଛୁଟି ଦିନରେ ବନ୍ୟା ମୁକାବିଲା ପାଇଁ କାର୍ଯ୍ୟାଳୟ ଖୋଲା ଥିଲା ଏବଂ କାର୍ଯ୍ୟକ୍ଷମ ଥିଲା ବୋଲି ରିପୋର୍ଟ ମଗାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହା ସହ ଉଭୟ ତାରିଖରେ କାର୍ଯ୍ୟରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥାପନ ରିପୋର୍ଟ କରିବାକୁ କୁହାଯାଇଛି।

ପୂର୍ବ ଲିଖିତ ଅନୁମତି ବିନା ଅନୁପସ୍ଥିତ ଥିବା କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ବିବରଣୀ ପ୍ରଦାନ କରିବା ସହ ଆବଶ୍ୟକ ଅନୁପାଳନ ରିପୋର୍ଟ ଏବଂ ନିର୍ଦ୍ଦିଷ୍ଟ ତାରିଖ ଗୁଡ଼ିକର ଉପସ୍ଥାନ ଖାତା/ଲଗ୍‌ର ଏକ ସ୍କାନ କପି ସହିତ ଶନିବାର ସଂଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଯଦି ରିପୋର୍ଟ ପ୍ରଦାନରେ ବିଳମ୍ବ କରାଯାଏ ତେବେ ଗମ୍ଭୀରତାର ସହ ନିଆଯିବ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅମାନିଆ କର୍ମଚାରୀଙ୍କ ବିରୁଦ୍ଧରେ କେବେ ଓ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଜିଲ୍ଲାପାଳ ତାହା ସମୟ ସାପେକ୍ଷ।

## ବ୍ରାଉନସୁଗର ଓ ଚୋରାମଦ ଜବତ, ୯ ଗିରଫ



**କେନ୍ଦ୍ରାପଡ଼ା, ୬।୯ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶା ଦ୍ରବ୍ୟ ଜବତ କରାଯାଇଛି ।

ପଟ୍ଟାମୁଣ୍ଡାଇ ଟାଉନ ଥାନା ଅଧିନ ମାଟିଆ ଗ୍ରାମର ସାଗର ମଲ୍ଲିକ(୨୫)ଙ୍କ ଠାରୁ ୩୪ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନ ମାଟିଆ ଗ୍ରାମର ସନ୍ତୋଷ ମଲ୍ଲିକ(୨୫), ଗଙ୍ଗାରାମପୁର ଗ୍ରାମର ବିଦ୍ୟାଧର ନାୟକ, ଗୁଣୁପୁର ଗ୍ରାମର ନକୁଳ ଜେନା, ନିଗନପୁର ଗ୍ରାମର ସମୀର ସେଠୀ, ବଡମୋହନପୁର ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ଠାରୁ ମୋଟ ୪୦ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି । ନିକିରେଇ ଥାନା ଅଧିନ ତନାର ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କ ଠାରୁ ୨୦ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ଦୁଇ ଚକିଆ ଯାନ ଜବତ କରାଯାଇଥିବା ବେଳେ ମାର୍ଶାଘାଇ ଥାନା ଅଧିନ ପ୍ରବକପୁର ଗ୍ରାମର ଟୀକା ଗୋବିନ୍ଦ ଚନ୍ଦ୍ର ଖିଲାରଙ୍କ ଠାରୁ ୨୦ ଲିଟର ଓ ଝରଣା ରାଉତଙ୍କ ଠାରୁ ୧୮ ଲିଟର ଚୋରା ରନ୍ଧା ମଦ ଜବତ କରାଯାଇଛି। ଏହି ମାମଲାରେ ସମସ୍ତ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଦୀପକ କୁମାର ଜେନା, ରଞ୍ଜନ କୁଆଁର ପାତ୍ର ଏବଂ ଅବକାରୀ ନିରୀକ୍ଷକ ସନ୍ଧ୍ୟାରାଣୀ ଦାସଙ୍କ ସମେତ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର

**କେସିଙ୍ଗା, ୬।୯ (ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଚାଁଚେର ଗ୍ରାମପଞ୍ଚାୟତ ଅଧୀନରେ ଏନ୍ଏଚ୍-୨୬ କଡ଼ରେ ଥିବା ବୈଶାଳୀ ପାଣି ପାଉଚ୍ ଫ୍ୟାକ୍ଟେରିରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବ ଶ୍ରମିକ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। କେସିଙ୍ଗା ବ୍ଲକ ଉତ୍କେଲା ଗ୍ରାମପଞ୍ଚାୟତ ଅଧୀନ ଗଞ୍ଜେଇମାଲ ଗ୍ରାମର ୨୩ ବର୍ଷୀୟ କ୍ଷେତ୍ର ନାଏକ ପ୍ରାୟ ଦୁଇ ବର୍ଷ ଧରି ଉକ୍ତ ପାଣି ପାଉଚ୍ ଫ୍ୟାକ୍ଟେରିରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ଗୁରୁବାର ସକାଳ ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ସେ ଫ୍ୟାକ୍ଟେରି ପରିସରରେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏହାପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭବାନୀପାଟଣା ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଅବସ୍ଥା ନେଇ ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ମଧ୍ୟ ଚିକିତ୍ସା ପରେ ତାଙ୍କୁ ରାଉରକେଲାକୁ ରେଫର କରାଯାଇଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ଘଟଣାକୁ ନେଇ ଶନିବାର ସ୍ଥାନୀୟ ଗ୍ରାମବାସୀମାନେ ବୈଶାଳୀ ପାଣି ପାଉଚ୍ ଫ୍ୟାକ୍ଟେରିର ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଗୁରୁତର ଶ୍ରମିକଙ୍କ ଚିକିତ୍ସା ଓ ପରିବାରକୁ ସହାୟତା ପ୍ରଦାନ ନେଇ ଗ୍ରାମବାସୀମାନେ ଦାବି ଉଠାଇଥିଲେ। ଖବର ପାଇ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିବା ଜଣାପଡ଼ିଛି।

## ଅସହାୟ ପରିବାରକୁ ଚିତ୍ତରଞ୍ଜନଙ୍କ ସହାୟତା



**ମାର୍ଶାଘାଇ, ୬।୯ (ସଂଚାର ବ୍ୟୁରୋ)ଃ** ମାର୍ଶାଘାଇ ବ୍ଲକ ଜୁଣ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ଗୁରୁବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। ନିଜର ମାଟି ଘରେ ରାତିରେ ଶୋଇଥିବା ବେଳେ ମାଟିକାନ୍ଥ ଭୁଶୁଡ଼ି ପଡିଥିଲା। ଏଥିରେ ହୃଷିକେଶ ଜେନା(୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପତ୍ନୀ ରେଣୁକା ଜେନା(୪୦) ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲ ରେ ଚିକିତ୍ସିତ ହେଉଛନ୍ତି। ହୃଷିକେଶ ଜଣେ ଭୂମିହୀନ। ସେ ଭୂମିହୀନ ପଟ୍ଟା ପାଇଁ ମାର୍ଶାଘାଇ ତହସିଲକୁ ଧାଇଁ ଧାଇଁ ନିରାଶ ହୋଇଥିବା ତାଙ୍କ ମାଆ କହିଛନ୍ତି। ପଟ୍ଟା ନମିଳିବାରୁ ସ୍ଥାୟୀ ପକ୍କାଘର ଖଣ୍ଡିଏ ମିଳି ପାରିନଥିବାରୁ ଏକ ମାଟିକାନ୍ଥ ଘରେ ପାଞ୍ଚ ପ୍ରାଣୀ ଜୀବନ ଯାପନ କରୁଥିଲେ।

ଏହି ଘଟଣା ପରେ ଆଜି ହୃଷିକେଶଙ୍କ ପରିବାରକୁ ଭେଟିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ଚିତ୍ତରଞ୍ଜନ ଦାସ। ଏହି ଅସମୟରେ ସେ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ରେଣୁକାଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ମୃତକଙ୍କ ପରିବାର ଭୂମିହୀନ ହୋଇଥିବାରୁ ପ୍ରଶାସନ ତରଫରୁ ତାଙ୍କୁ ତୁରନ୍ତ ଭୂମିହୀନ ପଟ୍ଟା ପ୍ରଦାନ କରିବା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଚିତ୍ତରଞ୍ଜନ ଦାବି କରିଛନ୍ତି।

## ଦିବ୍ୟାଙ୍ଗ ଓ ଶତାୟୁ ଶିକ୍ଷକଙ୍କ ସହ ଗୁରୁ ଦିବସ ପାଳନ

**କେନ୍ଦ୍ରାପଡ଼ା,୬।୯(ସଂଚାର ବ୍ୟୁରୋ)ଃ** ଗୁରୁ ଦିବସକୁ ଏକ ଭିନ୍ନ ଓ ନିଆରା ଢଙ୍ଗରେ ପାଳନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଆଁରପାଳ ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଓ ଜଣେ ଦିବ୍ୟାଙ୍ଗ ଶିକ୍ଷକ ଧିରେନ ସାହୁଙ୍କୁ ଏହି ଅବସରରେ ନୂତନ ଜୋତା, ଉତ୍ତରୀୟ ଓ ପଗଡ଼ି ପିନ୍ଧା ଯାଇ ଗୁରୁ ପୂଜନ କରାଯାଇଥିଲା। ସମାଜ ପାଇଁ ସେମାନଙ୍କର ଅବଦାନ ଅମୂଲ ଓ ତାଙ୍କର ପ୍ରୟାସ ପାଇଁ ଅନେକ ଛାତ୍ରଛାତ୍ରୀ ଆଜି ପ୍ରତିଷ୍ଠିତ ହୋଇପାରିଛନ୍ତି।



## ବିଜେପି ପକ୍ଷରୁ ରିଲିଫ ବଣ୍ଟନ



**ପଟ୍ଟାମୁଣ୍ଡାଇ, ୬।୯ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ର ତଥା ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବନ୍ୟା ବିପନ୍ନ ୭ନଂ ୱାର୍ଡ ତଳବାଲିପଡ଼ା ବାଲିଓପର ଓ ୯ ନଂ ୱାର୍ଡ ନୂଆଗାଁ ବନ୍ୟା ବିପନ୍ନ ଲୋକମାନଙ୍କୁ ବିଜେପି ନାରୀ ନେତ୍ରୀ ସହାୟତା ହାତ ବଢ଼ାଇଛନ୍ତି।

ବରିଷ୍ଠ ବିଜେପି ନାରୀ ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ଯୁବନେତା ସନ୍ତୋଷ କୁମାର ସ୍ୱାଇଁ,ବରିଷ୍ଠ ବିଜେପି ନେତା ସତ୍ୟରଞ୍ଜନ ସ୍ୱାଇଁ, ଅଶୋକ ସେଠୀ, ସୁଶାନ୍ତ ଦାସ, ଗାଲେଖ ମଳିକ, ଟିଟନ ମଳିକ, ଶମ୍ଭୁ ମଳିକ ପ୍ରମୁଖ ରିଲିଫ ବଣ୍ଟନ କରିଥିଲେ । ସେହିପରି କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ପଞ୍ଚାୟତ ଘାଗରାଡିଆର ବନ୍ୟା ବିପନ୍ନ ଲୋକମାନଙ୍କୁ ବରିଷ୍ଠ ବିଜେପି ନାରୀ ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ଯୁବନେତା ସନ୍ତୋଷ କୁମାର ସ୍ୱାଇଁ,ବରିଷ୍ଠ ନେତା ନଳିନୀକାନ୍ତ ବିଶ୍ୱାଳ , ଶଶୀକାନ୍ତ ସ୍ୱାଇଁ, ସତ୍ୟରଞ୍ଜନ ସ୍ୱାଇଁ ଅଶୋକ ସେଠୀ, ସୁଶାନ୍ତ ଦାସ, ଗାଲେଖ ମଳିକ, ଟିଟନ ମଳିକ, ଶମ୍ଭୁ ମଳିକ ପ୍ରମୁଖ ରିଲିଫ ବଣ୍ଟନ କରିଥିଲେ ।

### ଖେଳନା ବନ୍ଧୁକ ଓ ଭୁଜାଲି ଦେଖାଇ

## କୋର୍ଟ ଚାଲାଣ ହେଲେ ୩ ନାବାଳକ

**ନିଳଗିରି, ୬।୯ (ସଂଚାର ବ୍ୟୁରୋ)ଃ** ରାସ୍ତା ଅବରୋଧ କରି ବାଇକ୍ ରଖିବା ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କୁ ଖେଳନା ବନ୍ଧୁକ ଓ ଭୁଜାଲି ଦେଖାଇବା ଘଟଣାରେ ୩ଜଣ ନାବାଳକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ନିଳଗିରି ଥାନା ଅନ୍ତର୍ଗତ ଈଶ୍ୱରପୁର ଫାଣ୍ଡି ଅଧିନସ୍ଥ ବାଙ୍କି ପଦା ଗ୍ରାମର ତିନି ଜଣ ନାବାଳକ ନିଜର ବାଇକଟିକୁ ବାଙ୍କିପଦା ଛକରେ ରଖି ରାସ୍ତା ଅବରୋଧ କରିଥିବା ବେଳେ ଉକ୍ତ ଗ୍ରାମର ଅମୀୟ ରଂଜନ ରାଜ୍ ନିଜ କାରରେ ଯାଉଥିବା ବେଳେ ବାଇକଟିକୁ ରାସ୍ତା ଉପରେ କଣ ପାଇଁ ରଖିଛ ବୋଲି କହିବାରୁ ତିନି ଜଣ ନାବାଳକ ଉତକ୍ଷିପ୍ତ ହୋଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଏକ ଖେଳନା ବନ୍ଧୁକ ଓ ଭୁଜାଲି ଦେଖାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଯିବାରୁ ୩ନାବାଳକ ସ୍ଥାନରୁ ପଳାଇ ଯାଇଥିଲେ। ଏନେଇ ଅମୀୟ ପୁଲିସ୍ ନିକଟରେ ଅଭିଯୋଗ କରିଥିଲେ। ଈଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ନାୟକ ଘଟଣାର ତଦନ୍ତ କରି ତିନି ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ନୀଳଗିରି ଥାନାରେ ୩୧୯/୨୬ରେ ଏକ ମାମଲା ରୁଜୁ ହୋଇଥିବାର ନୀଳଗିରୀ ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

# ୩ ଲକ୍ଷ ୧୫ ହଜାର ନେବାବେଳେ ଧରାପଡ଼ିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

### ଚଢ଼ାଉ ବେଳେ ବାହାରିଲା ପୁଳାପୁଳା ସଂପତ୍ତି, ଗିରଫ କଲା ଭିଜିଲାନ୍ସ

**କେନ୍ଦ୍ରାପଡ଼ା, ୬।୯ (ସଂଚାର ବ୍ୟୁରୋ)ଃ** ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଲେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ଏଷ୍ଟିମେଟର ଅନୁପମା ସାହୁ। ଅଫିସରୁ ଫେରୁଥିବା ସମୟରେ ରାସ୍ତାରେ ଗାଡ଼ି ଅଟକାଇ ୩.୧୫ ଲକ୍ଷ ଟଙ୍କାର ସନ୍ଦେହଜନକ ବେଆଇନ ନଗଦ ଟଙ୍କା ଜବତ କରିଛି ଭିଜିଲାନ୍ସ। ଏହାପରେ, ତାଙ୍କ ଦୁହୁରିଆ ସ୍ଥିତ ଭଡ଼ାଘରୁ ଆଉ ୪ ଲକ୍ଷ ନଗଦ ଟଙ୍କା ଠାବ ସହ ଜବତ କରାଯାଇଛି। ସର୍ବମୋଟ ୭.୧୫ ଲକ୍ଷ ଟଙ୍କା ଜବତ ହୋଇଛି। ଆଜି ଅର୍ଥାତ୍ ୦୬ ସେପ୍ଟେମ୍ବରରେ, କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁଙ୍କୁ ଓଡ଼ିଶା ଭିଜିଲାନ୍ସ ଏକ ବେଆଇନ ଅର୍ଥ ଚାଲାଣ ମାମଲାରେ ଗିରଫ କରି ମାନ୍ୟବର ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ), କଟକଙ୍କ କୋର୍ଟକୁ ଚାଲାଣ କରିଛି। ଏହି ସମ୍ପର୍କରେ ଅନୁପମା ସାହୁଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନା କେସ୍ ନମ୍ବର ୩୫, ତାରିଖ ୦୫.୦୯.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ଧାରା ୧୩(୨) ସହ ପଠିତ ୧୩(୧)(ବି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

ଗତକାଲି, ଶ୍ରୀମତୀ ସାହୁ ନିଜ ମାର୍ଶାଘାଇ ସ୍ଥିତ କାର୍ଯ୍ୟାଳୟରୁ ସରକାରୀ ଗାଡ଼ି (ମହିନ୍ଦ୍ରା ବୋଲେରୋ, ପଞ୍ଜୀକରଣ ସଂଖ୍ୟା ଓଡି-୨୯-ଏସ୍-୬୬୪୪ ଯୋଗେ କେନ୍ଦ୍ରାପଡ଼ା ନୟନ ବିହାର ସ୍ଥିତ ନିଜ ବାସଭବନକୁ ଫେରୁଥିବା ବେଳେ ଏନଏଚ୍ ୫୩-ଏ ମାର୍ଶାଘାଇ ଛକ ନିକଟରେ ଭିଜିଲାନ୍ସର ଏକ ଟିମ୍ ଦ୍ୱାରା ଅଟକ ହୋଇଥିଲେ। ଚଢ଼ାଉ ସମୟରେ ଶ୍ରୀମତୀ ସାହୁଙ୍କ ପାଖରୁ ୩,୧୫,୦୦୦ଟଙ୍କାର ସନ୍ଦେହଜନକ ବେଆଇନ ନଗଦ ଅର୍ଥ ମିଳିଥିଲା, ଯାହାର ସେ କୌଣସି ସନ୍ତୋଷଜନକ ହିସାବ ଦେଇ ପାରିନଥିଲେ। ଉକ୍ତ ସରକାରୀ ଗାଡ଼ି ସହ ସମସ୍ତ ଅର୍ଥ ଜବତ କରାଯାଇଛି।

ଏହି ଘଟଣା ପରେ ଶ୍ରୀମତୀ ସାହୁଙ୍କ କେନ୍ଦ୍ରାପଡ଼ା ନୟନବିହାର ସ୍ଥିତ ବାସଭବନ ଏବଂ କେନ୍ଦ୍ରାପଡ଼ା କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ବାସଭବନ ଚଢ଼ାଉ ସମୟରେ ଅନୁପମା ସାହୁଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। କେନ୍ଦ୍ରାପଡ଼ା ନୟନବିହାର ବାସଭବନରେ ଚଢ଼ାଉ ସମୟରେ ୪ ଲକ୍ଷ ନଗଦ ଟଙ୍କା ଠାବ ଏବଂ ଜବତ କରାଯାଇଛି। ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ ବେଳେ ବିଭିନ୍ନ ବ୍ୟାଙ୍କ୍ ଜମା ୬୩ ଲକ୍ଷ ଟଙ୍କାର ପାସ୍ ବୁକ୍ ମିଳିଛି। ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍ ଏବଂ ଢେଙ୍କାନାଳ କାମାକ୍ଷାନଗର ମାର୍କେଟ କମ୍ପ୍ଲେକ୍ସରେ ଗୋଟିଏ ଏମ.ଏସ ରଡ୍ ଏବଂ ସିମେଣ୍ଟ ଗୋଦାମ ସହ ବଲାଙ୍ଗୀରରେ ଗୋଟିଏ ଦୋକାନ ଘର ରହିଛି। ଭୁବନେଶ୍ୱର ଉପକଣ୍ଠରେ ୧ଟି, ଅନୁଗୋଳରେ ୩ଟି ଏବଂ ଢେଙ୍କାନାଳରେ ୧ଟି ସମେତ ୫ଟି ପ୍ଲଟ୍ ରହିଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଶିଆଳ କାମୁଡ଼ାରେ ୨୫ ଜଣ ଗୁରୁତର

**ବାଲିଆପାଳ, ୬।୯ (ସଂଚାର ବ୍ୟୁରୋ)ଃ** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଜଗତିପୁର ପଞ୍ଚାୟତରେ ଶିଆଳ ଆତଙ୍କ, ଶିଆଳ କାମୁଡାରେ ୨୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣ ଛାତ୍ର ଛାତ୍ରୀ ରହିଛନ୍ତି । ସୁଚନା ଅନୁସାରେ ଗୁରୁ ଦିବସ ଅବସରରେ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟରୁ ଫେରିବା ବେଳେ ହଠାତ୍ ଶିଆଳ ପଲ ସମସ୍ତଙ୍କୁ ଗୋଡାଇ ଗୋଡାଇ କାମୁଡି ଥିଲେ। ଜଗତିପୁର ପଞ୍ଚାୟତର ପାଟଣା, ବଗଦା, ପାଇକ ବାଇସିଡା, ଅଣଦେଉଳା, କରଞ୍ଜ ପ୍ରଭୃତି ଗ୍ରାମରେ ଶିଆଳ ପଲ ପଶି ଲୋକଙ୍କୁ ଗୋଡାଇ ଗୋଡାଇ କାମୁଡ଼ିଛନ୍ତି। ସମସ୍ତ ଆହତଙ୍କୁ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । କରଞ୍ଜ ଗ୍ରାମର ଦିବ୍ୟାଙ୍ଗ ୧୦ ବର୍ଷର ନାବାଳକ ଦିବ୍ୟାସୁ ହାଜିରାଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କିଛି ଦିନ ପୂର୍ବରୁ ଗ୍ରାମର ଜନୈକ ବ୍ୟକ୍ତିଙ୍କ କୁକୁର କାମୁଡ଼ି ଥିବା ଗାଈର ମୃତ୍ୟୁ ପରେ ଧୂବାଡୁଠ ଆଡିରେ ପକାଯାଇଥିଲା। ଗାଈର ମାଂସ ଖାଇ ଶିଆଳଙ୍କୁ ଜଳାତଙ୍କ ରୋଗ ହୋଇଥାଏ ପାରେ ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି।

## ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ କାମ କରୁଛନ୍ତି ନାବାଳକ ଅଣଓଡ଼ିଆ ଶ୍ରମିକ



**ଯାଜପୁର ରୋଡ଼, ୬।୯ (ସଂଚାର ବ୍ୟୁରୋ)ଃ** କଳିଙ୍ଗନଗର ଶିଳ୍ପନଗରୀର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌର ସହରର ବିଭିନ୍ନ ହୋଟେଲ,, ଗୁପଚୁପ, ଗ୍ୟାରେଜ, ଇଟାଭାଟି ଓ ଗୃହନିର୍ମାଣ କାର୍ଯ୍ୟ ସ୍ଥଳରେ ଖୁଲାମ ଖୋଲା ଭାବେ ଏବେ ନାବାଳକ ଶ୍ରମିକ କାର୍ଯ୍ୟ କରୁଥିବାର ନେଇ ଦେଖିବାକୁ ମିଳୁଛି। ଏହି କମ୍ ବୟସର ଶ୍ରମିକ ମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏଠାକାର ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ବ୍ୟାସନଗରରେ ବିଭିନ୍ନ ଅଂଚଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନାବାଳକ ପିଲାମାନେ କାମ କରୁଛନ୍ତି। ଶିକ୍ଷା ବୟସରେ ଏପରି କଠିନ ପରିଶ୍ରମ କରିବା ଫଳରେ ସେମାନଙ୍କ ଭବିଷ୍ୟତ ନଷ୍ଟ ଓ ଅନ୍ଧକାର ଆଡ଼କୁ ଗତି କରୁଛି । ଶିଶୁ ଶ୍ରମ ଆଇନ ଅନୁଯାଇ କମ ବୟସର ପିଲାଙ୍କୁ କାର୍ଯ୍ୟରେ ଲଗାଇବା ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ଏଠାରେ ନିୟମର ଖୋଲାଖୋଲି ଉଲ୍ଲଂଘନ କରାହେଉଛି। ତେଣୁ ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ନୀରବତାକୁ ନେଇ ଏବେ ବିଭିନ୍ନ ମହଲରେ ସାଧାରଣରେ ପ୍ରଶ୍ନ ଉଠୁଛି। ଏ ନେଇ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଚଢାଉ କରି ନାବାଳକଙ୍କୁ ଉଦ୍ଧାର କରିବା ସହ ନିଯୋଜକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ମନୋଜଙ୍କ ମିଶ୍ରଣ ପରେ ବିଜେପିରେ ତେଜୁଛି ଅନ୍ତର୍ଦ୍ୱନ୍ଦ୍ୱ

### ୪ ଜିଲ୍ଲାସ୍ତରୀୟ ପଦାଧିକାରୀଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା

**ସତ୍ୟବାଦୀ, ୬।୯ (ସଂଚାର ବ୍ୟୁରୋ)ଃ** ସତ୍ୟବାଦୀ ବିଜେପିରେ ଦଳୀୟ ଆନ୍ତର୍ଦ୍ୱନ୍ଦ୍ୱକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ନିକଟରେ ସତ୍ୟବାଦୀ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ମନୋଜ ରଥ ବିଜେପିରେ ଯୋଗଦେବା ପରେ ଦଳ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାପଡ଼ିଛି।

ମନୋଜ ରଥ ରାଜ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହେବାର କିଛିଦିନ ପରେ ୪ ଜଣ ନବନିଯୁକ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ନିଜ ପଦରୁ ଇସ୍ତଫା ଦେଇଥିବା ଖବର ସାମ୍ନାକୁ ଆସିଛି। ଇସ୍ତଫା ଦେଇଥିବା ନେତାମାନେ ହେଲେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ରଞ୍ଜନ କୁମାର ବରାଳ, ଜିଲ୍ଲା କମିଟି ଉପସଭାପତି କରୁଣାକର ଜେନା ଓ ଅଭୟ ନାଥ ଏବଂ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରତିକାନ୍ତ ମିଶ୍ର। ସୂଚନା ଅନୁସାରେ, ସେମାନେ ଇସ୍ତଫା ପତ୍ର ଜିଲ୍ଲା ସଭାପତିଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ ମଧ୍ୟ ଏହାକୁ ବିଧାୟକ ଓମପ୍ରକାଶ ମିଶ୍ରଙ୍କ ନିକଟରେ ପ୍ରଦାନ କରିଥିବା କହିଛନ୍ତି। ଦଳରେ ନୂଆ ନେତାଙ୍କ ଯୋଗଦାନ ଓ ତାଙ୍କୁ ନେଇ ଦଳୀୟ ରଣନୀତିକୁ କେନ୍ଦ୍ର କରି ଏହି ଅସନ୍ତୋଷ ସୃଷ୍ଟି ହୋଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

ଅନ୍ୟପକ୍ଷରେ, ଏହି ଇସ୍ତଫା ପଛରେ ବିଧାୟକଙ୍କ ଭୂମିକା ରହିଥିବା ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ରାଜ୍ୟ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ନେଇ ଦଳୀୟ ମହଲରେ ମତ ପ୍ରକାଶ ପାଉଛି। ତେବେ ଏହି ଅଭିଯୋଗର କୌଣସି ପୁଷ୍ଟି ମିଳିନାହିଁ। ଓମପ୍ରକାଶ ମିଶ୍ର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହେବାପରେ ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତିଙ୍କ ସହ ଘନିଷ୍ଠତା ବଢ଼ାଇ ପୁରୀର ପୂର୍ବତନ ବିଧାୟକ ତଥା ବିଜେପି ନେତା ଜୟନ୍ତ ଷଡ଼ଙ୍ଗୀଙ୍କୁ ବିଭିନ୍ନ ମାମଲାରେ ଅଣଦେଖା କରୁଥିବାରୁ ଓମଙ୍କୁ ଚେକ ଦେବା ପାଇଁ ମନୋଜଙ୍କୁ ଦଳକୁ ଅଣାଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି।

ତେବେ ମନୋଜ ରଥଙ୍କ ଦଳରେ ଯୋଗଦାନ ପରେ ସତ୍ୟବାଦୀ ବିଜେପିରେ ଦେଖାଦେଇଥିବା ଏହି ଅସନ୍ତୋଷ ଆଗାମୀ ଦିନରେ କେଉଁ ରୂପ ନେବ, ତାହାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତା ବଢ଼ିଛି। ଦଳୀୟ ନେତୃତ୍ୱ ଏହି ଅସନ୍ତୋଷକୁ କିପରି ମୁକାବିଲା କରୁଛି ଏବଂ ଇସ୍ତଫା ଦେଇଥିବା ନେତାମାନେ ଆଗାମୀ ଦିନରେ କେଉଁ ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଦେବୀ ମୁହାଣ ଖନନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

### ୨୦ ହଜାର ପରିବାର ପେଟରେ ଲାତ

### ୪୨ ବର୍ଷ ହେଲା ଫାଇଲରେ ନୂଆଗଡ ଜେଟି

### ଦକ୍ଷିଣ ମୁହାଣ ମରୁଭୂମି-ଉତ୍ତର ମୁହାଣ ଯମଦ୍ୱାର





**କାକଟପୁର/ଅସ୍ତରଙ୍ଗ,୬।୯ (ସଂଚାର ବ୍ୟୁରୋ)ଃ** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ। ୧୫ଟି ପଞ୍ଚାୟତର ମୁଖ୍ୟ ଜୀବିକା ଧାନ, ପାନ ଓ ମୀନ। ହେଲେ ମୀନ ଉପରେ ନିର୍ଭର କରୁଥିବା ଦେବୀ ମୁହାଣରୁ କେଲୁଣୀ ମୁହାଣ ଯାଏ ୨୦ କିମି ଉପକୂଳର ପାଖାପାଖି ୨୦ ହଜାର ପରିବାରର ରୋଜଗାର ଆଜି ସମୁଦ୍ର ଗର୍ଭରେ ହଜିବାକୁ ବସିଛି। କାରଣ ଦେବୀ ନଦୀର ଦକ୍ଷିଣ ମୁହାଣ ସମ୍ପୂର୍ଣ୍ଣ ପୋତି ହୋଇ ମରୁଭୂମି ପାଲଟିଛି। ନଦୀ ଅଛି, ସମୁଦ୍ର ଅଛି, ହେଲେ ସମୁଦ୍ରକୁ ଯିବାକୁ ବାଟ ନାହିଁ। ସରକାର କହୁଛନ୍ତି ନୀଳ ଅର୍ଥନୀତି, ହେଲେ ଅସ୍ତରଙ୍ଗରେ ତାହା ବାଲି ତଳେ ପୋତି ହୋଇଛି। ଏହି କ୍ଷୋଭ ରବିବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ କାଳିଆକଣ ରେଡକ୍ରସ ଭବନ ନିକଟରେ ଫୁଟି ପଡିଲା। ୪ ଖଟିର ୧୦ଟି ସାମୁଦ୍ରିକ ସମବାୟ ସମିତି ଓ ଟ୍ରଲର ଆସୋସିଏସନର ଐତିହାସିକ ମିଳିତ ବୈଠକ ବସିଲା। ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ରାଜ୍ୟ ସଭାପତି ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ଶହ ଶହ ମାଲିକ, ବ୍ୟବସାୟୀ ଓ ମତ୍ସ୍ୟଜୀବୀ ଏକାଠି ହୋଇ ନାରା ଦେଲେ - ମୁହାଣ ପୋତି, ପେଟ ପୋଡି, ରାସ୍ତାକୁ ଓହ୍ଲାଇବେ ମତ୍ସ୍ୟଜୀବୀ। ବୈଠକରେ ଉପସ୍ଥିତ ଥିଲେ ଲକ୍ଷ୍ମୀଧର ବିଶ୍ୱାଳ, ମା ବାସୁଳେଇ ଟ୍ରଲର ସଙ୍ଘ ସଭାପତି ସାମନ୍ତ ମହାନ୍ତି, ବିଜୟ ମହାନ୍ତି, ମାୟାଧର ବେହେରା ପ୍ରମୁଖ।

ଶ୍ରୀଯୁକ୍ତ ବେହେରା କହିଥିଲେ, ସମୁଦ୍ରକୁ ଯିବାର ଏକମାତ୍ର ରାସ୍ତା ଦେବୀ ମୁହାଣ। ଦୀର୍ଘ ବର୍ଷ ହେଲା ପୋତି ହୋଇଛି। ଏହି ବାଟ ଦେଇ ଯିବା ବେଳେ ୧୦ରୁ ଅଧିକ ଟ୍ରଲର ଭାଙ୍ଗି ଅନେକ ଜୀବନ ଗଲାଣି। ଗତ ଏକ ସପ୍ତାହ ହେବ ୨୦ରୁ ୨୫ଟି ଟ୍ରଲର ମୁହାଣ ଭିତରେ ଆଙ୍କର ପକାଇ ମୃତ୍ୟୁ ସହ ଲଢ଼ିଲେ, ରବିବାର ମଧ୍ୟାହ୍ନରେ ବହୁ କଷ୍ଟରେ ବାହାରିଲେ। ବାରମ୍ବାର ରାଜ୍ୟ-କେନ୍ଦ୍ରକୁ ଜଣାଇଲୁ, କେବଳ ମିଥ୍ୟା ପ୍ରତିଶ୍ରୁତି। ୧୭ ହଜାର ପରିବାର ବିପନ୍ନ। ତୁରନ୍ତ ଖନନ ନ ହେଲେ ରାଜରାସ୍ତା। ବର୍ତ୍ତମାନ ଦୃଶ୍ୟ ଭୟାବହ। ଦକ୍ଷିଣ ମୁହାଣ ଯେତେ ଦୂର ଦେଖିବ କେବଳ ବାଲିଚର ଓ ଲମ୍ବା ଘାସ। ମତ୍ସ୍ୟଜୀବୀ ବାଧ୍ୟ ହୋଇ ଉତ୍ତର ମୁହାଣ ଦେଇ ଯାଉଛନ୍ତି, ଯାହା ଯମଦ୍ୱାର। ଗଭୀରତା ୨ରୁ ୩ ଫୁଟ। ବଡ ଟ୍ରଲର ତଳେ ଲାଗି ଲକ୍ଷ ଟଙ୍କାର ପ୍ରପେଲର ଭାଙ୍ଗୁଛି, ଇଞ୍ଜିନ ଜାମ, ତଳ ଫାଟି ବୁଡି ଯିବା ଭୟ। ଅନେକ ମାଲିକ ଡରରେ ଟ୍ରଲର କୂଳକୁ ଆଣୁ ନାହାନ୍ତି, ମଝି ସମୁଦ୍ରରେ ଲଙ୍ଗର ପକାଇଛନ୍ତି, ବଡ ଲହଡିରେ ବୁଡୁଛି। ଗତ ୩ ବର୍ଷରେ ୫ରୁ ୭ଟି ଟ୍ରଲର ବୁଡିଲାଣି।

୪୨ ବର୍ଷର ପ୍ରତାରଣା। ୧୭ ମେ ୧୯୮୪ରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନୂଆଗଡରେ ଫିସିଂ ହାର୍ବର ଭିତ୍ତି ପକାଇଥିଲେ। ୧୯୯୯ରେ ଶହେ ଟ୍ରଲର ରହିବା ଯୋଗ୍ୟ ବନ୍ଦର ଶେଷ ହେବା ପୂର୍ବରୁ ମହାବାତ୍ୟାରେ ଧ୍ୱଂସ। ୨୦୧୮ରେ ବାଙ୍ଗାଲୋର ୧୬ ଜଣିଆ ଟିମ୍ ସର୍ଭେ, ୨୦୨୨ରେ ଜନ ଶୁଣାଣି, ୨୦୨୩ରେ ଭୂତାତ୍ତ୍ୱିକ ଟିମ୍ ଢେଉ ପରୀକ୍ଷା, ସବୁ ଫାଇଲରେ।

## ମାଟି ଅନୁକୂଳ ସହ ଦୁର୍ଗାପୂଜା ପ୍ରସ୍ତୁତି ଆରମ୍ଭ



**ପାରାଦ୍ୱୀପ, ୬।୯ (ସଂଚାର ବ୍ୟୁରୋ)ଃ** ପବିତ୍ର ନନ୍ଦୋତ୍ସବ ଅବସରରେ ପ୍ରତିବର୍ଷର ପରମ୍ପରା ଅନୁଯାୟୀ ଜଗତଜନନୀ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମଧ୍ୟ କୁଜଙ୍ଗ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତିରେ ମାଟି ଅନୁକୂଳ କରାଯାଇଛି।

କୁଜଙ୍ଗସ୍ଥିତ ଶନି ମନ୍ଦିର ନିକଟ ମହାନଦୀ ଘାଟରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ପରେ ବାଜା, ବାଣ ଓ ରୋଷଣୀରେ କମିଟିର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବଜ୍ର ମହାକାଳୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜକ ହରେକୃଷ୍ଣ ତ୍ରିପାଠୀ ଓ କିଶୋର ତ୍ରିପାଠୀଙ୍କ ପୌରୋହିତ୍ୟରେ ହୋମଯଜ୍ଞ ସହ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମାଟିକୁ ଶୁଦ୍ଧପୂତ କରାଯାଇଥିଲା।

ଏହି ଅବସରରେ କମିଟିର ବରିଷ୍ଠ ସଦସ୍ୟ ଭ୍ରମରବର ପରିଡ଼ା, ରାଜୀବ ବସନ୍ତିଆ, ରବୀନ୍ଦ୍ର ଦାସ, ଦିଲ୍ଲୀପ କୁମାର ଦାସ, ଜୀବନାନନ୍ଦ ଅଧିକାରୀ, ବିଚିତ୍ରାନନ୍ଦ ପ୍ରଧାନ, ରବୀନ୍ଦ୍ର ନାଥ, ବିପିନ ମହାରଣା, ଚରଣ ସାହୁ, ତୁଷାରକାନ୍ତ ଦାସ, ପଙ୍କଜ ପରିଡ଼ା, ତୀର୍ଥସାରଥୀ ମହାନ୍ତି, ଅକ୍ଷୟ ବିଶ୍ୱାଳ, ନାରାୟଣ ପରିଡ଼ାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




## ପ୍ରମିଳାଙ୍କୁ ଅଣଦେଖା କାହିଁକି ?

ବିଜେଡି ବିଧାୟକା ପ୍ରମିଳା ମଲ୍ଲିକ ହେଉଛନ୍ତି ରାଜ୍ୟର ପୂର୍ବତନ ମନ୍ତ୍ରୀ ଓ ବାଚସ୍ପତି। ତାଙ୍କର ସରକାରୀ ବଙ୍ଗଳାଟି ମନ୍ତ୍ରୀଙ୍କ ଲାଇନ୍ ଅର୍ଥାତ୍ କ୍ୟାପିଟାଲ ହସ୍ପିଟାଲ ଛକରୁ ଏଜି ଛକ ମଧ୍ୟରେ ରହିଛି। ତାଙ୍କ ଚାରିପଟେ ରହିଛନ୍ତି ମନ୍ତ୍ରୀ ଓ ବିଧାୟକ। ହେଲେ ପ୍ରମିଳାଙ୍କ ସରକାରୀ ଘରକୁ ଦେଖିଲେ ତାଙ୍କ ପ୍ରତି କିଭଳି ଅଣଦେଖା କରାଯାଉଛି ତାହା ଯେ କେହି ସହଜରେ ଜାଣିପାରିବ। ନିକଟରେ ରହୁଥିବା ମନ୍ତ୍ରୀ ଓ ସରକାରୀ ଦଳର ବିଧାୟକମାନଙ୍କ ବଙ୍ଗଳା ଚକାଚକ୍। କାହାର ଗେରୁଆ ତ ଆଉ କାହାର ଧଳା। ଫାଟକରୁ ଭିତର ପର୍ଯ୍ୟନ୍ତ ରଙ୍ଗ ବେରଙ୍ଗର ଟାଇଲ ସାଙ୍ଗକୁ ବିଜୁଳି ଲାଇଟ୍ ଲାଗିଛି। ସବୁ କିଛି ଚକାଚକ୍। ହେଲେ ପ୍ରମିଳାଙ୍କ ବଙ୍ଗଳାରେ ଶିଉଳି ଧରିଲାଣି।



ନୂଆ ସରକାର ଆସିବା ପରଠାରୁ ରଙ୍ଗଟିକେ ମରା ହୋଇନି। ଫାଟକ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ରହିଛି। ଭିତରକୁ ଚାହିଁଦେଲେ ବଣ ର ଭ୍ରମ ସୃଷ୍ଟି ହେଉଛି। ଏସବୁ ବଙ୍ଗଳାର ମାଲିକ ହେଉଛି ପୂର୍ତ୍ତ ବିଭାଗ। ପୂର୍ତ୍ତ ବିଭାଗର ମନ୍ତ୍ରୀଙ୍କ ସରକାରୀ ବଙ୍ଗଳାଟି ବି ପ୍ରମିଳାଙ୍କ ବଙ୍ଗଳା ନିକଟରେ। ହେଲେ ବିଭାଗୀୟ ଯନ୍ତ୍ରୀମାନେ କ'ଣ ପାଇଁ ରାଜ୍ୟର ଜଣେ ପୂର୍ବତନ ମନ୍ତ୍ରୀଙ୍କ ବଙ୍ଗଳାକୁ ଏଭଳି ଅବସ୍ଥାରେ ରଖିଛନ୍ତି ତାହା କେହି ଜାଣିପାରୁ ନାହାନ୍ତି। ହୁଏତ ସ୍ୱାଭିମାନ ଦୃଷ୍ଟିରୁ ପ୍ରମିଳା କାହାରିକୁ ମରାମତି କିମ୍ବା ରଙ୍ଗ ମାରିବାକୁ ଅନୁରୋଧ କରିନଥିବେ। ହେଲେ ଯନ୍ତ୍ରୀମାନେ ତ ବଙ୍ଗଳାଟିକୁ ଦେଖୁଥିବେ। ବିଜେଡି ଯଦି ସରକାରରେ ଥାଆନ୍ତା ଓ ପ୍ରମିଳା ମନ୍ତ୍ରୀ କିମ୍ବା ବାଚସ୍ପତି ପଦବୀରେ ଥାଆନ୍ତେ ତେବେ ଯନ୍ତ୍ରୀମାନେ କ'ଣ ଏଭଳି ଆଚରଣ କରୁଥାନ୍ତେ ବୋଲି ପ୍ରମିଳାଙ୍କ ବଙ୍ଗଳା ବାଟଦେଇ ସକାଳୁ ସକାଳୁ ଯାଉଥିବା କିଛି ଲୋକଙ୍କ ଆଲୋଚନା କାନରେ ପଡ଼ିବାକୁ ଘଟଣାଟିକୁ ପଦାକୁ ଆଣିବାକୁ ବାଧ୍ୟ ହେଲୁ।

## କୁଳପତିଙ୍କର ଅଣଓଡ଼ିଆ ଭାଷା ପ୍ରୀତି

କୁଳପତି ହେଉଛନ୍ତି ଓଡିଆ ବିଶ୍ୱବିଦ୍ୟାଳୟର। ରାଜ୍ୟରେ ଓଡିଆ ଭାଷାକୁ ଆଗକୁ ନେବା ହେଉଛି ତାଙ୍କରି ଦାୟିତ୍ୱ। କୁଳପତିଙ୍କୁ ମଧ୍ୟ ଯଥାଚିତ ସମ୍ମାନ ମିଳୁଛି। ହେଲେ କୁଳପତି ନିଜର ବକ୍ତବ୍ୟ ରଖିବା ବେଳକୁ ଓଡିଆ ଭାଷାକୁ ଭୁଲିଗଲେ। ପ୍ରଥମ ଇଂରାଜୀରେ କହିଲେ। କାଳେ କିଏ ବୁଝି ନପାରିବେ ପରେ ସେହି କଥାକୁ ହିନ୍ଦୀରେ ଦୋହରାଇଲେ। ଉପସ୍ଥିତ ଲୋକେ ଭାବିଥିଲେ ଶେଷରେ ବୋଧେ ଓଡିଆରେ କହିବେ।




ହେଲେ ସେମିତି କିଛି ହେଲାନାହିଁ। ହିନ୍ଦୀରେ କହିବାପରେ ନିଜର ବକ୍ତବ୍ୟ ସାରିଦେଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ୍ ଲୋକଭବନରେ। ରାଜ୍ୟପାଳ ଓ ଆଇନ୍ ମନ୍ତ୍ରୀଙ୍କ ଉପସ୍ଥିତିରେ। ଏଠାରେ ଏକାଧିକ କୁଳପତି ଆସି ସବୁଜ ଶକ୍ତି ଉପରେ ନିଜର ମତ ରଖିଥିଲେ। ହେଲେ ଯେତେବେଳେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଡକାଗଲା, ସେତେବେଳେ ତାଙ୍କ ପାଟିରୁ ପଦୁଟିଏ ହେଲେ ଓଡିଆ ଶବ୍ଦ ବାହାରିଲା ନାହିଁ। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଆଁ କରି ପରସ୍ପରକୁ ଚାହିଁଥିଲେ। ଯଦିଓ ସଭାରେ ଉପସ୍ଥିତ ସଚିବ ଓ ଅନ୍ୟମାନେ ଇଂରାଜୀ ଭାଷାରେ ମତ ରଖିଥିଲେ କିନ୍ତୁ ଓଡିଆ ବିଶ୍ୱବିଦ୍ୟାଳୟଙ୍କ ମୁହଁରୁ ବାହାରିଥିବା ଇଂରାଜୀ ଓ ହିନ୍ଦୀ ଭାଷାକୁ ଅନେକ ସହଜରେ ଗ୍ରହଣ କରିପାରିଲେ ନାହିଁ। ଅବଶ୍ୟ ସଭାରେ କେବଳ ଆଇନ୍ ମନ୍ତ୍ରୀ ହିଁ ତାଙ୍କର ବକ୍ତବ୍ୟକୁ ଓଡିଆ ଭାଷାରେ ରଖିଥିବା ଲକ୍ଷ୍ୟ କରାଯାଇଥିଲା।

## ସଙ୍କଟମୋଚକ ଆଇନ ମନ୍ତ୍ରୀ



ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବେ ରାଜ୍ୟ ସରାକରଙ୍କର ସଙ୍କଟମୋଚନ କାର୍ଯ୍ୟ ତୁଲାଉଛନ୍ତି। ରାଜଧାନୀରେ ଏକାଧିକ ସ୍ଥାନରେ ମନ୍ତ୍ରୀଙ୍କ ଉପସ୍ଥିତି ପରେ ଏଭଳି ଆଲୋଚନା ଜୋର ଧରିଛି। ନିକଟରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଗଣମାଧ୍ୟମକୁ ଡାକିଥିଲେ। ଲୋକଭବନକୁ ସବୁଜ ଶକ୍ତି ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ଏଭଳି ନିମନ୍ତ୍ରଣ ହୋଇଥିଲା। ଏଠାରେ ଶକ୍ତିମନ୍ତ୍ରୀଙ୍କର ଉପସ୍ଥିତି ସମସ୍ତେ ଆଶା କରୁଥିବାବେଳେ ଆସିଥିଲେ କିନ୍ତୁ ଆଇନ୍ ମନ୍ତ୍ରୀ। ଆଇନ୍ ମନ୍ତ୍ରୀ ବି ଓଡିଆରେ ମତ ରଖି ଲୋକଭବନର ପଦକ୍ଷେପକୁ ଢେର ପ୍ରଶଂସା କରିଥିଲେ। ଏହାର ଦିନ କେଇଟା ପରେ ଗୁରୁଦିବସ ଦିନ ରାଜଧାନୀର ଶିକ୍ଷକ ଆନ୍ଦୋଳନକୁ ଶାନ୍ତ କରିବାପାଇଁ ଦୁଇ ଶିକ୍ଷା ମନ୍ତ୍ରୀଙ୍କୁ ଖୋଜା ପଡ଼ିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆସିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅସୁସ୍ଥ ବୋଲି କହିଥିଲେ। ତେଣୁ ତାଙ୍କ ବଦଳରେ ଆଉ ଜଣେ ମନ୍ତ୍ରୀଙ୍କୁ ଖୋଜା ପଡ଼ିଲା। ଖବର ଦିଆଗଲା ଆଇନ୍ ମନ୍ତ୍ରୀଙ୍କୁ। ଆଇନ୍‌ମନ୍ତ୍ରୀ ଆସି ଶିକ୍ଷକଙ୍କୁ ବୁଝାଇଲେ। ଖାଲି ଏହି ଦୁଇଟି ଘଟଣା ନୁହେଁ, ଯେତେବେଳେ ବି ସରକାର କୌଣସି ପ୍ରସଙ୍ଗରେ ଅଡୁଆରେ ପଡୁଛନ୍ତି ସେତେବେଳେ ଆଇନ୍‌ମନ୍ତ୍ରୀ ସଙ୍କଟମୋଚକ ସାଜୁଛନ୍ତି। ବିଧାନସଭାରେ ତ ନିଜ ବିଭାଗ ସହିତ ମୁଖ୍ୟମନ୍ତ୍ରୀଙ୍କର ଏକାଧିକ ବିଭାଗର ଉତ୍ତର ଆଇନ୍ ମନ୍ତ୍ରୀ ହିଁ ଦେଇଥାନ୍ତି।

## ଗଞ୍ଜେଇ ପଛରେ ପୁଲିସ୍ ଗାଡ଼ି



ରାଜ୍ୟର ଖାକି ବାବୁମାନେ ଏବେ ଗଞ୍ଜେଇ ପଛରେ ପଡ଼ିଛନ୍ତି। କିଏ କେତେ ଅଧିକ ଗଞ୍ଜେଇ ଧରି ଫଟୋ ଉଠାଇବ ସେଥିପାଇଁ ପ୍ରତିଯୋଗିତା ଚାଲିଛି। ସରକାରଙ୍କ ନିଶା ମୁକ୍ତ ଯୋଜନାକୁ ସଫଳକରବାପାଇଁ ବଡ ଖାକିବାବୁମାନେ ନିର୍ଦ୍ଦେଶ ଦେବାପରେ ଏବେ ଜିଲ୍ଲା ସ୍ତରରେ ଏଭଳି ଅଭିଯାନ ଆରମ୍ଭ ହୋଇଛି। ହେଲେ ତଳିଆ ଖାକି ବାବୁଙ୍କ କହିବାକଥା ଯେ ଗଞ୍ଜେଇ ଧରିବା ଯୋଗୁଁ ଏବେ ରାଜ୍ୟର ଦୁଇ ପଟୁ କ୍ଷତି ହେବାରେ ଲାଗିଛି। ଗୋଟିଏ ପଟେ ଚୋରା ମଦ କାରବାରକୁ ବଳ ମିଳୁଥିବାବେଳେ ଅନ୍ୟ ପଟେ ପୁଲିସ୍ ଅନୁପସ୍ଥିତର ସୁଯୋଗ ନେଇ ଚୋର ତସ୍କରମାନେ ମାତୁଛନ୍ତି। ସରକାର ଗୋଟିଏ ହାତରେ ମଦ ଦୋକାନ ଖୋଲି ଅନ୍ୟ ହାତରେ ନିଶାମୁକ୍ତ କଥା କହୁଥିବାବେଳେ ପୁଲିସ୍ ବି ବାଇଆ ହୋଇ ଅପରାଧ ନିୟନ୍ତ୍ରଣ ଛାଡି ଗଞ୍ଜେଇ ପଛରେ ପଡ଼ିଛି। ତେଣେ ଅବକାରୀମାନେ ବାବୁମାନେ କିଭଳି ନିଜ ଖାତାରେ ଗଞ୍ଜେଇ ଜବତ ତାଲିକା ଯୋଡ଼ିବେ ସେଥିପାଇଁ ବି ଲାଗି ପଡ଼ିଛନ୍ତି। କେତେକ ସ୍ଥାନରେ ଅବକାରୀ ବାବୁମାନେ ପୁଲିସ ଉପରେ ରକ୍ତ ଚାଉଳ ଚୋବାଇବା ସହିତ କିଭଳି ପାନେ ଦେବେ ସେଥିପାଇଁ ଛକିକି ରହିଛନ୍ତି। ଏଭଳି ସ୍ଥିତିରେ ପୁଲିସ୍‌ର ଗଞ୍ଜେଇ ଅଭିଯାନ ଏବେ ରାଜ୍ୟ ପାଇଁ ଆର୍ଶୀବାଦ ବଦଳରେ ଅଭିଶାପ ହେବାରେ ଲାଗିଛି।

## ଚାଉଳ ପାଇଁ ମନ୍ତ୍ରୀ ବାଉଳା



ଚାଉଳ ପାଇଁ ଏବେ ରାଜ୍ୟର ଦୁଇ ଦୁଇ ଜଣ ମନ୍ତ୍ରୀ ଏକ ପ୍ରକାର ବାଉଳା ହେବାରେ ଲାଗିଛନ୍ତି। ଚାଉଳ ମହଜୁଦକୁ ନେଇ ପ୍ରଥମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସରକାରଙ୍କୁ କାଠଗଡ଼ାରେ ଛିଡା କରାଇଥିବାବେଳେ ଏବେ ତାଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି ସମବାୟ ମନ୍ତ୍ରୀ ଟୁଟୁ ବଳ। ଉଭୟ ମନ୍ତ୍ରୀଙ୍କ ଦାୟିତ୍ୱ ହେଉଛି ଚାଷୀଙ୍କ ଠାରୁ ଧାନ କିଣିବା ଓ ଲୋକଙ୍କୁ ରାସନ ଚାଉଳ ଯୋଗାଇବା। ତେବେ ଉଭୟ ଗୋଦାମରୁ ଚାଉଳ ନଉଠିବାକୁ ନେଇ କେନ୍ଦ୍ର ଆଡକୁ ଦୋଷ ଠେଲିବାରେ ଲାଗିଛନ୍ତି। ତେବେ ତାଙ୍କରି ଦଳର କିଛି କର୍ମୀଙ୍କ କହିବାକଥା ଯେ ଉଭୟ ବୋଧେ ଭୁଲିଯାଇଛନ୍ତି କେନ୍ଦ୍ରରେ ବି ସେମାନଙ୍କ ଦଳର ସରକାର ଚାଲିଛି। ଏଣେ କିନ୍ତୁ ଉଭୟ ମନ୍ତ୍ରୀଙ୍କର ବୟାନ ଶୁଣିବାପରେ ରାଜ୍ୟର ଚାଷୀମାନେ ହତାଶହେବାରେ ଲାଗିଛନ୍ତି। ଆଠଶହ ଅଧିକ ପାଇବା ଆଶାରେ ସେମାନେ ଅଧିକ ଧାନ ଫଳାଇବାପାଇଁ ଯେମିତି ଦିନ ରାତି ଏକକରି ଦେଇଛନ୍ତି, ସେହି ଧାନ ବିକ୍ରି ନହେଲେ ସେମାନେ ହିଁ ପ୍ରଥମେ ସରକାରଙ୍କୁ ଘେରିବେ। ତେବେ ହଠାତ୍ ଚାଉଳକୁ ନେଇ ରାଜ୍ୟର ଦୁଇ ଦୁଇ ଜଣ ମନ୍ତ୍ରୀ ବାଉଳା ହେବାକୁ ସରକାରୀ ଦଳର ନେତା ଓ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦିନ କେଇଟା ପରେ ବିଧାନସଭା ଅଧିବେଶନ ଥିବାରୁ ଏମାନଙ୍କ ବାଉଳାମି ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଦେବ ବୋଲି ବି କହିବାକୁ ପଛାଉ ନାହାନ୍ତି।

### 'ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ' ବୁଲିଲେ ସାଂସଦ

# ଦେଶରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛି ଦେବ୍ରିଗଡ଼ଃ ଧର୍ମେନ୍ଦ୍ର

- 'ମନ୍ କୀ ବାତ୍'ରେ ପ୍ରଶଂସିତ ମୈଥିଲୀଙ୍କୁ ଭେଟିଲେ
- 'ଧୋଡ୍ରୋକୁସୁମ୍'ର ହୋମ-ଷ୍ଟେ ବୁଲିଲେ




ଦେବ୍ରିଗଡ଼,୬।୯ (ସଂଚାର ବ୍ୟୁରୋ)ଃ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଗସ୍ତ ଅବସରରେ ପ୍ରସିଦ୍ଧ 'ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ' ପରିଦର୍ଶନ କରିବା ସହ ଏଠାକୁ ଆସିଥିବା ଦେଶ-ବିଦେଶର ପର୍ଯ୍ୟଟକମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସିତ ଦେବ୍ରିଗଡ଼ର 'ଧୋଡ୍ରୋକୁସୁମ୍' ଗ୍ରାମକୁ ଯାଇ ସେଠାକାର ପ୍ରକୃତି ହୋମ-ଷ୍ଟେ ବୁଲି ଦେଖିବା ସହ ମୈଥିଲୀ ଭୁଏଁଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେବ୍ରିଗଡ଼ ଅଭୟାରଣ୍ୟର ଶାନ୍ତ, ସୁନ୍ଦର ଓ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ କିଛି ସମୟ ଅତିବାହିତ କରିବାର ଅନୁଭୂତି ଅତ୍ୟନ୍ତ ଅନନ୍ୟ। ଓଡ଼ିଶାର ଏହି ଅସୀମ ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ୍ୟପ୍ରାଣୀ ସମ୍ପଦ ଓ ଇକୋ-ଟୁରିଜିମ୍‌ର ସୁବ୍ୟବସ୍ଥାକୁ ନେଇ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଥିବା ଉତ୍ସାହ ଓ ପ୍ରଶଂସା ଆନନ୍ଦଦାୟକ। ପର୍ଯ୍ୟଟନର ଅପାର ସମ୍ଭାବନା ରଖୁଥିବା ଏହି ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର 'ସ୍ୱଦେଶ ଦର୍ଶନ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଠାରେ ପ୍ରାଚୀନ ଯୁଗର ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଉପକରଣ ଓ କଳାକୃତିଗୁଡ଼ିକ ଏହାର ସାଂସ୍କୃତିକ ଗୁରୁତ୍ୱକୁ ଦ୍ୱିଗୁଣିତ କରୁଛି। ଏହିଭଳି ଅମୂଲ୍ୟ ପ୍ରାକୃତିକ ଓ ଐତିହାସିକ ସମ୍ପଦ ଆଜି ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଶ୍ରୀ ପ୍ରଧାନ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, 'ଧୋଡ୍ରୋକୁସୁମ୍' ଭଳି ମାଟିଘର ନିର୍ମିତ ଅଭିନବ ପ୍ରକୃତି ହୋମ-ଷ୍ଟେ ପରିକଳ୍ପନା ରାଜସ୍ୱ ବୃଦ୍ଧି ସମେତ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିଦେଇଛି। ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଉପରେ ନିର୍ଭର କରୁଥିବା ସ୍ଥାନୀୟ ମାଆ-ଭଉଣୀମାନେ ଆଜି 'ଦେବ୍ରିଗଡ଼ ଇକୋ-ଟୁରିଜମ୍' ସହ ଯୋଡ଼ିହୋଇ ପରିବେଶ ସୁରକ୍ଷା କରିବା ସହ ନିଜର ଜୀବିକା ଅର୍ଜନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ପ୍ରେରଣାଦାୟୀ।

ବନ୍ୟପ୍ରାଣୀ ସଂରକ୍ଷଣ, ଗ୍ରାମାଞ୍ଚଳର ବିକାଶ ଓ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ଗ୍ରାମବାସୀଙ୍କ ପ୍ରଶଂସନୀୟ ଉଦ୍ୟମକୁ 'ମନ୍ କୀ ବାତ୍' ମାଧ୍ୟମରେ ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଗଭୀର ଧନ୍ୟବାଦ ଜଣାଇଛନ୍ତି। ପରିବେଶ ସୁରକ୍ଷା ସହିତ ଇକୋ-ଟୁରିଜମ୍‌ର ସମ୍ପ୍ରସାରଣ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାରର ନୂଆ ବାଟ ଖୋଲିବା ସହ ଜଙ୍ଗଲ ସୁରକ୍ଷା ଓ ନାରୀ ସଶକ୍ତିକରଣର ଏହି ଅନନ୍ୟ ପ୍ରୟାସ ନୂତନ ଓଡ଼ିଶାର ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସାଂସଦ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ସମ୍ବଲପୁରରେ ଓଡ଼ିଶା ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କଲେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ସାମ୍ବାଦିକଙ୍କ କଲ୍ୟାଣ ପାଇଁ ସରକାରଙ୍କ ବଡ଼ ପଦକ୍ଷେପ

# ପରିବାରକୁ ମିଳିବ ସହାୟତା ରାଶି

ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ)ଃ ଓଡ଼ିଶାର କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସାମ୍ବାଦିକମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସମାଜର ବିଭିନ୍ନ ଘଟଣା ଓ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ସେମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସେବାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାମ୍ବାଦିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଶେଷକରି କାର୍ଯ୍ୟରତ ସାମ୍ବାଦିକଙ୍କ ଅକାଳ ମୃତ୍ୟୁ ଘଟିଲେ, ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ମୃତ କାର୍ଯ୍ୟରତ ସାମ୍ବାଦିକଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସାମ୍ବାଦିକଙ୍କ ମୃତ୍ୟୁ ପରେ ପରିବାର ଉପରେ ପଡୁଥିବା ଆର୍ଥିକ ଚାପକୁ କିଛି ମାତ୍ରାରେ କମାଇବା ଏହି ସହାୟତାର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୧୩ ଜଣ ମୃତ କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାରକୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅର୍ଥାତ୍ ୧୩ଟି ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଛି। ଏହି ସହାୟତା ମାଧ୍ୟମରେ ମୃତ ସାମ୍ବାଦିକମାନଙ୍କ ପରିବାରକୁ ସରକାର ସହଯୋଗର ହାତ ବଢ଼ାଇଛନ୍ତି। ସେହି ମୃତ ସାମ୍ବାଦିକ ମାନଙ୍କ ମଧ୍ୟରେ ଅୟସକାନ୍ତ ସ୍ୱାଇଁ (କଳିଙ୍ଗ ଟିଭି), ଅରୁଣ କୁମାର ମହାନ୍ତି, ଆଶୁତୋଷ କୁମାର ପଟ୍ଟନାୟକ, ବଦ୍ରିନାରାୟଣ ପଣ୍ଡା, ଆଶୁତୋଷ ମିଶ୍ରଙ୍କ ପରି ସାମ୍ବାଦିକ ସାମିଲ ଅଛନ୍ତି। ସାମ୍ବାଦିକମାନେ ନିଜ ଜୀବନକୁ ବିପଦରେ ପକାଇ ବିଭିନ୍ନ ଘଟଣାର ଖବର ସଂଗ୍ରହ କରିବା ସହ ଲୋକଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନ ଦୃଷ୍ଟିକୁ ଆଣୁଛନ୍ତି। ତେଣୁ ସାମ୍ବାଦିକଙ୍କ କଲ୍ୟାଣ ଓ ସେମାନଙ୍କ ପରିବାରର ସୁରକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ଦାମୀ କାରରେ ଗାଈ ଚୋରି

## ସିସିଟିଭିରେ ଦୃଶ୍ୟ କଏଦ



ପିପିଲି,୬।୯ (ସଂଚାର ବ୍ୟୁରୋ)ଃ କଣାସରେ ସକ୍ରିୟ ଗାଈଗୋରୁ ଚୋର। କଣାସ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଲେ ଚୋର। ଦାମିକିଆ କାରରେ ଆସି ଗାଈ ଚୋରି। ଫିଲ୍ମ ଷ୍ଟାଇଲରେ ଦାମୀ କାରରେ ବିଳମ୍ବିତ ରାତିରେ ଗାଈ ଚୋରଙ୍କ ଆତଙ୍କ। କଣାସ ଥାନାଠାରୁ ମାତ୍ର ଏକ କିମି ଦୂରରେ ଥିବା କୁଞ୍ଜେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ନିକଟରୁ ଫିଲ୍ମି ଷ୍ଟାଇଲରେ ଗାଈ ଚୋରି କରିଛନ୍ତି ଚୋର। ସିସିଟିଭିରେ କଏଦ ହୋଇଛି ଚୋରି ବେଳର ସମ୍ପୂର୍ଣ୍ଣ ଦୃଶ୍ୟ। କାର୍‌ରେ ଆସିଥିଲେ ୩ରୁ ଊର୍ଦ୍ଧ୍ୱ ଚୋର। ମାତ୍ର କେଇ ସେକେଣ୍ଡ ଭିତରେ ଚୋରି କରି ଚମ୍ପଟ୍ ମାରିଛନ୍ତି ଚୋର। ସିସିଟିଭି ଫୁଟେଜକୁ ଆଧାର କରି କଣାସ ପୁଲିସ ଅନୁସନ୍ଧାନ ଚଳାଇଛି।

## ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ବୀଭତ୍ସ ହତ୍ୟାକାଣ୍ଡ

**ଅଭିଯୁକ୍ତ ସ୍ୱାମୀ ଗିରଫ**



ସମ୍ବଲପୁର,୬।୯ (ସଂଚାର ବ୍ୟୁରୋ)ଃ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସେନ ପାର୍କ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଏକ ବର୍ବରୋଚିତ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଏପରି ନିର୍ମମ ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ସୂଚନା ଦେଇଛି। ଘଟଣା ସମ୍ପର୍କରେ ଏଏସ୍‌ପି ଅଜୟ କୁମାର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଠେଲକୋପଡ଼ାରେ ରହୁଥିବା ୪୦ ବର୍ଷୀୟା ହିନା ବେଗମଙ୍କୁ ତାଙ୍କ ସ୍ୱାମୀ ତଥା କୁମ୍ଭାରପଡ଼ାର ସୟଦ ସମସାଦ ଅଲ୍ଲୀ ସନ୍ଦେହ ଚକ୍ଷୁରେ ଦେଖୁଥିଲେ। ଏହି କ୍ରମରେ ଗତକାଲି ରାତି ପ୍ରାୟ ୯ଟାରୁ ସାଢ଼େ ୧୦ଟା ମଧ୍ୟରେ ଉଭୟ ଚାଲି ଚାଲି ଯାଉଥିବା ସମୟରେ ଅନ୍ୟ ପୁରୁଷ ସହ କଥାବାର୍ତ୍ତା ଓ ସମ୍ପର୍କକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ସାମସାଦ ଏକ ଧାରୁଆ ଛୁରିରେ ହିନାଙ୍କୁ ଆକ୍ରମଣ କରିବା ସହ ଲହୁଲୁହାଣ କରିଥିଲେ। ପରେ ଏକ ସିମେଣ୍ଟ ପେଭର ବ୍ଲକ ପଥରରେ ହିନାଙ୍କ ମୁଣ୍ଡକୁ ଛେଚିଦେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ସାମସାଦ୍ ଛୁରି ଓ ପଥରକୁ ଘଟଣାସ୍ଥଳରେ ଛାଡ଼ି ଘରକୁ ପଳାଇଥିଲେ ଓ ପରେ ସ୍ୱତନ୍ତ୍ର ସାକ୍ଷୀଙ୍କ ଆଗରେ ନିଜ ଦୋଷ ସ୍ୱୀକାର କରିଥିଲେ। ଏହି ଘଟଣାରେ ଟାଉନ ଥାନା ପୁଲିସ ୨୮୧/୨୦୨୬ ନମ୍ବରରେ ମାମଲା ରୁଜୁ କରିବା ସହ ବ୍ୟବହୃତ ଛୁରି ଓ ପେଭର ବ୍ଲକ୍‌କୁ ଜବତ କରିଛି। ଫରେନ୍‌ସିକ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ତନଖି କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଆନ୍ତଃଜିଲ୍ଲା ଚୋରି ରାକେଟର ପର୍ଦ୍ଦାଫାସ

## ୨୨ ବାଇକ୍ ଜବତ, ୩ ଗିରଫ

ରାୟଗଡ଼ା,୬।୯ (ସଂଚାର ବ୍ୟୁରୋ)ଃ ରାୟଗଡ଼ା ପୁଲିସକୁ ମିଳିଛି ବଡ଼ ସଫଳତା। ଆନ୍ତଃଜିଲ୍ଲା ଚୋରି ର୍ୟାକେଟର ପର୍ଦ୍ଦାଫାସ କରିଛି। ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିବା ସହ ସେମାନଙ୍କଠାରୁ ୨୨ଟି ଗାଡ଼ି ଜବତ କରିଛି। ଏଥିସହ ଏକ ଅଟୋକୁ ମଧ୍ୟ ଜବତ କରାଯାଇଛି। ୮ଟି ଚୋରି ଘଟଣାରେ ଏହି ଗାଡ଼ି ଜବତ ହୋଇଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ରାଜ ପ୍ରସାଦ। ଏହି ର୍ୟାକେଟ ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଚାନ୍ଦିଲି ଥାନାଞ୍ଚଳର ସୀମାଞ୍ଚଳ ମହାନନ୍ଦିଆ, ରାଜେଶ୍ୱର ନାଗବଂସ ଓ ପ୍ରଦୀପ ଚଣ୍ଡିବଂସଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ନାମରେ ଉଭୟ ରାୟଗଡା ଜିଲ୍ଲାର ଏକାଧିକ ଥାନା ଓ ଆନ୍ଧ୍ରର ପାର୍ବତୀପୁରମ୍ ଥାନାରେ ମାମଲା ରହିଛି। ଏହି ର୍ୟାକେଟରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି ବୋଲି ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି।

## ଘରେ ପଶିଗଲା ବୋଲେରୋ, ୨ ଗୁରୁତର

ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଶିଶୁପାଳଗଡ଼ ଛକ ନିକଟରେ ଘଟିଛି ଦୁର୍ଘଟଣା। ଭାରସାମ୍ୟ ହରାଇ ଘର ଭିତରେ ଏକ ବୋଲେରୋ ପଶିଯିବା ଫଳରେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏନେଇ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଗାଡ଼ି ତଳେ ଚାପି ହୋଇ ରହିଛନ୍ତି। ବୋଲେରୋକୁ କଟର୍ ମେସିନରେ ଅଗ୍ନିଶମ ବାହିନୀ କାଟି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଚଳାଇଛନ୍ତି। ତେବେ ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି।

### ଡୁଙ୍ଗୁରିପାଲି ଥାନା ପୁଲିସର ସଫଳତା

## କଫସିରପ୍ ଜବତ, ୩ ଗିରଫ

ସୁବର୍ଣ୍ଣପୁର,୬।୯ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ପୁଲିସକୁ ବଡ଼ ସଫଳତା। ବିପୁଳ କଫସିରପ୍ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନାନୁସାରେ, ରାମପୁର ରୋଡ୍ ରେଳ ଫାଟକ ନିକଟରେ ଏକ ବାଇକରେ ତିନି ଜଣ ବ୍ୟକ୍ତି କଫସିରପ୍ ନେଇ ଯାଉଥିବା ସମୟରେ ସେମାନଙ୍କୁ ପୁଲିସ୍ ମାଡ଼ି ବସିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରଥମେ ବାଇକକୁ ଅଟକାଇଥିଲା ପୁଲିସ। ତିନି ଜଣଙ୍କୁ ଅଟକାଇ ଯାଞ୍ଚ ପରେ କଫସିରପ୍ ନେଇ ଯାଉଥିବା ଜଣାପଡ଼ିଥିଲା। ସେମାନଙ୍କ ପାଖରୁ ୪ ଲିଟର ଅପମିଶ୍ରିତ କଫସିରପ, ଏକ ବାଇକ, ୩ଟି ମୋବାଇଲ ଫୋନ ଓ ନଗଦ ୮ ହଜାର ଟଙ୍କା ଜବତ କରାଯାଇଛି। ତିନି ଜଣକୁ ଗିରଫ୍ କରିଛି ପୁଲିସ। ଗିରଫ ୩ ଅଭିଯୁକ୍ତ ହେଲେ ଡୁଙ୍ଗୁରିପାଲିର ରିଜେ ସେଠ, ସରୋଜ ଥାନପତି ଓ ବନ୍ଦପାଳି ଗ୍ରାମର ଶାନ୍ତନୁ ଭୋଇ।

## ଗୃହ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ରାଜ୍ୟପାଳ



ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ନୂଆଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କାଳରେ ରାଜ୍ୟପାଳ ଓ କେନ୍ଦ୍ର ଗୃହମନ୍ତ୍ରୀ ଓଡ଼ିଶାର ବିକାଶ ଓ ଜନକଲ୍ୟାଣ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତାମତ ବିନିମୟ କରିଥିଲେ। ନୂଆଦିଲ୍ଲୀର ଏହି ତିନିଦିନିଆ ଗସ୍ତ କାଳରେ ଡ. କମ୍ଭମପାଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ମଧ୍ୟ ଭେଟିଥିଲେ। ଏଥିସହ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟରେ ବରିଷ୍ଠ ଅଧିକାରୀ ଓ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଦିଲ୍ଲୀରେ ନିଜର ସମସ୍ତ କାର୍ଯ୍ୟସୂଚୀ ଶେଷ କରି ରାଜ୍ୟପାଳ ରବିବାର ଓଡ଼ିଶା ଫେରିଛନ୍ତି।

### ଠକେଇ-ବ୍ଲାକ୍‌ମେଲିଂ ଘଟଣାର ପର୍ଦ୍ଦାଫାସ

## ପୃଥକ୍ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ସମ୍ବଲପୁର,୬।୯ (ସଂଚାର ବ୍ୟୁରୋ)ଃ ସମ୍ବଲପୁର ଜିଲ୍ଲାରେ ଘଟିଥିବା ଦୁଇଟି ପୃଥକ୍ ସାଇବର ଅପରାଧ ମାମଲାରେ ସାଇବର ପୁଲିସକୁ ବଡ଼ ସଫଳତା ମିଳିଛି। ଉତ୍ତରାଖଣ୍ଡରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ସମ୍ବଲପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି ଯେ ପ୍ରଥମ ଘଟଣାରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଫେସ୍‌ବୁକ୍ ବିଜ୍ଞାପନ ଓ ଫିସିଂ ଲିଙ୍କ୍ ମାଧ୍ୟମରେ ସାଇବର ଠକେଇର ଶିକାର ହୋଇ ପାଖାପାଖି ୭ ଲକ୍ଷ ଟଙ୍କା ହରାଇଥିଲେ। ଅଭିଯୋଗ ମିଳିବା ପରେ ସମ୍ବଲପୁର ସାଇବର ଥାନାରେ କେସ୍ ନମ୍ବର ୨୪/୨୦୨୬ରେ ଏକ ମାମଲା ରୁଜୁ କରି ସାଇବର ଟିମ୍ ତୁରନ୍ତ ତଦନ୍ତ ଆରମ୍ଭ କରି ଉତ୍ତରାଖଣ୍ଡରୁ ମୁଖ୍ୟ ଅଭିଯୁକ୍ତ ଉତ୍ତରାଖଣ୍ଡ ବାଜପୁର ଥାନା ଚକରପୁର ଗ୍ରାମର ଅବ୍ବାସ ଅଲ୍ଲୀ (୩୦)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ନଗଦ ୨ ଲକ୍ଷ ଟଙ୍କା ଜବତ କରାଯିବା ସହ ଅନ୍ୟ ୫ ଲକ୍ଷ ୫୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ହୋଲ୍ଡ କରାଯାଇଛି, ଯାହା ଫଳରେ ଶତପ୍ରତିଶତ ଅର୍ଥ ଉଦ୍ଧାର ସମ୍ଭବ ହୋଇପାରିଛି। ଏହି ଠକେଇର ମାଷ୍ଟରମାଇଣ୍ଡ ମାଲେସିଆରେ ରହି କାରବାର ଚଳାଉଥିବା ଜଣାପଡ଼ିଛି ଓ ତାକୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି ବୋଲି ଏସପି କହିଛନ୍ତି।



ସେହିପରି ଦ୍ୱିତୀୟ ସମ୍ବେଦନଶୀଳ ମାମଲାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ସ୍ନାପଚାଟ ମାଧ୍ୟମରେ ଜାଲରେ ଫସାଇ ଘରୋଇ ଫଟୋ ଓ ଭିଡିଓ ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ଛାତ୍ରୀଙ୍କୁ ବ୍ଲାକମେଲ କରିବା ସହ ତାଙ୍କ ମା'ଙ୍କ ନିକଟକୁ ଅଶ୍ଳୀଳ ଭିଡିଓ ପଠାଇ ଧମକ ଦେଇଥିଲା। ଏହି ଘଟଣାରେ ସାଇବର ଥାନାରେ କେସ ନମ୍ବର ୩୦/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପୂର୍ବକ ସାଇବର ଟିମ ଉତ୍ତରାଖଣ୍ଡ ହରିଦ୍ୱାର ଥାନା ଅନ୍ତର୍ଗତ କାନଖଲ ଗ୍ରାମରୁ ଅଭିଯୁକ୍ତ ଆୟୁଷ ସାଇନି (୨୫)ଙ୍କୁ ଗିରଫ କରି କୋର୍ଟ ରବିବାର ଚାଲାଣ କରିଛି। ଏହି ଅବସରରେ ଏସ୍‌ପି ଜନସାଧାରଣ ଓ ଅଭିଭାବକଙ୍କୁ ସଚେତନ ରହିବାକୁ ନିବେଦନ କରିଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ




# ଦେଶର ସହରାଞ୍ଚଳରେ ୭୦%ରୁ ଅଧିକ ବସ୍‌ର ଅଭାବ



ନୂଆଦିଲ୍ଲୀ,୬।୯: ଭାରତର ସହରାଞ୍ଚଳରେ ସାର୍ବଜନୀନ ବସ୍ ପରିବହନ ବ୍ୟବସ୍ଥାର ସ୍ଥିତି ଚିନ୍ତାଜନକ ରହିଛି। ଦେଶର ସହରଗୁଡ଼ିକରେ ଆବଶ୍ୟକ ତୁଳନାରେ ୭୦ ପ୍ରତିଶତରୁ ଅଧିକ ବସର ଅଭାବ ରହିଥିବା ଏକ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର (CSE) ଏବଂ ଗ୍ଲୋବାଲ୍ ଟେକ୍ନିକାଲ୍ ଫାର୍ମ ସିଟିଜ୍ ଫୋରମ (CITIES Forum) ପକ୍ଷରୁ ମିଳିତ ଭାବେ ପ୍ରକାଶିତ 'ଦ ଇକୋନୋମିକ୍ସ ଅଫ୍ ବସ୍ ଟ୍ରାନ୍ସଫରମେସନ୍ସ: ଏ ରୋଡମ୍ୟାପ୍ ଫର୍ ବିକଶିତ ଭାରତ ୨୦୪୭' ରିପୋର୍ଟରେ ଏହି ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ଦେଶର ୪୦୦ରୁ ଅଧିକ ଛୋଟ-ବଡ଼ ସହରରେ ସଂଗଠିତ ବସ୍ ସେବା ପ୍ରାୟ ନାହିଁ। ଫଳରେ ଏହି ସହରଗୁଡ଼ିକରେ ଲୋକମାନେ ଅନୌପଚାରିକ ମିନିବସ୍, ଅଟୋ-ରିକ୍ସା ଏବଂ ସେୟାରିଂ ଟୁ-ହ୍ୱିଲର୍ ଭଳି ପରିବହନ ମାଧ୍ୟମ ଉପରେ ନିର୍ଭର କରୁଛନ୍ତି। ଅଧ୍ୟୟନ ଅନୁସାରେ, ଭାରତରେ ମୋଟ ୧୪.୫ ଲକ୍ଷ ପଞ୍ଜୀକୃତ ବସ୍ ରହିଛି। ଏହା ବ୍ୟତୀତ ରାଜ୍ୟ ପରିବହନ ଉଦ୍ୟୋଗ (STU) ଅଧୀନରେ ପ୍ରାୟ ୨.୯ ଲକ୍ଷ ବସ୍ ରହିଛି। କିନ୍ତୁ ଏଥିରୁ ମାତ୍ର ପ୍ରାୟ ୬୫ ହଜାର ବସ୍ ସଂଗଠିତ ସହରାଞ୍ଚଳ ସିଟି ବସ୍ ଭାବେ ଚାଲୁଛି। ବର୍ତ୍ତମାନ ପ୍ରତି ଏକ ଲକ୍ଷ ସହରାଞ୍ଚଳ ଜନସଂଖ୍ୟା ପାଇଁ ମାତ୍ର ୧୩.୩ରୁ ୧୩.୮ଟି ବସ୍ ଉପଲବ୍ଧ ହେଉଛି। ଅନ୍ୟପକ୍ଷରେ, ସରକାରଙ୍କ ନ୍ୟୂନତମ ମାନକ ଅନୁସାରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ୪୪ଟି ବସ୍ ରହିବା ଆବଶ୍ୟକ। ଅର୍ଥାତ୍ ବର୍ତ୍ତମାନର ବସ୍ ବ୍ୟବସ୍ଥା ଆବଶ୍ୟକତାଠାରୁ ବହୁତ ପଛରେ ରହିଛି। ସହରୀକରଣ ବଢ଼ିବା ସହିତ ଆଗାମୀ ଦିନରେ ସମସ୍ୟା ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ରିପୋର୍ଟ ଅନୁସାରେ, ଆର୍ଥିକ ବର୍ଷ ୨୦୨୬ରେ ଭାରତର ସହରୀ ଜନସଂଖ୍ୟା ପ୍ରାୟ ୪୯ କୋଟି ଥିବା ବେଳେ ୨୦୪୭ ସୁଦ୍ଧା ଏହା ୭୬.୩ କୋଟିକୁ ବୃଦ୍ଧି ପାଇପାରେ। ଅର୍ଥାତ୍ ଆଗାମୀ ଦୁଇ ଦଶନ୍ଧିରେ ସହରଗୁଡ଼ିକରେ ପ୍ରାୟ ୨୭ କୋଟି ନୂଆ ଲୋକ ଯୋଡ଼ିହେବେ। ଏହା ଫଳରେ ସାର୍ବଜନୀନ ପରିବହନ ଉପରେ ଚାପ ଆହୁରି ବଢ଼ିବ। ସମୟ ମଧ୍ୟରେ ବସ୍ ବ୍ୟବସ୍ଥାକୁ ବିସ୍ତାର କରାନଗଲେ ଟ୍ରାଫିକ୍ ଜାମ୍, ବାୟୁ ପ୍ରଦୂଷଣ ଏବଂ ଯାତାୟାତ ଖର୍ଚ୍ଚ ଭଳି ସମସ୍ୟା ବଢ଼ିପାରେ।

ଦେଶର ବସ୍ ଉପଲବ୍ଧତାରେ ମଧ୍ୟ ବଡ଼ ଅସମାନତା ରହିଛି। ରିପୋର୍ଟ ଅନୁସାରେ, ଦେଶର ସକ୍ରିୟ ବସ୍ର ପ୍ରାୟ ୫୫ ପ୍ରତିଶତ କେବଳ ୫ଟି ରାଜ୍ୟ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶରେ କେନ୍ଦ୍ରୀଭୂତ ହୋଇଛି। ଅନେକ ରାଜ୍ୟ ଓ ସହରରେ ଆବଶ୍ୟକତା ଅନୁପାତରେ ବସ୍ ଉପଲବ୍ଧ ନଥିବାରୁ ଲୋକମାନେ ଅନୌପଚାରିକ ପରିବହନ ଉପରେ ଅଧିକ ନିର୍ଭର କରୁଛନ୍ତି।

କେବଳ ବସ୍ ସଂଖ୍ୟାର ଅଭାବ ନୁହେଁ, ପୁରୁଣା ବସ୍ ମଧ୍ୟ ସହରୀ ପରିବହନ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ବର୍ତ୍ତମାନ ସଡ଼କରେ ଚାଲୁଥିବା ପ୍ରାୟ ୪୦ ହଜାର ସହରୀ ବସ୍ ୧୫ ବର୍ଷର ଆଇନଗତ ଆୟୁସୀମା ପାର କରିସାରିଛି। ଏହି ପୁରୁଣା ବସ୍ଗୁଡ଼ିକ ନୂଆ ବସ୍ ତୁଳନାରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଅଧିକ ଇନ୍ଧନ ଖର୍ଚ୍ଚ କରୁଛନ୍ତି। ଏଥିସହିତ ଏଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରତି କିଲୋମିଟର ପିଛା ୧୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ହେଉଛି। ଆହୁରି ଚିନ୍ତାଜନକ କଥା ହେଉଛି, ୨୦୨୬ରୁ ୨୦୩୦ ମଧ୍ୟରେ ସମସ୍ତ ବର୍ଗର ପ୍ରାୟ ୫.୮ ଲକ୍ଷ ବସ୍ ନିଜର ନିର୍ଦ୍ଧାରିତ ଆୟୁସୀମା ପୂରଣ କରିବେ। 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ଅନୁସାରେ ବିଶ୍ୱସ୍ତରୀୟ ବସ୍ ଉପଲବ୍ଧତା ହାସଲ କରିବାକୁ ଭାରତକୁ ବଡ଼ ପରିମାଣରେ ନୂଆ ବସ୍ ଆଣିବାକୁ ପଡ଼ିବ। ବିଶ୍ୱସ୍ତରୀୟ ମାନକ ଅନୁସାରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ୮୮ଟି ବସ୍ ଉପଲବ୍ଧ କରାଇବାକୁ ହେଲେ ୨୦୪୭ ସୁଦ୍ଧା ଦେଶରେ ୬.୭୧ ଲକ୍ଷ ସକ୍ରିୟ ବସ୍ର ଏକ ବଡ଼ ଆକାରର ଆବଶ୍ୟକ ହେବ। ଏଥିରୁ ପ୍ରାୟ ୯୦ ପ୍ରତିଶତ ବସ୍ ଇଲେକ୍ଟ୍ରିକ୍ ହେବାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣ ପାଇଁ ମୋଟ ୯.୧ ଲକ୍ଷ ନୂଆ ବସ୍ କିଣିବା ଆବଶ୍ୟକ ହେବ। ଏଥିପାଇଁ ପ୍ରାୟ ୧୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଆବଶ୍ୟକ ହେବ। ବର୍ତ୍ତମାନ ଭାରତରେ ବର୍ଷକୁ ପ୍ରାୟ ୨,୫୦୦ଟି ବସ୍ କିଣାଯାଉଥିବା ବେଳେ ଏହାକୁ ହାରାହାରି ବର୍ଷକୁ ୪୧,୫୦୦ ବସ୍କୁ ବଢ଼ାଇବାକୁ ପଡ଼ିବ। ଅର୍ଥାତ୍ ବସ୍ କ୍ରୟ ହାରରେ ପ୍ରାୟ ୧୭ ଗୁଣ ବୃଦ୍ଧି ଆବଶ୍ୟକ। ରିପୋର୍ଟରେ ଇଲେକ୍ଟ୍ରିକ୍ ବସ୍କୁ ସହରୀ ପରିବହନର ଭବିଷ୍ୟତ ଭାବେ ଗୁରୁତ୍ୱ ଦିଆଯାଇଛି। ଅଧ୍ୟୟନ ଅନୁସାରେ, ଆର୍ଥିକ ବର୍ଷ ୨୦୩୯-୪୦ ସୁଦ୍ଧା ନୂଆ ବସ୍ କ୍ରୟରେ ଇଲେକ୍ଟ୍ରିକ୍ ବସ୍ର ଅଂଶ ୧୦୦ ପ୍ରତିଶତ କରିବା ଆବଶ୍ୟକ। ଏହି ଲକ୍ଷ୍ୟ ଅନୁସାରେ ୨୦୪୭ ସୁଦ୍ଧା ଦେଶର ସଡ଼କରେ ପ୍ରାୟ ୬.୦୪ ଲକ୍ଷ ଇଲେକ୍ଟ୍ରିକ୍ ସହରୀୟ ବସ୍ ସକ୍ରିୟ ରହିପାରେ। ଏତେ ବଡ଼ ଇଲେକ୍ଟ୍ରିକ୍ ବସ୍ ବେଡ଼ା ଚଳାଇବା ପାଇଁ ପ୍ରାୟ ୧୨୧ ଗିଗାୱାଟର ସକ୍ରିୟ ବ୍ୟାଟେରୀ କ୍ଷମତା ଏବଂ ବର୍ଷକୁ ପ୍ରାୟ ୩୭,୦୦୦ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକ ହେବ। ଏହା ଭାରତର ମୋଟ ବାର୍ଷିକ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୧.୮ ପ୍ରତିଶତ ସମାନ।

## ଜିଏସଟି ପରିଷଦ ବୈଠକ ଅକ୍ଟୋବରକୁ ଘୁଞ୍ଚିଲା

ନୂଆଦିଲ୍ଲୀ: ଚଳିତ ମାସ ୧୨ ତାରିଖରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକ ଆସନ୍ତା ଅକ୍ଟୋବର ୭କୁ ଘୁଞ୍ଚିପାରେ। ସେପ୍ଟେମ୍ବର ୧୨-୧୩ରେ ବ୍ରିକ୍ସ ଲିଡର୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ତାହାକୁ ଦୃଷ୍ଟିରେ ରଖି ଜିଏସ୍‌ଟି ପରିଷଦ ବୈଠକକୁ ଘୁଞ୍ଚାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଜିଏସ୍‌ଟି ଅଧିକାରୀଙ୍କ ପ୍ରସ୍ତୁତି ବୈଠକ ଅକ୍ଟୋବର ୫ ଓ ୬ରେ ଅନୁଷ୍ଠିତ ହେବ। ଦୀର୍ଘ ଏକ ବର୍ଷର ବ୍ୟବଧାନ ପରେ ଜିଏସ୍‌ଟି ପରିଷଦ ବୈଠକ ହେବାକୁ ଯାଉଛି। ଶେଷ ଥର ବୈଠକ ୨୦୨୫ ସେପ୍ଟେମ୍ବର ୩ ଓ ୪ରେ ଅନୁଷ୍ଠିତ ହୋଇଥିଲା। ତାହା ଏକ ଐତିହାସିକ ବୈଠକ ଥିଲା ଯେଉଁଥିରେ ଚାରି ଥାକିଆ ଜିଏସ୍‌ଟି ବଦଳରେ ୨ ଥାକିଆ ଜିଏସ୍‌ଟି ଢାଞ୍ଚା ଲାଗୁ କରାଯାଇଥିଲା ଓ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ସ୍ଲାବ୍ ସୃଷ୍ଟି କରାଯାଇଥିଲା। ପୂର୍ବରୁ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଓ ୨୮ ପ୍ରତିଶତର ଜିଏସ୍‌ଟି ଢାଞ୍ଚା ଥିଲା। ଗତବର୍ଷ ତାହାକୁ ୫ ପ୍ରତିଶତ ଓ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ତାହାର ପ୍ରଭାବରେ ବିଭିନ୍ନ ଜିନିଷର ଦାମ୍ ହ୍ରାସ ପାଇବା ସହ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଥିଲା।




## ୨୦୦ ବର୍ଷର ପୁରୁଣା ରାଜପ୍ରାସାଦ କିଣିଲେ ଜୁକରବର୍ଗ



ନୂଆଦିଲ୍ଲୀ, ୬।୯: ମେଟା (ମେଟା) ସି.ଇ.ଓ. ମାର୍କ ଜୁକରବର୍ଗ ଏବଂ ତାଙ୍କ ପତ୍ନୀ ପ୍ରିସିଲା ଚାନ୍ ସେମାନଙ୍କର ବିଶାଳ ସମ୍ପତ୍ତି କଲେକ୍ସନରେ ଆୟରଲ୍ୟାଣ୍ଡର ୧୯୦ ବର୍ଷ ପୁରୁଣା 'ଷ୍ଟ୍ରାନକାଲି କାସଲ' (Strancally Castle) କୁ ସାମିଲ କରିଛନ୍ତି। ଏହି ରାଜପ୍ରାସାଦ ବ୍ୟତୀତ ବିଶ୍ୱସାରା ଜୁକରବର୍ଗଙ୍କର ଅନେକ ଦାମୀ ଓ ବିଳାସପୂର୍ଣ୍ଣ ସମ୍ପତ୍ତି ରହିଛି। ୱାଟରଫୋର୍ଡରେ ଥିବା ୪୪୦ ଏକର ପରିବ୍ୟାପ୍ତ ଏହି ପ୍ରାସାଦର ଆନୁମାନିକ ମୂଲ୍ୟ ୨୦ ରୁ ୩୦ ନିୟୁତ ୟୁରୋ। ୧୮୩୦ ମସିହାରେ ନିର୍ମିତ ଏହି ପ୍ରାସାଦକୁ ସେମାନେ ରହିବା ପାଇଁ ବ୍ୟବହାର କରିବେ। ହାୱାଇର କାୱାଇ ଦ୍ୱୀପରେ ଜୁକରବର୍ଗଙ୍କର ୧,୨୦୦ ଏକରରୁ ଅଧିକ ଜମି ରହିଛି। ସେଠାରେ ସେ ଏକ ବିଶାଳ କମ୍ପାଉଣ୍ଡ ସହ ସୁରକ୍ଷିତ 'ଡୁମ୍ସଡେ' (Doomsday) ବଙ୍କର ତିଆରି କରୁଛନ୍ତି, ଯାହାର ମୋଟ ଖର୍ଚ୍ଚ ପ୍ରାୟ ୨୭୦ ନିୟୁତ ଡଲାର ଆକଳନ କରାଯାଇଛି। କାଲିଫର୍ଣ୍ଣିଆର ପାଲୋ ଆଲ୍ଟୋରେ ଜୁକରବର୍ଗଙ୍କର ୫ଟି ଘର ରହିଛି, ଯାହାର ମୋଟ ମୂଲ୍ୟ ୩୬.୨ ନିୟୁତ ଡଲାରରୁ ଅଧିକ। ଏହି ସ୍ମାର୍ଟ ହୋମରେ କଷ୍ଟମ୍ AI ଆସିଷ୍ଟାଣ୍ଟ ମଧ୍ୟ ରହିଛି। ୨୦୧୯ରେ ସେ ଲେକ୍ ଟାହୋ କୂଳରେ ଦୁଇଟି ବିଳାସପୂର୍ଣ୍ଣ ପ୍ରାସାଦ ପ୍ରାୟ ୫୯ ନିୟୁତ ଡଲାରରେ କିଣିଥିଲେ। ୱାଶିଂଟନ୍ ଡିସିରେ ୧୫,୦୦୦ ବର୍ଗଫୁଟର ଏକ ସୁନ୍ଦର ଭବନ ଏବଂ ଫ୍ଲୋରିଡାର 'ଇଣ୍ଡିଆନ୍ କ୍ରିକ୍' ଦ୍ୱୀପରେ ଏକ ସି-ଫେସିଂ ଆବାସ ସେ ନିଜ ନାମରେ କରିଛନ୍ତି। ସୂଚନାଯୋଗ୍ୟ ଯେ, ସାନ ଫ୍ରାନ୍ସିସ୍କୋରେ ଥିବା ତାଙ୍କର ଏକ ପୁରୁଣା ଟାଉନହାଉସକୁ ସେ ୨୦୨୨ ମସିହାରେ ୩୧ ନିୟୁତ ଡଲାରରେ ବିକ୍ରି କରିଦେଇଥିଲେ।

## ୧୧ଟି କମ୍ପାନୀ ଆଣିବେ ଆଇପିଓ

ନୂଆଦିଲ୍ଲୀ,୬।୯: ସାତ ତାରିଖରୁ ଆରମ୍ଭ ହେଉଥିବା ସପ୍ତାହରେ ୧୧ଟି ସଂସ୍ଥା ନିଜର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜାରି କରିବେ। ରେଣ୍ଟୋମୋଜୋ, କରମତାରା ଇଞ୍ଜିନିୟରିଂ ଓ କାନୋହର ଇଲେକ୍ଟ୍ରିକାଲ୍ସ ଭଳି ସଂସ୍ଥା ଆଇପିଓ ଜରିଆରେ ଷ୍ଟକ୍ ବଜାରରୁ ୭,୦୫୫ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସବୁ ଆଇପିଓ ସେପ୍ଟେମ୍ବର ୭ରୁ ୧୫ ଭିତରେ ଜାରି ହେବ। ଅଧିକାଂଶ ଇସ୍ୟୁର ସବ୍‌ସ୍କ୍ରିପ୍‌ସନ୍ ମଙ୍ଗଳବାର ଓ ବୁଧବାର ଦିନ ଖୋଲିବ। ଆଇପିଓ ଜାରି କରିବାକୁ ଯାଉଥିବା ଏହି ସମସ୍ତ ୧୧ଟି କମ୍ପାନିର ବଜାର ପୁଞ୍ଜି ପରିମାଣ ୧୦୦ କୋଟି ଡଲାରରୁ କମ୍ ରହିଛି। ଏଥିରୁ ଏହା ଜଣାପଡୁଛି ଯେ ଛୋଟ କମ୍ପାନିଗୁଡ଼ିକ ନିଜ ପୁଞ୍ଜି ଆବଶ୍ୟକତା ପୂରଣ କରିବାକୁ ଇକ୍ୱିଟି ବଜାର ଉପରେ ଅଧିକ ଭରସା କରୁଛନ୍ତି ବୋଲି ୟେସ୍ ସିକ୍ୟୁରିଟିଜ୍‌ର ମୁଖ୍ୟ ନିବେଶ ଅଧିକାରୀ ରାଜକୁମାର ରାଠି କହିଛନ୍ତି। IPO: ଏସପ୍ତାହରେ ୫ଟି ଆଇପିଓ ରିଅଲ ଇଷ୍ଟେଟ୍, ଇଞ୍ଜିନିୟରିଂ, ବିନିର୍ମାଣ, ପେମେଣ୍ଟ ଓ ପରିଚୟ ସମାଧାନ ପ୍ରଦାନକାରୀ, ସ୍ପେସିଆଲିଟି କେମିକାଲ୍ ଓ ଅନଲାଇନ୍ ରେଣ୍ଟାଲ କ୍ଷେତ୍ରର କମ୍ପାନିଗୁଡ଼ିକ ଷ୍ଟକ୍ ବଜାରରେ ପ୍ରବେଶ କରିବେ। କମ୍ପାନିଗୁଡ଼ିକ ଯେଉଁ ପାଣ୍ଠି ସଂଗ୍ରହ କରିବେ ତାହାକୁ ବ୍ୟବସାୟ ସମ୍ପ୍ରସାରଣ, ପୁଞ୍ଜି ବ୍ୟୟ, ଋଣ ପରିଶୋଧ, କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବା ଆଦିରେ ବ୍ୟବହାର କରିବେ।




## ସ୍କୋଡା ଓକ୍ଟାଭିଆ ଆର୍‌ଏସ୍‌ର ଦ୍ୱିତୀୟ ବ୍ୟାଚ୍ ଲଞ୍ଚ

ନୂଆଦିଲ୍ଲୀ, ୬।୯:Skodaର Octavia RS ପସନ୍ଦ କରୁଥିବା ଲୋକଙ୍କ ପାଇଁ ବଡ଼ ଖବର। କମ୍ପାନୀ ଭାରତରେ ଏହି ଦ୍ରୁତ ଏବଂ ସ୍ପୋର୍ଟି କାର୍‌ର ଦ୍ୱିତୀୟ ଲିମିଟେଡ୍ ବ୍ୟାଚ୍ ଲଞ୍ଚ କରିଛି। ଏଥର କମ୍ପାନୀ ମାତ୍ର ୫୦ଟି କାର୍ ଭାରତକୁ ଆଣିଛି। ଅର୍ଥାତ୍, Octavia RS କିଣିବାର ସୁଯୋଗ ପ୍ରତ୍ୟେକ ଗ୍ରାହକଙ୍କୁ ମିଳିବ ନାହିଁ। ଭାରତରେ ସ୍କୋଡାର ସ୍ଥିତି ପୂର୍ବ ଅପେକ୍ଷା ମଜବୁତ ହୋଇଛି। ଏହି କାରଣରୁ କମ୍ପାନୀ ଏବେ ନିଜର ସ୍ୱତନ୍ତ୍ର RS ମଡେଲ୍‌କୁ ମଧ୍ୟ ଭାରତୀୟ ବଜାରକୁ ଆଣୁଛି । Octavia RS ମଧ୍ୟ ଏହି ପ୍ଲାନର ଏକ ଅଂଶ। ତେବେ ନୂଆ ବ୍ୟାଚ୍ ପାଇଁ ଗ୍ରାହକଙ୍କୁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। Octavia RS ରେ ୨.୦ ଲିଟର TSI ଟର୍ବୋ ପେଟ୍ରୋଲ୍ ଇଞ୍ଜିନ୍ ମିଳୁଛି। ଏହି ଇଞ୍ଜିନ୍ ୨୬୫ PS ପାୱାର ଏବଂ ୩୭୦ Nm ଟର୍କ ପ୍ରଦାନ କରିଥାଏ। ଏହା ସହିତ 7-ସ୍ପିଡ୍ DSG ଗିୟରବକ୍ସ ସୁବିଧା ମଧ୍ୟ ଦିଆଯାଇଛି। କାର୍‌ର ସ୍ପିଡ୍ ମଧ୍ୟ ବେଶ୍ ଚମତ୍କାର ରହିଛି। ଯାହା ମାତ୍ର ୬.୪ ସେକେଣ୍ଡରେ ୦ରୁ ୧୦୦ କିଲୋମିଟର୍ ପର୍ଯ୍ୟନ୍ତ ପ୍ରତି ଘଣ୍ଟା ବେଗ ହାସଲ କରିପାରେ। ଏହାର ହାଇ ସ୍ପିଡ୍ ଇଲେକ୍ଟ୍ରୋନିକ୍ ଭାବେ ପ୍ରତି ଘଣ୍ଟାରେ ୨୫୦ କିଲୋମିଟରରେ ସୀମିତ ରଖାଯାଇଛି। କମ୍ପାନୀ ଅନୁଯାୟୀ, ପ୍ରଥମ ବ୍ୟାଚ୍ ପାଇଁ ଚାହିଦା ଉପଲବ୍ଧ କାର୍ ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଥିଲା। ଏବେ ଦ୍ୱିତୀୟ ବ୍ୟାଚ୍‌ରେ ମଧ୍ୟ ମାତ୍ର ୫୦ଟି କାର୍ ଅଣାଯାଇଛି। ନୂଆ Octavia RSକୁ ତିନୋଟି କଲରରେ ଉପଲବ୍ଧ ହେବ। ଯେଉଁଗୁଡିକ—ମାମ୍ବା ଗ୍ରୀନ୍, ଭେଲଭେଟ୍ ରେଡ୍ ଏବଂ ମ୍ୟାଜିକ୍ ବ୍ଲାକ୍ କଲରର ରହିଛି। କାର୍‌ରେ ଫୁଲ୍ LED ମ୍ୟାଟ୍ରିକ୍ସ ହେଡ୍‌ଲ୍ୟାମ୍ପ ଏବଂ ଡାଇନାମିକ୍ ଇଣ୍ଡିକେଟର୍ ସହିତ LED ଟେଲ୍ ଲ୍ୟାମ୍ପ ଦିଆଯାଇଛି। ଏଥିରେ ଗ୍ଲସ୍ ବ୍ଲାକ୍ ଡିଜାଇନ୍ ଏଲିମେଣ୍ଟସ ମଧ୍ୟ ରହିଛି। କାର୍‌ରେ ୧୯-ଇଞ୍ଚ୍ ଏଲିଆସ୍ ଆନ୍ଥ୍ରାସାଇଟ୍ ଆଲୟ ହ୍ୱିଲ୍ ଲଗାଯାଇଛି, ଯେଉଁଥିରେ ୨୨୫/୪୦ R୧୯ ଟାୟାର୍ ମିଳୁଛି।




କାର୍‌ର ଭିତରେ ସୁଏଡିଆ ଲେଦର୍‌ର ବ୍ୟବହାର କରାଯାଇଛି ଏବଂ ଏଥିରେ ଲାଲ୍ କଣ୍ଟ୍ରାଷ୍ଟ ଷ୍ଟିଚିଂ ଦିଆଯାଇଛି। ଫ୍ରଣ୍ଟ ସ୍ପୋର୍ଟ୍ସ ସିଟ୍‌ଗୁଡ଼ିକ ଇଲେକ୍ଟ୍ରିକ୍ ଆଡଜଷ୍ଟମେଣ୍ଟ ସହିତ ଆସୁଛି। ଯେଉଁଥିରେ ମେମୋରି, ହିଟିଂ ଏବଂ ମସାଜ୍ ଭଳି ଫିଚର୍ ମଧ୍ୟ ସାମିଲ ରହିଛି। ଏହା ବ୍ୟତୀତ ଭର୍ଚୁଆଲ୍ କକ୍ପିଟ୍, ଆମ୍ବିଏଣ୍ଟ ଲାଇଟିଂ, ଥ୍ରୀ-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ୱାୟାରଲେସ୍ ଚାର୍ଜିଂ ଭଳି ଫିଚର୍ସ ଦିଆଯାଇଛି। ସେଫ୍ଟି ଦୃଷ୍ଟିରୁ ମଧ୍ୟ Octavia RS ବେଶ୍ ମଜବୁତ। ଏଥିରେ ୧୦ଟି ଏୟାରବ୍ୟାଗ୍ ଦିଆଯାଇଛି। ଏହା ସହିତ ADAS ସିଷ୍ଟମ୍ ମିଳୁଛି। ଯେଉଁଥିରେ ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ଅଟୋନୋମସ୍ ଏମର୍ଜେନ୍ସି ବ୍ରେକିଂ ଏବଂ ଲେନ୍ ଆସିଷ୍ଟ ଭଳି ଫିଚର୍ସ ସାମିଲ ରହିଛି। କାର୍‌ରେ ଇଣ୍ଟେଲିଜେଣ୍ଟ ପାର୍କ ଆସିଷ୍ଟ, ୩୬୦-ଡିଗ୍ରୀ ଏରିଆ ଭ୍ୟୁ କ୍ୟାମେରା, ହେଡ୍-ଅପ୍ ଡିସ୍‌ପ୍ଲେ ଏବଂ ISOFIX ଚାଇଲ୍ଡ ସିଟ୍ ମାଉଣ୍ଟ ମଧ୍ୟ ଦିଆଯାଇଛି। ସ୍କୋଡା Octavia RSର ନୂଆ ବ୍ୟାଚ୍‌ର ଏକ୍ସ-ଶୋରୁମ୍ ମୂଲ୍ୟ ୫୬.୬୯ ଲକ୍ଷ ଟଙ୍କା ରଖାଯାଇଛି। ନଭେମ୍ବର ୨୦୨୫ରେ ଯେତେବେଳେ ଏହାର ପ୍ରଥମ ବ୍ୟାଚ୍ ଲଞ୍ଚ ହୋଇଥିଲା, ସେତେବେଳେ ଏହାର ମୂଲ୍ୟ ୪୯.୯୯ ଲକ୍ଷ ଟଙ୍କା ଥିଲା। ଅର୍ଥାତ୍, ଏବେ ଏହାର ଦାମ୍ ପ୍ରାୟ ୬.୭୦ ଲକ୍ଷ ଟଙ୍କା ବଢ଼ିଛି। ଏହା ପ୍ରାୟ ୧୩.୪ ପ୍ରତିଶତ ମୂଲ୍ୟ ବୃଦ୍ଧି ପାଇଛି। Octavia RS ଭାରତରେ CBU ମଡେଲ୍ ଭାବେ ଉପଲବ୍ଧ ହେଉଛି। ଏହାର ଅର୍ଥ କାର୍‌ଟି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ବିଦେଶରୁ ଭାରତକୁ ଆମଦାନି କରାଯାଉଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୦୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮.୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ସାହିତ୍ୟ ଅକାଦେମି ଓ କୋରାପୁଟ ସାହିତ୍ୟ ପରିବାର ପକ୍ଷରୁ ସାହିତ୍ୟ ମଞ୍ଚ ଓ କବିତା ପାଠୋତ୍ସବ




**କୋରାପୁଟ,୬।୯ (ସଂଚାର ବ୍ୟୁରୋ):** ସାହିତ୍ୟ ଅକାଦେମି ଓ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ସଭାଗୃହ ଠାରେ ସାହିତ୍ୟ ମଞ୍ଚ, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ଼. ପ୍ରୀତିଧାରା ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଭାମୁଖ୍ୟ ଭାବରେ କୋରାପୁଟ ସାହିତ୍ୟ ପରିବାରର ଉପଦେଷ୍ଟା ତଥା ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ପ୍ରଫେସର ନାରାୟଣ ପଣ୍ଡା ଆଧୁନିକ ଓଡ଼ିଆ କବିତାର ଦିଗ ଓ ଦିଗନ୍ତ ଉପରେ ଆଲୋଚନା କରିଥିଲେ। ନିମନ୍ତ୍ରିତ କବିଭାବେ ଚକ୍ରପାଣି ପରିଛା,ଦେବୀ ପ୍ରସାଦ ଭଦ୍ର, ମାଧୁରୀ ପଣ୍ଡା ଓ ରବି ଶତପଥୀ ପ୍ରଥମ ଅଧିବେଶନରେ ସ୍ୱରଚିତ କବିତା ପାଠ କରିଥିଲେ। ବିଶିଷ୍ଟ ଅନୁବାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ଼. ଜଗବନ୍ଧୁ ସାମଲ,କବି ପ୍ରଦୀପ କୁମାର ମିଶ୍ର, ଜଳଧର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, କିଶୋର ବେହେରା,ଚିତ୍ର ମିଶ୍ର, ସ୍ନିଗ୍ଧା ମିଶ୍ର, ଚନ୍ଦ୍ରକାନ୍ତ ବିଶ୍ୱାଳ, ଦେବୀ ପ୍ରସାଦ କର, ପ୍ରଭାତ କୁମାର ମହାପାତ୍ର, ବଂଶୀଧର ମହାରଣା, ଧରଣୀଧର ରଣା, ଡ. ଅଶୋକ କୁମାର ମହାନ୍ତି, ଶ୍ରୀଧର ପଟନାୟକ, ସ୍ୱାତି ଚାଟାର୍ଜି, ସରୋଜିନୀ ତ୍ରିପାଠୀ, ପର୍ପଣ୍ଡି ପାଣିଗ୍ରାହୀ, ରାଜଶ୍ରୀ ରଂଜିତା ହରିଚନ୍ଦନ, ଲବଦାନ ନାୟକ, ଶାନ୍ତନୁ କୁମାର ସାହୁ,ନୃସିଂହ ଚରଣ ପଣ୍ଡା, ମୁସ୍ତାଫିଜ ଅଲି, ଶଙ୍କର୍ଷଣ ବାଘ, ପ୍ରଶାନ୍ତ କୁମାର ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିଲେ।

## ଜନ୍ମାଷ୍ଟମୀ ଉପଲକ୍ଷେ କୌତୂହଳ ପୋଷାକ ପ୍ରତିଯୋଗିତା




**ଭବାନୀପାଟଣା,୬।୯ (ସଂଚାର ବ୍ୟୁରୋ):** ଭବାନୀପାଟଣା ସହରର ତାରିଣୀ ମନ୍ଦିର ରୋଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ କୌତୂହଳ ପୋଷାକ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ଆକର୍ଷଣୀୟ ପୋଷାକରେ ସଜ୍ଜିତ ହୋଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବିଶେଷକରି ଛାତ୍ରଛାତ୍ରୀମାନେ ଶ୍ରୀକୃଷ୍ଣ ଓ ରାଧାଙ୍କ ବେଶରେ ସଜେଇ ହୋଇ ବିଦ୍ୟାଳୟ ପରିସରରେ ଉପସ୍ଥିତ ହେବା ପରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଶିଶୁମାନଙ୍କର ବେଶଭୂଷା, ଅଭିନୟ ଓ ଉପସ୍ଥାପନା ଉପସ୍ଥିତ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟମାନଙ୍କ ମନ ଆକର୍ଷିଥିଲା। ଜନ୍ମାଷ୍ଟମୀ ପରି ଧାର୍ମିକ ଓ ସାଂସ୍କୃତିକ ପର୍ବକୁ ଶିଶୁମାନଙ୍କ ମଧ୍ୟରେ ପରିଚିତ କରାଇବା ସହିତ ସେମାନଙ୍କ ସୃଜନଶୀଳତା ଓ ମଞ୍ଚ ପ୍ରଦର୍ଶନର ବିକାଶ ଏହି ପ୍ରତିଯୋଗିତାର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜୀବନ, ଆଦର୍ଶ ଓ ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମଜୟନ୍ତୀ ପାଳିତ



**ହିଞ୍ଜିଳିକାଟୁ, ୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପତଞ୍ଜଳି ଯୋଗ ଶାଖାର ବାର୍ଷିକ ଉତ୍ସବ ବିଶେଷ ଅବସରରେ ବ୍ରହ୍ମଲିନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶତବାର୍ଷିକୀ ଜନ୍ମଜୟନ୍ତୀ ଓ ଜନ୍ମାଷ୍ଟମୀ ତିଥିର ବଳିଦାନ ଦିବସ ଉପଲକ୍ଷେ ସମର୍ପିତ ପୂର୍ବକ ଅନେକ ସ୍ୱୟଂସେବକ ଓ ଆଞ୍ଚଳିକ ସମାଜସେବୀ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହି ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ ସଭା ସହ ସମୂହ ଦୀପଦାନ ଭଳି ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏଠାରେ ସ୍ୱାମୀଜୀଙ୍କ ସେବା ଓ ସାଧନା ଆମ ହିନ୍ଦୁ ସମାଜ ପାଇଁ କିପରି ପ୍ରେରଣାର ଉତ୍ସ ଓ ମହତ୍ତ୍ୱପୂର୍ଣ୍ଣ ଥିଲା ତାହା ବ୍ୟକ୍ଷା କରାଯାଇଥିଲା। ହିନ୍ଦୁ ଧର୍ମର ସୁରକ୍ଷା ନିମନ୍ତେ ସ୍ୱାମୀଜୀଙ୍କ ଜୀବନଭରି ତ୍ୟାଗ, ନିଷ୍ଠା ସମର୍ପଣର ଜଳାଞ୍ଜଳି, ତାଙ୍କ ମୃତ୍ୟୁର ୧୮ବର୍ଷ ପରେ ମଧ୍ୟ କିପରି ଅବିସ୍ମରଣୀୟ ରଖାଜିବ ତାହା ଆଲୋଚନା ସହିତ ତାଙ୍କ ନିର୍ମମ ହତ୍ୟାର ରହସ୍ୟକୁ ସର୍ବାଧରଣରେ ଜଳଦି ପ୍ରକାଶ କରିବା ବର୍ତ୍ତମାନ ଓଡ଼ିଶା ଲୋକଙ୍କ ସରକାର ପାଖରେ ମିଡ଼ିଆ ବନ୍ଧୁ ମାନଙ୍କ ଦ୍ୱାରା ଅନୁରୋଧ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ପତଞ୍ଜଳୀ ଯୋଗ ଶାଖାର ସଂଚାଳକ କରୁଣାକର ବାଡତ୍ୟାଙ୍କ ପୋରୋହିତ୍ୟରେ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ମହନ୍ତ ହରିହର ଦାସ ମହାରାଜ, ମୁଖ୍ୟ ବକ୍ତା ଭାବେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ସମ୍ମାନିତ ଅତିଥିଭାବେ ପତଞ୍ଜଳି ଯୋଗ ଶାଖା କର୍ଯବାହ ଉମାଚରଣ ପାଢ଼ୀ ଏବଂ ବିଶିଷ୍ଟ ସମାଜସେବୀ ସନ୍ତୋଷ ସାବତ ଯୋଗ ଦେଇଥିଲେ।

### ବଉପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା

# ଅସୁସ୍ଥ ପରେ ପାଟି ଖୋଲୁନି ଚତୁର୍ଥ ଶ୍ରେଣୀ ଛାତ୍ରୀ

**ଓ ଦିନ ପରେବି ଅଭିଭାବକଙ୍କୁ ଜଣାଇଲେନି ପ୍ରଧାନଶିକ୍ଷୟିତ୍ରୀ**

**ଅସୁସ୍ଥ ଛାତ୍ରୀଙ୍କ ଅଭିଭାବକଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

**ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ବିଦ୍ୟାଳୟ ସଭାପତି ଓ ଗ୍ରାମବାସୀ**



**ଫୁଲବାଣୀ,୬।୯ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତର ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଅନ୍ତେବାସୀ ଆବାସିକ ପ୍ରାଥମିକ ବିଦ୍ୟାଳୟ ବଉପଙ୍ଗାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଚତୁର୍ଥ ଶ୍ରେଣୀର ହଷ୍ଟେଲ ଛାତ୍ରୀ ଅସୁସ୍ଥ ହେବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଚିକିତ୍ସା ଅବହେଳାରୁ ଛାତ୍ରୀ ଜଣକ କୌଣସି କଥା କହିପାରୁ ନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ ପକାରୀ ପଞ୍ଚାୟତର ବିଲୁରୀ ଗାଁର ବାସୁଦେବ କହଁରଙ୍କ ଝିଅ ପ୍ରଥମ ଶ୍ରେଣୀରୁ ଅନ୍ତେବାସୀ ହିସାବରେ ବଉପଙ୍ଗା ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହି ପାଠପଢ଼ି ଆସିଥିଲେ। ବର୍ତ୍ତମାନ ସେ ଚତୁର୍ଥ ଶ୍ରେଣୀର ଛାତ୍ରୀ। ଗତ ସେପ୍ଟେମ୍ବର ୨ ତାରିଖରେ ଛାତ୍ରୀ ଜଣଙ୍କ ଦେହ ଖରାପ ହେବା ସହ ଜ୍ୱର ମଧ୍ୟ ହୋଇଥିଲା । ଯାହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ପରିବାରକୁ କୌଣସି ଖବର ମଧ୍ୟ ଦେଲେ ନାହିଁ। ଛାତ୍ରୀଙ୍କୁ ହଷ୍ଟେଲରେ ରଖି ଦୁଇ ଦିନ ପରେ ୪ ତାରିଖରେ ଅଧିକ ଅସୁସ୍ଥ ହେବାରୁ ଫୁଲବାଣୀ ଡାକ୍ତରଖାନା ଶିଶୁ ବିଭାଗକୁ ଦାୟିତ୍ୱରେ ଥିବା ମେଟ୍ରୋନଙ୍କ ସହ ଛାତ୍ରୀ ଜଣଙ୍କୁ ପଠାଇ ଚିକିତ୍ସା ପାଇଁ ନେଇଥିଲେ। ତେବେ ଫୁଲବାଣୀରେ ଚିକିତ୍ସା ପୂର୍ବରୁ ହିଁ ଛାତ୍ରୀ ଜଣକ ପାଟି ଖୋଲୁ ନାହିଁ କି କିଛି କହି ପାରୁନାହାନ୍ତି । ଏହି ଘଟଣା ପରେ ୫ ତାରିଖ ସକାଳୁ ବିଦ୍ୟାଳୟରେ ବର୍ତ୍ତମାନ ଡେପୁଟେସନରେ ଥିବା ଅନ୍ୟ ଜଣେ ଶିକ୍ଷକ ଅଭିଭାବକଙ୍କୁ ଫୋନ କରି ଜଣାଇବା ପରେ ବିଦ୍ୟାଳୟକୁ ଛାତ୍ରୀଙ୍କ ବାପା ବାସୁଦେବ କହଁର ପହଁଞ୍ଚି ନିଜ ଝିଅ ବିଷୟରେ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜଣକ କୁଆଡେ ବିଭିନ୍ନ କଥା କହି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ବାସୁଦେବ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଅନ୍ୟପଟେ ଦୀର୍ଘ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ ରହିଥିବା ବେଳେ ଛାତ୍ରୀମାନଙ୍କୁ ଠିକ ଭାବରେ ଏମଡିଏମ ଖାଦ୍ୟ ମଧ୍ୟ ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କେବଳ ଏତିକି ନୁହେଁ ପ୍ରଧାନ ଶିକ୍ଷୟିତ୍ରୀ କାହା କଥା ବି ଶୁଣିବାକୁ ନାରାଜ। କୌଣସି ବୈଠକରେ ଆଲୋଚନା ହେଲେ ମଧ୍ୟ କୌଣସି ଗୁରୁତ୍ୱ ଦେଉନଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀବତ୍ସ କହଁର ଅଭିଯୋଗ କରିଛନ୍ତି।

ଏହି ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଅସୁସ୍ଥ ଛାତ୍ରୀଙ୍କୁ ସମସ୍ତ ଚିକିତ୍ସା କରାଯାଇଛି। ମୋ ବିରୁଦ୍ଧରେ ଯାହା ଲେଖିବା କଥା ଲେଖ। ଲେଖିଲେ ଭଲ ହେବ ମୁଁ ତୁରନ୍ତ ବିଦ୍ୟାଳୟରୁ ଅନ୍ୟ ବିଦ୍ୟାଳୟକୁ ଯିବି ବୋଲି ଜବାବ ଦେବା ସହ ଅଳ୍ପ ଦିନ ହେବ ଡେପୁଟେସନରେ ଆସିଥିବା ଓ ମେସ ଦାୟିତ୍ୱ ବୁଝୁଥିବା ଶିକ୍ଷକ ଚରଣ ଦିଗାଲଙ୍କ ଉପରେ ସମସ୍ତ ଦୋଷ ଲଦି ନିଜ ଉପରୁ ସମସ୍ତ ଦୋଷ ଛଡାଇ ମୋର କୌଣସି ଦୋଷ ନାହିଁ ବୋଲି କହିଛନ୍ତି ।

### କୁଡୁମୀ ଜାତିକୁ ଏସ୍‌ଟି ମାନ୍ୟତା ଦାବି

## କୁଡୁମୀ ସେନା ପକ୍ଷରୁ କଳା ଦିବସ ପାଳନ




**ବାରିପଦା,୬।୯ (ସଂଚାର ବ୍ୟୁରୋ):** ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ଦିନ କୁଡୁମୀ ଜାତିକୁ ଆଦିବାସୀ (ଏସଟି) ବର୍ଗରୁ ବାଦ୍ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦରେ ପ୍ରତିବର୍ଷ ୬ ସେପ୍ଟେମ୍ବର ଦିନଟିକୁ କୁଡୁମୀ ସେନା କଳା ଦିବସ ଭାବରେ ପାଳନ କରି ଆସୁଛି। ଏହି ଅବସରରେ କୁଡୁମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ଆଜି ରବିବାର ମୟୂରଭଞ୍ଜ ସମେତ ଓଡିଶାରେ ଦସବାସ କରୁଥିବା ୧୦ଟି ଜିଲ୍ଲାରେ ଏହି କଳା ଦିବସ ପାଳନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ଏହି କଳା ଦିବସ ପାଳନ ଉପଲକ୍ଷେ କୁଡୁମୀ ସମ୍ପ୍ରଦାୟର ଲୋକେ କଳା ପତାକା ସହ ବିଭିନ୍ନ ସ୍ଲୋଗାନ ଧରି ସ୍ଥାନୀୟ ମଧୁବନ ପଡିଆଠାରୁ ପାରମ୍ପରିକ ବାଦ୍ୟ ସହ ତାଳେ ତାଳେ ସ୍ଲୋଗାନ ଦେଇ ଶୋଭାଯାତ୍ରା ସହ ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ତତ୍ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ କୁଡୁମୀ ସେନା ପକ୍ଷରୁ ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ ୬୦ ପୃଷ୍ଠା ସମ୍ବଳିତ ଏକ ସ୍ୱାକ୍ଷରପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ପ୍ରଦାନ କରାଯାଇଥିଲା।

ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କଳା ଫିତା ପିନ୍ଧି କୁଡୁମୀ ସେନାର ଏହି ବିଶାଳ ଶୋଭାଯାତ୍ରାରେ କୁଡୁମୀ ସେନାର ଯୁବକ, ମହିଳା, ଛାତ୍ର ଛାତ୍ରୀ, କୁଡୁମୀ ସେନା ର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ ।

## ଚାନ୍ଦୋଳରେ ଜନସାଧାରଣଙ୍କ ଅଜ୍ଞାତରେ ଠିପିଖୋଲା ମଦ ଦୋକାନ ଖୋଲିବାକୁ ମସୁଧା

**ଡେରାବିଶ,୬।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ମୌଜାରେ ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନ ନିମନ୍ତେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୨ ତାରିଖ ଦିନ ଠାରୁ ଜିଲ୍ଲାପାଳଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ଜନସାଧାରଣଙ୍କ ପକ୍ଷରୁ ଯଦି କୌଣସି ଅଭିଯୋଗ ଥାଏ ତେବେ ଚଳିତ ମାସ ୧୬ ତାରିଖ ସୁଦ୍ଧା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇବେ। କିନ୍ତୁ ଏହି ବିଜ୍ଞପ୍ତିରେ ଥିବା ନିୟମକୁ ଅବକାରୀ ବିଭାଗ ପାଳନ କରୁନଥିବା ନେଇ ଅଞ୍ଚଳର କିଛି ବୁଦ୍ଧିଜୀବୀ ଅପତି ଉଠାଇଛନ୍ତି।

ଏହି ବିଜ୍ଞପ୍ତି ଅନୁଯାୟୀ ଅବକାରୀ ବିଭାଗ ପକ୍ଷରୁ ଦୋକାନ ସ୍ଥାପିତ ହେବାକୁ ଥିବା ପ୍ରସ୍ତାବିତ ଅଞ୍ଚଳରେ ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ସହଜ ଦୃଶ୍ୟମାନ ସ୍ଥାନରେ ଏହି ବିଜ୍ଞପ୍ତି ଲଗାଯିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଥିସହିତ ଜନସାଧାରଣଙ୍କ ଅବଗତି ନିମନ୍ତେ ଅଞ୍ଚଳର ବିଭିନ୍ନ ଜନଗହଳି ସ୍ଥାନରେ ଢୋଲ ବଜେଇ କିମ୍ବା ଦରକାର ପଡ଼ିଲେ ବ୍ୟାପକ ପ୍ରଚାର ନିମନ୍ତେ ଯଥାସମ୍ଭବ ଚେଷ୍ଟା କରିବାକୁ ନିର୍ଦ୍ଦେଶ ରହିଛି। ତେବେ ଏହି ନିୟମକୁ ଅନୁସରଣ କରାନଯାଇ ବିଜ୍ଞପ୍ତିଟିକୁ ଅତି ଗୁପ୍ତ ରଖାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଚାନ୍ଦୋଳ ଭଳି ଗ୍ରାମାଞ୍ଚଳରେ ଏଭଳି ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ଅଞ୍ଚଳର ଶାନ୍ତବାତାବରଣକୁ ଅଶାନ୍ତ କରିବା ସହିତ ଗରିବମାନଙ୍କୁ ସର୍ବସ୍ୱାନ୍ତ କରାଇବ ଓ ସାଧାରଣ ପରିବାରରେ ଅନ୍ୟଥା ଅଶାନ୍ତି ସୃଷ୍ଟି କରିବ ବୋଲି ଆପତି ଉଠାଇଛନ୍ତି।

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

## ଶାନ୍ତିଶୃଙ୍ଖଳାରେ ସମାପନ ନେଇ ଆଲୋଚନା



**ଯୋଡ଼ା, ୬।୯ (ସଂଚାର ବ୍ୟୁରୋ):** ଆଗାମୀ ଗଜଲକ୍ଷ୍ମୀ ପୂଜା ଓ ଯୋଡ଼ାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ମେଳାକୁ ସୁଚାରୁ, ଶାନ୍ତିଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ନେଇ ପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ବୈଠକ ଆରମ୍ଭରେ ଲକ୍ଷ୍ମୀପୂଜା ମେଳାର ପ୍ରତିଷ୍ଠାତା ସ୍ୱର୍ଗତ ଦୁଃଶାସନ ସାହୁଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଗତବର୍ଷର ମେଳା ଓ ପୂଜାର ଆୟ-ବ୍ୟୟର ହିସାବ ସମୀକ୍ଷା କରାଯିବା ସହ ଚଳିତବର୍ଷର ପୂଜା, ମେଳା ଓ ଯାତ୍ରା ଆୟୋଜନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଚଳିତବର୍ଷ ମେଳାକୁ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ସହ ମେଳା ସମୟରେ ଭିଡ଼ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ସମସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମାପନ କରିବା ଉପରେ ସଦସ୍ୟମାନେ ମତାମତ ରଖିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ସାହୁ ସମସ୍ତ ସଦସ୍ୟଙ୍କ ମତାମତ ଓ ପରାମର୍ଶ ଲୋଡ଼ିବା ସହ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ପ୍ରସ୍ତୁତି କାର୍ଯ୍ୟକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏନେଇ ବୈଠକରେ ସମସ୍ତଙ୍କ ସହମତି ପ୍ରକାଶ ପାଇଥିଲା।

## ତାଲୁକ ଆଇନ୍ ସେବା ସମିତିର ସଚେତନତା କାର୍ଯ୍ୟକ୍ରମ






**ପଟ୍ଟାମୁଣ୍ଡାଇ, ୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ଏକ ନିଆରା ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ପଟାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ପୌରହିତ୍ୟ କରି ସାମ୍ପ୍ରତିକ ସମୟରେ ଛାତ୍ରୀ ଯୁବତୀ ଓ ମହିଳାଙ୍କ ଉପରେ ଏସିଡ ଆକ୍ରମଣ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏସିଡ ଆକ୍ରମଣର ଶିକାର ହୋଇ ବହୁ ଛାତ୍ରୀ ନିରୀହା ଯୁବତୀ ଓ ମହିଳାମାନେ ବିକଳାଙ୍ଗ ହେବା ଦେଖାଯାଉଛି। ପ୍ରେମଜନିତ ବିଫଳତା ଜମିବାଡ଼ି ବିବାଦ, ବ୍ୟକ୍ତିଗତ କଳହ ଆଦି ବିଭିନ୍ନ ଘଟଣାରେ ପ୍ରତିଶୋଧ ପାଇଁ ଅଡିଡ଼ ଆକ୍ରମଣ ଘଟଣା ଘଟୁଛି । ସରକାର ଏହାର ନିରାକରଣ ପାଇଁ କଠୋର ଆଇନଗତ ବ୍ୟବସ୍ଥା ମଧ୍ୟ ଅଡିଡ଼ ଆକ୍ରମଣ ଘଟଣାକୁ ସଂପୂର୍ଣ୍ଣ ରୋକି ପାରିନାହିଁ।

ତେବେ ଆଇନଗତ ସଚେତନତା ଓ ଆବଶ୍ୟକ ସତର୍କତା ଏସିଡ ଆକ୍ରମଣ ଘଟଣା ରୋକି ପାରିବ ବୋଲି ଅତିରିକ୍ତ ଜିଲ୍ଲା ଜଜ ଶ୍ରୀ ପୃଷ୍ଟି ମତ ପ୍ରକାଶ କରି ଛାତ୍ରୀ, ଯୁବତୀ ଓ ମହିଳାମାନେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ବିଷୟରେ ଠିକଣା ଭାବେ ଯାଞ୍ଚ କରିବାକୁ ପରାମର୍ଶ ଦେଇଥିଲେ । ଏହାଛଡା ଆବଶ୍ୟକ ବିଚାର ପତି ଓ କୋର୍ଟ କର୍ମଚାରୀ ଅଭାବରୁ ବିଭିନ୍ନ ମୋକଦମାର ତ୍ୱରିତ ସମାଧାନ ହୋଇ ନପାରି ଅଶାନ୍ତି ଓ ସାମାଜିକ ବିଶୃଙ୍ଖଳା ଦେଖାଯାଉଛି । ଏହାର ତ୍ୱରିତ ସମାଧାନ ପାଇଁ ଆଇନଗତ ମଧ୍ୟସ୍ଥତାର ଆବଶ୍ୟକତା ରହିଛି । ବିଭିନ୍ନ ମୋକଦମାର ଆଇନ ଗତ ବ୍ୟବସ୍ଥା ବିଷୟରେ ସଚେତନ ହୋଇ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ମଧ୍ୟସ୍ଥତା କରାଗଲେ ବହୁ ଜଟିଳ ମୋକ ଦମା ମଧ୍ୟ ଖୁବଶୀଘ୍ର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ କରି ଅତିରିକ୍ତ ଜିଲ୍ଲା ଜଜ ଶ୍ରୀପୃଷ୍ଟି ଏ ଦିଗରେ ଜନସାଧାରଣ ସଚେତନ ହୋଇ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ ।

## ରୋଟାରୀ କ୍ଲବ୍ ପରିସରରେ ଅନନ୍ୟ ଗୁରୁବନ୍ଦନା ଓ ସମ୍ବର୍ଦ୍ଧନା ସମାରୋହ




**ଖୋର୍ଦ୍ଧା, ୬।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ରୋଟାରୀ କ୍ଲବର ପରିସରରେ ଆଜି ଏକ ପବିତ୍ର ଓ ଭାବବିହ୍ୱଳ ପରିବେଶରେ ଗୁରୁବନ୍ଦନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଦସ୍ୟମାନେ ସେମାନଙ୍କର ଶିକ୍ଷାଗୁରୁ ତଥା ମାର୍ଗଦର୍ଶକ ସର୍ବଶ୍ରୀ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅଧ୍ୟକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ଡକ୍ଟର ସୁବୋଧ ଜଗଦେବ, ପ୍ରଫେସର ସୁକାନ୍ତ ନାଏକ ଓ ମିହିରି ନାଏକଙ୍କ ଭଳି ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ ସଦସ୍ୟମାନେ ସେମାନଙ୍କର ଗୁରୁମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ଏବଂ ସେମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ।

ସଦସ୍ୟମାନେ କହିଥିଲେ ଯେ, ସନ୍ଥ ତୁଳସୀଦାସ ଯେପରି ରାମଭକ୍ତି ମାଧ୍ୟମରେ ଅଜ୍ଞାନକୁ ଦୂରକରି ଜ୍ଞାନ ଓ ଭକ୍ତିର ମାର୍ଗ ଦେଖାଇଥିଲେ, ସେହିପରି ଆମ ଗୁରୁମାନେ ମଧ୍ୟ ଆମ ଜୀବନରୁ ଅଜ୍ଞାନତା ଓ ଅନ୍ଧକାରକୁ ଦୂରକରି ଜ୍ଞାନର ଅକ୍ଷୟ ଆଲୋକ ପ୍ରଜ୍ୱଳିତ କରିଥାନ୍ତି।

ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଏନଏଚ-୫୫ରେ ବସ୍ ଦୁର୍ଘଟଣାଗ୍ରସ୍ତ, ଯାତ୍ରୀ ସୁରକ୍ଷିତ




**ଢେଙ୍କାନାଳ, ୬।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ତେଲକୋଇରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ପୂଜାରିଣୀ ନାମକ ଏକ ଯାତ୍ରୀବାହୀ ବସ ଏନଏଚ-୫୫ରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରାୟ ୫୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ଯାତ୍ରୀବାହୀ ବସଟି ଢେଙ୍କାନାଳ ବାଏ ପାସର ଶକ୍ତି ସୁଗାର ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଦ୍ରୁତ ବେଗ ଯୋଗୁଁ ବସଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଏକ ଖାଲକୁ ପଶିଯାଇଥିଲା। ତେବେ ବସରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଯାତ୍ରୀମାନେ ସମସ୍ତେ ତେଲକୋଇ, କଟକ ଓ ଭୁବନେଶ୍ୱର ଅଂଚଳର ବୋଲି ଜଣାପଡିଛି। ଖବର ପାଇଁ ଟାଉନ ପୁଲିସ ପହଁଚି ଜେସିବି ମାଧ୍ୟମରେ ବସଟିକୁ ଟାଣି ଉଦ୍ଧାର କରିଛି। ତେବେ ଯାତ୍ରୀ ମାନେ ପୁଣି ସେହି ବସରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଜଣାପଡିଛି।

# ଅସ୍ତରଙ୍ଗରେ ସବୁଜ ଲୁଟ୍!

**୩୨ ହେକ୍ଟରରେ କୋଟି କୋଟି ଟଙ୍କା ହଡ଼ପ**

**ଡ୍ରୋନରେ ଢାଙ୍କିଲେ ଦୁର୍ନୀତି**

**ରେଞ୍ଜରଙ୍କୁ ଲୋକଦେଖାଣିଆ ଶୋ-କଜ୍**

**ଅଗଷ୍ଟ ୪ ପରେ ବଡ ଚାରା ପୋତି ସାରି ସର୍ଭେ!**

**ଜଙ୍ଗଲ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସୌମ୍ୟ, ଭିଜିଲାନ୍ସ ଦାବିରେ ଫିଲୁ**



**କାକଟପୁର/ଅସ୍ତରଙ୍ଗ,୬।୯ (ସଂଚାର ବ୍ୟୁରୋ):** ବନ ବିଭାଗ ନୁହେଁ, ଏହା ଏବେ ଲୁଟ୍ ବିଭାଗ! ଦୁର୍ନୀତି ବିଭାଗ! ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ରେ ସବୁଜ ମହାନଦୀ ମିଶନର ୩୨ ହେକ୍ଟର ଝାଉଁ ବନୀକରଣ ଘୋଟାଲାରେ ପୁରୀ ବନଖଣ୍ଡ ଙ୍କ ୩୧ ଅଗଷ୍ଟର ଚିଠି ନଂ ୫୮୬୩ ସବୁ ପରଦା ଫାସ୍ କରି ଦେଇଛି। ନିଜ ଦୁର୍ନୀତିକୁ ନିଜେ ତଦନ୍ତ କରି ନିଜକୁ କ୍ଲିନଚିଟ୍ ଦେବାର ଏକ ଜ୍ୱଳନ୍ତ ଉଦାହରଣ ଏହି ରିପୋର୍ଟ।

ବିଭିନ୍ନ ଗଣମାଧ୍ୟମ ଖବର ପ୍ରକାଶିତ ପରେ ଜନଶୁଣାଣି ରୁଦ୍ରପ୍ରସାଦ ଲେଙ୍କା ଓ ଅମିୟ ରଞ୍ଜନ ବାରିକ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପିସିସିଏଫ ଙ୍କ ନିର୍ଦ୍ଦେଶ କ୍ରମେ ବନଖଣ୍ଡ ଅଧିକାରୀ ବାଧ୍ୟ ହୋଇ ମେମୋ ନଂ ୫୩୧୯/୧୩.୦୮.୨୦୨୬ ରେ ନିଜ ଅଧୀନ ଏସିଏଫ ଏନ୍ଫୋର୍ସମେଣ୍ଟ ଙ୍କୁ ତଦନ୍ତ ଦେଲେ। ଏସିଏଫ ୨୩ ଜଣ ବନ କର୍ମଚାରୀ, ୧ ରେଞ୍ଜ ଅଫିସର, ୩ ଫରେଷ୍ଟର, ୧୧ ଗାର୍ଡ, ୮ ସ୍କ୍ୱାଡକୁ ନେଇ ୨୧ରୁ ୨୩ ଅଗଷ୍ଟ ୩ ଦିନ ସହନ ସଂରକ୍ଷିତ ଅଂଚଳରେ ଡ୍ରୋନ ଉଡାଇଲେ, ଜିପିଏସ ମାପିଲେ, ଜିଓ ଟ୍ୟାଗ ଫଟୋ ଭିଡିଓ କଲେ। ତା ପରେ ରିପୋର୍ଟ ଲେଖିଲେ ୮୦,୦୦୦ ଗାଡରୁ ୬୭,୭୬୧ ଜୀବିତ, ୮୪.୭୦% ବଞ୍ଚିଛି, ସମସ୍ତ ଶ୍ରମିକଙ୍କୁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଦିଆଯାଇଛି।କିନ୍ତୁ ଅଭିଯୋଗ ଥିଲା ଜନ ସାଧାରଣ ଙ୍କର କାମ ନକରି ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଯାଇ କର୍ମଚାରୀ ଆତ୍ମସାଥ କରିଛନ୍ତି।

କିନ୍ତୁ ଏହି ରିପୋର୍ଟର ୪ ପୃଷ୍ଠାର ପ୍ଲଟ ଓ୍ୱାରୀ ତଥ୍ୟ ସବୁ ସତ କହି ଦେଉଛି। ପ୍ଲଟ ୧ରେ ୧୦,୦୬୭ରୁ ୯,୬୧୭ (୯୫.୫୨%), ପ୍ଲଟ ୨ରେ ୧୧,୦୪୦ରୁ ୧୦,୫୬୫ (୯୫.୭୦%), ପ୍ଲଟ ୩ରେ ୬,୬୪୬ରୁ ୬,୩୩୪ (୯୫.୩୦%) ବଞ୍ଚିଥିବା ବେଳେ ପ୍ଲଟ ୭ରେ ୧୧,୨୭୮ରୁ ୭,୫୧୨ (୬୬.୬୦%) ଓ ପ୍ଲଟ ୮ରେ ୯,୧୨୩ରୁ ୫,୫୫୧ (୬୦.୮୫%)। ପ୍ଲଟ ୪ରେ ୮୭.୧୩%, ୫ରେ ୯୦.୪୦%, ୬ରେ ୮୮.୦୮%। ୧୧ ହେକ୍ଟର ୨ରୁ ୬ ଫୁଟ ପାଣିରେ ଜୁନ ଶେଷରୁ ବୁଡିଛି, ସ୍ଥାନୀୟ ଲୋକ ବାଲି ବନ୍ଧ କରିଛନ୍ତି ବୋଲି ହାସ୍ୟାସ୍ପଦ ଯୁକ୍ତି। ଜୁନରେ ବନ୍ୟା ହେଲେ ଅଗଷ୍ଟ ୨୧ରେ ଯାଞ୍ଚ କାହିଁକି? ମଝିରେ ଏହି ୨୦ ଦିନରେ କଣ ହେଲା?

ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ସ୍ଥାନୀୟ ବାସିନ୍ଦା ଫିଲୁ ବେହେରା। ସେ କହିଛନ୍ତି, ଅଭିଯୋଗ ଓ ଖବର ପ୍ରକାଶ ପରେ ଅଗଷ୍ଟ ୪ ପରେ ଦୁର୍ନୀତି ଘୋଡାଇବାକୁ ପୁନର୍ବାର ବଡ ଚାରା ଆଣି ପୋତା ଯାଇଛି। ତା ପରେ ସର୍ଭେ ଟିମ୍ ଡ୍ରୋନ ଉଡାଇଲା। ଏହା କେଉଁ ତଦନ୍ତ? ବନ ବିଭାଗ ନ ଲେଖି ଲୁଟ ବିଭାଗ, ଦୁର୍ନୀତି ବିଭାଗ ଲେଖିବା ଉଚିତ୍। ଭିଜିଲାନ୍ସ ତଦନ୍ତ ହେଲେ ସତ ସାମ୍ନାକୁ ଆସିବ କେଉଁ ଗଛ ୨୦୨୪ରେ ଲାଗିଛି, କେଉଁଟା ଅଗଷ୍ଟ ୪ ପରେ ଲାଗିଛି।

ଏହା ପରେ ଡିଏଫଓ ମେମୋ ନଂ ୫୪୧୮/୩୧.୦୮.୨୦୨୬ ରେ ରେଞ୍ଜ ଅଫିସର ମୋନାଲିସା ମହାପାତ୍ରଙ୍କୁ ଶୋ-କଜ୍ ଦେଇ ୭ ଦିନରେ ଉତ୍ତର ମାଗିଛନ୍ତି। ଏହା କେବଳ ଘଣ୍ଟ ଘୋଡାଇବା ନୋଟିସ୍, ବଡ ଚୋରକୁ ବଞ୍ଚାଇ ଛୋଟକୁ ବଳି କରିବା ଚାଲ୍।

ଏହାକୁ ନେଇ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଛନ୍ତି, ପୁରୀ ଡିଏଫଓ ଓ ଅସ୍ତରଙ୍ଗ ରେଞ୍ଜର ଅନେକ ଘଟଣାରେ ନିଜେ ଏକପାର୍ଶ୍ୱ ତଦନ୍ତ କରି ରିପୋର୍ଟକୁ ନିଜ ପକ୍ଷରେ ନେଉଛନ୍ତି। ସରକାର ଦୁର୍ନୀତି ଖୋର ଅଫିସରଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ସବୁଜ ମହାନଦୀ ପ୍ରକଳ୍ପରେ ବର୍ଷ ତମାମ ଦୁର୍ନୀତି କରି ପ୍ଲାଣ୍ଟେସନ କରି ଘୋଡାଇ ଦିଆଯାଉଛି। ଏଥିରେ ସ୍ପଷ୍ଟ ଭାବେ ଜଙ୍ଗଲ ମନ୍ତ୍ରୀଙ୍କ ହାତ ଅଛି। ସଠିକ ତଦନ୍ତ ନିର୍ଦ୍ଦେଶ ଦେଉ ନାହାନ୍ତି। ତେଣୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ, ନହେଲେ ଆନ୍ଦୋଳନ ହେବ।

## ୧୬ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା




**ଧାମନଗର, ୬।୯ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଧାମନଗର ଛକ ଓଭରବ୍ରିଜ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଓଆର ୦୨ଏ ଏଚ ୩୩୮୮ଏକ କାରରେ ଉଦଳା ଅଞ୍ଚଳର ୩ଜଣ ବ୍ୟକ୍ତି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଧାମନଗର ଛକ ନିକଟରେ ଏକ ପାସେଞ୍ଜର ଅଟୋର ଚାଳକ ବୁଲାଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା କାରଟି ଉକ୍ତ ଅଟୋକୁ ଧକ୍କା ଦେବା ଫଳରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡର ଓ ଷ୍ଟ୍ରିଟ ଲାଇଟ ଖୁଣ୍ଟକୁ କାରଟି ପିଟିଥିଲା। ଫଳରେ ଗାଡିଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯିବା ସହିତ ସେଥିରେ ଥିବା ତିନି ଜଣ ବ୍ୟକ୍ତି ଚାପିହୋଇ ରକ୍ତାକ୍ତ ଅବସ୍ଥାରେ ରହିଯାଇଥିଲେ। ଭଣ୍ଡାରିପୋଖରୀ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାଟି ଲୋକମାନଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଘଟଣାସ୍ଥଳରେ ଧାମନଗର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

SANCHAR
ସଂଚାର ସୋମବାର ୭ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ



# ହାତ ଏବଂ ପାଦରେ ଝିମ୍ ଝିମ୍ ବିପଦପୂର୍ଣ୍ଣ ହୋଇପାରେ

ମଧୁମେହ ରୋଗୀମାନେ ପ୍ରାୟତଃ ଧୀରେ ଧୀରେ ଏକ ସମସ୍ୟା ଅନୁଭବ କରନ୍ତି, କିନ୍ତୁ ପ୍ରାରମ୍ଭରେ ଏହାକୁ ଅଣଦେଖା କରାଯାଏ। ହାତ ଏବଂ ପାଦରେ ଝିମ୍‌ଝିମ୍, ଜଳାପୋଡ଼ା କିମ୍ବା ଝିମ୍‌ଝିମ୍ ଅନୁଭବକୁ ଅନେକ ଅଣଦେଖା କରନ୍ତି, ଏହାକୁ ଥକ୍କାପଣ କିମ୍ବା ବୟସ ବୃଦ୍ଧି ପାଇଁ ଦାୟୀ କରନ୍ତି। ତଥାପି, ଏହା ପ୍ରକୃତରେ ଶରୀରରୁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଏବଂ ଏହାକୁ ଅଣଦେଖା କରିବା ବିପଦଜନକ ହୋଇପାରେ। ଆସନ୍ତୁ ଜାଣିବା ଏହା ବିଷୟରେ ଡାକ୍ତରମାନେ କ'ଣ କୁହନ୍ତି।

ମଧୁମେହର ପ୍ରଭାବ କେବଳ ଶର୍କରା ସ୍ତର ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ସ୍ନାୟୁକୁ ମଧ୍ୟ କ୍ଷତି ପହଞ୍ଚାଏ। ଯେତେବେଳେ ରକ୍ତ ଶର୍କରା ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିକ ରହିଥାଏ, ଏହା ସ୍ନାୟୁଗୁଡ଼ିକୁ ପୁଷ୍ଟିକରତା ଯୋଗାଉଥିବା ଛୋଟ ରକ୍ତବାହୀ ନଳୀଗୁଡ଼ିକୁ ପ୍ରଭାବିତ କରେ। ଏହା ସ୍ନାୟୁଗୁଡ଼ିକୁ ଖରାପ ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ କରେ, ଯାହା ଫଳରେ ଡାଏବେଟିକ୍ ପେରିଫେରାଲ୍ ନ୍ୟୁରୋପାଥି ନାମକ ଏକ ଅବସ୍ଥା ସୃଷ୍ଟି ହୁଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଝିମ୍‌ଝିମ୍ ହେବା, ଜଳିବା, ଶୂନ୍ୟତା କିମ୍ବା ରାତିରେ ହଠାତ୍ ଯନ୍ତ୍ରଣା ଅନ୍ତର୍ଭୁକ୍ତ। ଅନେକ ରୋଗୀ କପା ଉପରେ ଚାଲୁଥିବା କିମ୍ବା ପାଦରେ ତୀକ୍ଷ୍ଣ କଣ୍ଟା ଅନୁଭବ କରୁଥିବା ପରି ଅନୁଭବ କରୁଥିବା ରିପୋର୍ଟ କରନ୍ତି। ଯଦି ଚିକିତ୍ସା ନ କରାଯାଏ, ତେବେ ଏହି ସମସ୍ୟା ଦୁର୍ବଳତା, ସନ୍ତୁଳନ ହରାଇବା ଏବଂ ପାଦରେ ଘା ମଧ୍ୟ ହୋଇପାରେ।

ଭିଟାମିନ୍ ବି୧୨ ଅଭାବ ଯୋଗୁଁ ଏହି ସମସ୍ୟା ଆହୁରି ଜଟିଳ ହୁଏ। ଦୀର୍ଘ ସମୟ ଧରି ମେଟଫର୍ମିନ୍ ଖାଉଥିବା ରୋଗୀମାନେ ବିଶେଷ ଭାବରେ ବି୧୨ ଅଭାବର ଆଶଙ୍କାରେ ଥାଆନ୍ତି। ଏହି ଔଷଧ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, କିନ୍ତୁ ସମୟ ସହିତ, ଏହା ଶରୀରରେ ବି୧୨ ଶୋଷଣକୁ ହ୍ରାସ କରିପାରେ। ସମସ୍ୟା ହେଉଛି ଯେ ଭିଟାମିନ୍ ବି୧୨ ଅଭାବର ଲକ୍ଷଣ, ଯେପରିକି ଝିମ୍ ଝିମ୍, ନାଲିପଡ଼ା, ଦୁର୍ବଳତା ଏବଂ ଥକ୍କା, ଡାଏବେଟିକ୍ ନ୍ୟୁରୋପାଥି ସହିତ ବହୁତ ସମାନ। ତେଣୁ, ପରୀକ୍ଷା ବିନା, ମୂଳ କାରଣ ନିର୍ଣ୍ଣୟ କରିବା କଷ୍ଟକର। କେତେକ ସମୟରେ, ଉଭୟ ସମସ୍ୟା ଏକକାଳୀନ ଦେଖାଦିଏ ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦିଏ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଅବସ୍ଥାରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ଭି ମୋହନ କହିଛନ୍ତି ଯେ ରୋଗୀମାନେ ଯନ୍ତ୍ରଣା ଆହୁରି ବଢ଼ିବାକୁ ଅପେକ୍ଷା କରିବା ଉଚିତ୍ ନୁହେଁ, ବରଂ ପ୍ରଥମ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ରକ୍ତ ଶର୍କରା ନିୟନ୍ତ୍ରଣ ସହିତ ଚିକିତ୍ସା ଆରମ୍ଭ ହୁଏ। ଭିଟାମିନ୍ B12 ପରୀକ୍ଷା କରିବା ଏବଂ ଆବଶ୍ୟକ ହେଲେ ସପ୍ଲିମେଣ୍ଟ ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନେକ କ୍ଷେତ୍ରରେ, ଡାକ୍ତର ଭିଟାମିନ୍ B ଜଟିଳ ଔଷଧ ଲେଖନ୍ତି, ଯାହା ସ୍ନାୟୁକୁ ମଜବୁତ କରିବାରେ ଏବଂ ଲକ୍ଷଣଗୁଡ଼ିକୁ କମ କରିବାରେ ସାହାଯ୍ୟ କରେ।

# ପୋଷକ ତତ୍ତ୍ୱରେ ଭରପୂର ବାସି ରୁଟି

ସୁସ୍ଥ ଶରୀର ପାଇଁ କିଏ ବା ନ ଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଇଥାଏ। ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ସଚେତନ ରହିଥାନ୍ତି। ନିଜ ଖାଇବାକୁ ନେଇ ମଧ୍ୟ କିଛି ଲୋକ ଅଡୁଆରେ ପଡିଥାନ୍ତି। କାରଣ ପ୍ରାୟତଃ ଲୋକ ସଠିକ୍ ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ଜାଣି ନଥାନ୍ତି। ରୁଟି ଭାରତୀୟଙ୍କ ମୁଖ୍ୟ ଖାଦ୍ୟ ବୋଲି କୁହାଯାଏ। ଲଞ୍ଚଠାରୁ ଆରମ୍ଭ କରି ଡିନର ଏବଂ ବ୍ରେକଫାଷ୍ଟରେ ସମସ୍ତେ ପ୍ରାୟତଃ ରୁଟି ଖାଇଥାଆନ୍ତି। ବେଳେବେଳେ ରାତିରେ କିଛି ରୁଟି ବଳିଯାଏ ଯାହାକୁ ବାସି ରୁଟି କୁହାଯାଏ। କିଛି ଲୋକ ବାସି ରୁଟିକୁ ସକାଳ ଜଳଖିଆରେ ସାମିଲ କରୁଥିବାବେଳେ ଆଉ କିଛି ଲୋକ ବାସି ରୁଟି ଖାଇବାକୁ ପସନ୍ଦ କରନଥାନ୍ତି। ଅଧିକାଂଶ ଲୋକେ ଏହି ବାସି ରୁଟିକୁ ପଶୁମାନଙ୍କୁ ଖାଇବା ପାଇଁ ଦେଇଦିଅନ୍ତି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ। ଶରୀର ପାଇଁ ବାସିରୁଟି ହିତକର ହୋଇଥାଏ ବୋଲି ବିବେଚନା କରାଯାଏ। ଯାହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିଦେଇଥାଏ। ଯଦି ଆପଣ ବାସି ରୁଟିକୁ ଫିଙ୍ଗି ଦେଉଛନ୍ତି ତେବେ ଆଦୌ ଫିଙ୍ଗନ୍ତୁ ନାହିଁ। କାହିଁକିନା ଆମେ ଆଜି ଆପଣଙ୍କୁ ଏଭଳି ଲାଭ ସମ୍ପର୍କରେ ଜଣାଇବୁ ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। ତେବେ ବାସି ରୁଟି ଖାଇବାର ଲାଭ ସମ୍ପର୍କରେ ଜାଣନ୍ତୁ।



**ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ:** ତାଜା ରୁଟି ଅପେକ୍ଷା ବାସି ରୁଟି ଖୁବ୍ ହିତକର। ବାସି ରୁଟିରେ ଫାଇବରର ପରିମାଣ ଅଧିକ ରହିଥାଏ। ରାତିସାରା ରଖିବା ଦ୍ୱାରା ଏଥିରେ ପ୍ରତିରୋଧକ ଷ୍ଟାର୍ଚ ବିକଶିତ ହୁଏ, ଯାହା ପେଟର ଭଲ ବ୍ୟାକ୍ଟେରିଆ ଅର୍ଥାତ ପ୍ରିବାୟୋଟିକ୍ସକୁ ପୋଷଣ ଯୋଗାଇଥାଏ। ଏହା ହଜମ ପ୍ରକ୍ରିୟାକୁ ମଜବୁତ କରିବା ସହ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ସକାଳୁ ବାସି ରୁଟି ଖାଇଲେ କବ୍ଜ ଭଳି ସମସ୍ୟାକୁ ଦୂର କରିଥାଏ।

**ଡାଇବେଟିସକୁ ନିୟନ୍ତ୍ରଣ କରେ:** ବାସି ରୁଟିରେ ରେଜିଷ୍ଟେଣ୍ଟ୍ ଷ୍ଟାର୍ଚ ରହିଥାଏ। ଯାହା ରକ୍ତ ଶର୍କରାର ହଠାତ୍ ବୃଦ୍ଧିକୁ ରୋକିଥାଏ। ତେଣୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ ହୋଇଥାଏ।

**ଶରୀରକୁ ଥଣ୍ଡା ରଖେ:** ଆୟୁର୍ବେଦ ଅନୁସାରେ ସକାଳେ ଥଣ୍ଡା କ୍ଷୀର କିମ୍ବା ଦହି ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରର ଉତ୍ତାପ କମିଯାଏ ଏବଂ ଶରୀର ଥଣ୍ଡା ରହିଥାଏ। ଗ୍ରୀଷ୍ମ ଋତୁରେ ଏହା ବିଶେଷ ଭାବରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥିସହ ବାସି ରୁଟି ସହିତ କ୍ଷୀର ଖାଇବା ଦ୍ୱାରା ଶରୀରକୁ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ମିଳିଥାଏ। ଯାହା ଶକ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ପ୍ରତିରୋଧୀ ଷ୍ଟାର୍ଚ ଏବଂ ଫାଇବର କାରଣରୁ, ବାସି ରୁଟି ଖାଇବା ଦ୍ୱାରା ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରିପାରନ୍ତି। ଯାହା ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

# ଅତ୍ୟଧିକ ମୋଟା ହେଉଛନ୍ତି କି ?





ଗାଁ ଗହଳିରେ ବିଭିନ୍ନ ଖାଦ୍ୟ ମାନଙ୍କ ମଧ୍ୟରୁ ମାଣ୍ଡିଆ ଅନ୍ୟତମ। ପୂର୍ବରୁ କେବଳ ଗାଁ ଗହଳିରେ ଏହାକୁ ଜଳଖିଆ ଭାବେ ଖାଉଥିଲେ। ଆଜିକାଲି ମାଣ୍ଡିଆର ଚାହିଦା ବୃଦ୍ଧି ପାଇଛି। ବର୍ତ୍ତମାନ୍ ଏହା ସହରୀ ଜୀବନରେ ମଧ୍ୟ ଖୁବ୍ ପ୍ରଭାବପକାଉଛି। ରୁଟି ଅପେକ୍ଷା ମାଣ୍ଡିଆ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକର ହୋଇଥାଏ। ଏବେ ମାଣ୍ଡିଆରେ ଅନେକ ପ୍ରକାର ଡ଼ିସ ବନାଇ ଖାଇବାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ଫିଟନେସକୁ ଭଲପାଉଥିବା ଲୋକେ ମାଣ୍ଡିଆ ଖାଇବାକୁ ଭଲପାଇଥାନ୍ତି। ଏହା ସେମାନଙ୍କ ପାଇଁ ସୁପରଫୁଡ। ଅନେକ ଲୋକଙ୍କ କହିବାନୁଯାୟୀ, ରାତିରେ ଶୋଇବା ପୂର୍ବରୁ ମାଣ୍ଡିଆ ସହିତ କ୍ଷୀର ମିଶାଇ ଖାଇବା ସ୍ୱାସ୍ଥ୍ୟ ପ୍ରତି ଫାଇଦାଯୁକ୍ତ। ଏହି ଦୁଇଟି ଜିନିଷ ମିଶାଇ ପିଇବା ଦ୍ୱାରା ଅନେକ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ରହିଛି ଏକାଧିକ ଭିଟାମିନ୍ ରହିଛି। ଯାହା ଆମ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ମାଣ୍ଡିଆରେ ଭିଟାମିନ- ବି, ସି, କେ, ଇ, ପ୍ରୋଟିନ, ଆଇରନ୍, କ୍ୟାଲସିୟମ ଆଦି ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଅନେକ ରୋଗରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ମାଣ୍ଡିଆ ଶରୀରର ଅଧିକ ଚର୍ବି କୁ କମ୍ କରିଥାଏ। ଏଥିରେ ଫାଇବର ରହିଥିବା କାରଣରୁ ଦୀର୍ଘ ସମୟ ଧରି ଭୋକ ଲାଗିନଥାଏ। ମାଣ୍ଡିଆ ଓଜନ ହ୍ରାସ କରିବା ପାଇଁ ଗୋଟିଏ ଭଲ ଉପାୟ। ମାଣ୍ଡିଆ ରେ କ୍ୟାଲସିୟମ ଅଧିକ ରହିଥିବା କାରଣରୁ ଏହା ହାଡ ଜନିତ ସମସ୍ୟା କୁ ଦୁର କରିଥାଏ। ଯଦି ଆପଣ ୧୦୦ଗ୍ରାମ ମାଣ୍ଡିଆ ଖାଇବେ ତେବେ ସେଥିରେ ୩୪୪ ମିଲିଗ୍ରମ୍ କ୍ୟାଲସିୟମ ରହିଛି। ହାଡକୁ ମଜବୁତ୍ କରୁଥିବା କାରଣରୁ ଆଣ୍ଠୁ ଗଣ୍ଠି ସମସ୍ୟା ମଧ୍ୟ ଦୁର ହୋଇଥାଏ। ମାଣ୍ଡିଆ ରେ କୋଲେଷ୍ଟ୍ରାଲ ଓ ସୋଡ଼ିୟମ କମ ରହିଥିବା କାରଣରୁ ହୃତପିଣ୍ଡ ପାଇଁ ସୁରକ୍ଷିତ। ଏଥିରେ ଆଇରନ , ମଗ୍ନେଶିୟମ ଓ ଫାଇବର ଅଧିକ ରହିଥିବା କାରଣରୁ ହୃତପିଣ୍ଡ ସୁସ୍ଥ ରଖେ ଓ ରକ୍ତଚାପ ନିୟନ୍ତ୍ରିତ କରେ। ଯଦି ଆପଣ ଜଣେ ମଧୁମେହ ରୋଗୀ ତେବେ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଖାଇବା ଉଚିତ୍। ଚାଉଳ ଓ ଅଟା ତୁଳନାରେ ଅଧିକ ଫାଇବର ରହିଛି। ମାଣ୍ଡିଆ ର ଗ୍ଲାଇ ସେମିକ୍ ଇଣ୍ଡେକ୍ସ ଖୁବ୍ କମ ଥାଏ। ମାଣ୍ଡିଆ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିଥାଏ।



# ପିଲାଙ୍କ ବ୍ରେନ୍ ପାୱାର ବଢ଼ାଏ ପାଳଙ୍ଗ ଶାଗ

କୁହାଯାଏ ପ୍ରତ୍ୟେକ ଦିନ ଶାଗ ଖାଇବା ଭଲ। ସେଥିପାଇଁ ଅନେକ ଲୋକଙ୍କ ଘରେ ପ୍ରତି ଦିନ ଶାଗର କିଛି ଡିସ ତିଆରି କରାଯାଏ। ଶୀତ ଦିନେ ମାର୍କେଟରେ ପ୍ରଚୁର ପରିମାଣରେ ପାଳଙ୍ଗ ଶାଗ ମିଳେ। କିନ୍ତୁ ଏବେ ବର୍ଷସାରା ପାଳଙ୍ଗ ଶାଗ ମାର୍କେଟରେ ମିଳୁଛି। ଯାହାକୁ ଆପଣ ତରକାରୀ ଭଜା କରି ଖାଇପାରିବେ। ନଚେତ ସୁପ୍ ଓ ଜୁସ୍ ତିଆରି କରି ପିଇପାରିବେ। ତା'ହେଲେ ଆସନ୍ତୁ ଜାଣିବା ପାଳଙ୍ଗ ଶାଗ ଖାଇଲେ କ'ଣ ସବୁ ଉପକାର ମିଳିଥାଏ ଶରୀରକୁ। ମୁହଁରେ ହେଉଥିବା ବ୍ରଣ ଓ ତ୍ୱଚା ସମ୍ବନ୍ଧୀୟ ରୋଗକୁ ଭଲ କରିଥାଏ ପାଳଙ୍ଗ ଶାଗ। ଏଥିରେ ଥିବା ଆଇରନ୍, ଭିଟାମିନ୍ ଏ, ଫୋଲେଟ୍, ଭିଟାମିନ୍ ଇ, ମ୍ୟାଗ୍ନେସିୟମ୍, ଫାଇବର୍ ଓ ପ୍ରୋଟିନ୍ ତ୍ୱଚା ପାଇଁ ବେଶ୍ ଦରକାରୀ ଓ ଲାଭକାରୀ। ଏହି ସମସ୍ତ ତତ୍ତ୍ୱ ଆପଣଙ୍କ ତ୍ୱଚାକୁ ସୁସ୍ଥ ରଖିବା ସହିତ ହାନିକାରକ ବ୍ୟାକ୍ଟେରିଆ ଠାରୁ ତ୍ୱଚାକୁ ରକ୍ଷା କରିଥାଏ। ଫଳରେ ତ୍ୱଚାରେ ଚମକ ଆସିଥାଏ। ଆଉ ଚେହେରାରେ ଗ୍ଲୋ ବଢ଼ିଥାଏ। ପ୍ରତିଦିନ ପାଳଙ୍ଗ ଶାଗ ଖାଇବା ଦ୍ୱାରା ଆପଣଙ୍କ ତ୍ୱଚା ନରମ ହୋଇଥାଏ। ଶରୀରରେ ହେଉଥିବା ଜଳାପୋଡ଼ା ଓ ଯନ୍ତ୍ରଣାକୁ କମ କରିବାରେ ସାହାଯ୍ୟ କରେ ପାଳଙ୍ଗ। କାରଣ ପାଳଙ୍ଗରେ ପ୍ରଚୁର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଇରନ୍ ରହିଛି। ଏହା ଅଷ୍ଟିଓଆର୍ଥରାଇଟିସ୍ ରୋଗକୁ କମ୍ କରିଥାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ ପାଳଙ୍ଗରେ ଥିବା ଆଇରନ୍ ଓ ମ୍ୟାଗ୍ନେସିୟମ୍ ଷ୍ଟ୍ରେସ୍ ଦୂର କରିବାରେ ସାହାଯ୍ୟ କରେ। ପାଳଙ୍ଗ ଶାଗ ଖାଇଲେ ଛୋଟ ପିଲାଙ୍କର ବୁଦ୍ଧି ତୀକ୍ଷ୍ଣ ହେବା ସହିତ ସ୍ମରଣ ଶକ୍ତି ବଢ଼େ। ପାଳଙ୍ଗରେ ଫାଇବର୍ ରହିଥାଏ। ଯାହାକି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ। ଏହି ସବୁ କାରଣରୁ ଆପଣ ବି ପ୍ରତ୍ୟେକ ଦିନ ପାଳଙ୍ଗ ଶାଗ ନିଜ ଡାଏଟରେ ସାମିଲ କରନ୍ତୁ।

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍



ସୋନୁ, ତାକ ନାଁ କିନ୍ତୁ ସୁନା। ପିଲାଟି କଟକ ସିଡ଼ିଏର ଏକ ନାମଜାଦା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା। ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ। ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇଥିଲେବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ! ତା ବାପାମାଆ, ମିନୁ ପଟ୍ଟନାୟକ ନାମକ ଜଣେ ଭଲ ପ୍ରଶିକ୍ଷିତା ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି। ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ର ମାନଙ୍କୁ। ଶିକ୍ଷାବିତ୍ ଜଣକ ଅକ୍ଲାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି।

ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ। ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ। ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି। କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ। କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା। ଘରେ ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈକ୍ଷିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା। ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ, ବଂଶଗତ ଦୋଷ, ବାପା-ମାଆଙ୍କ ସ୍ନେହ ଶ୍ରଦ୍ଧାର ଅଭାବର ତଥା ଅନ୍ୟାନ୍ୟ କାରଣରୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଏହା ଆରୋଗ୍ୟସାଧ୍ୟ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏଥିରେ ଆକ୍ରାନ୍ତ ଶିଶୁମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ସୁବିଧାସୁଯୋଗ ଦିଆଯିବା ତ ଦୂରର କଥା, କେନ୍ଦ୍ର ସରକାର ଏମାନଙ୍କୁ ଭିନ୍ନକ୍ଷମ ଘୋଷଣା କରିଥିଲେ ମଧ୍ୟ ପ୍ରମାଣପତ୍ର ଖଣ୍ଡେ ପାଇବାକୁ ସରକାରୀସ୍ତରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ସରକାର କୌଣସି ବ୍ୟବସ୍ଥା କରୁ ନଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।

ଏଥିରେ ଆକ୍ରାନ୍ତ ଶିକାର ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ରାଜ୍ୟରେ ସେପରି ଆଖିଦୃଶିଆ ଅନୁଷ୍ଠାନ ନାହିଁ। ଉଚିତ ସମୟରେ ସଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ୍ୟ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ବ୍ୟକ୍ତିଗତ ଜୀବନରେ ଜଣେ ସ୍ପିଚ ଥେରାପିଷ୍ଟ ହିସାବରେ ଏବଂ ଜଣେ ସାମାଜିକ କର୍ମୀ ହିସାବରେ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ମୁଁ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛି। ଦେଖିଛି ସେମାନେ ଆମ୍ଭମାନଙ୍କଠାରୁ ଟିକିଏ ମମତା ଆଉ ଭଲପାଇବା ପାଇଁ ଭାରି ବ୍ୟାକୁଳିତ।

ପ୍ରତିବର୍ଷ ଅପ୍ରେଲ ୨କୁ ବିଶ୍ୱ ଅଟିଜିମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ଇଣ୍ଡିଆନ ଜର୍ଣ୍ଣାଲ ଅଫ ପେଡ଼ିଆଟ୍ରିକ୍ସ ଅନୁଯାୟୀ ଭାରତରେ ପ୍ରାୟ ୩ ପ୍ରତିଶତ ଲୋକ ଏହି ମସ୍ତିଷ୍କ ବିକୃତିର ଶିକାର ହୋଇଛନ୍ତି। ଏହାଛଡ଼ା ପୁଅମାନେ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ପୁଅ ଓ ଝିଅଙ୍କ ଅନୁପାତ ହେଉଛି ୩:୧। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ଼କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜାଯାଇଥାଏ। ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରନ୍ତୁ ନାହିଁ। ଏପରି କ୍ଷେତ୍ରରେ ବାକଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ବଞ୍ଚାଇବାର ମହକ ବାଣ୍ଟି ଦିଅନ୍ତୁ। ଦେଖିବେ ସବୁକିଛି ଠିକ୍ ହୋଇଯିବ। ଭଗବାନଙ୍କ ବରଦାନ ତ ଏହି ନିଷ୍କପଟ ଶିଶୁ। ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ। ନିଶ୍ଚିନ୍ତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋବାଇଲ୍: ୯୪୩୮୨୭୬୭୬୦

### ବଡ଼ ଅଘଟଣକୁ ଅପେକ୍ଷା କରିଛି କି ପ୍ରଶାସନ

# ମରଣଯନ୍ତା ପାଲଟିଛି ତାମୁଳିଆ ବ୍ରିଜ୍



ବାଲେଶ୍ୱର,୬।୯ (ସଂଚାର ବ୍ୟୁରୋ): ମରଣଯନ୍ତା ପାଲଟିଛି ବାଲେଶ୍ୱର ସହରର ପ୍ରବେଶ ଦ୍ୱାର ତାମୁଳିଆ ଓଭରବ୍ରିଜ୍। ଓଭରବ୍ରିଜ୍ ଏବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ବର୍ଷାରେ ସ୍ଥିତି ଆହୁରି ସଙ୍ଗିନ ହୋଇଛି। ପ୍ରତିଦିନ ଘଟୁଛି ଦୁର୍ଘଟଣା। ଜିଲ୍ଲାପାଳ ଓ ବିଧାୟକ ତୁରନ୍ତ କାମ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଅନ୍ୟପଟେ ବ୍ରିଜ୍ ଚଢ଼ିଲେ ଡର ଲାଗୁଥିବା ଲୋକେ କହିଛନ୍ତି। ତାମୁଳିଆ ଓଭରବ୍ରିଜ୍ ଚିନ୍ତା ବଢ଼ାଉଥିବା ବେଳେ ଶୋଇପଡ଼ିଛି ପୂର୍ତ୍ତ ବିଭାଗ। ବୋଧହୁଏ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛି ପ୍ରଶାସନ। ବାଲେଶ୍ୱର ସହରକୁ ଆସିବାକୁ ହେଲେ ତାମୁଳିଆ ରେଳ ଫାଟକ ପ୍ରତିବନ୍ଧକ ହେଉଥିଲା। ବାରମ୍ବାର ଦାବି ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨୦୧୪ ଫେବ୍ରୁଆରି ୧୧ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୦୧୮ ମସିହାରେ ଏହାର ଉଦ୍‌ଘାଟନ ହୋଇଥିଲା। ତେବେ ଭୁଲ ଡିଜାଇନ୍ ପାଇଁ ପୋଲ ହେବା ପରଠାରୁ ଯାତାୟାତରେ ସମସ୍ୟା ଦେଖାଦେଲା। ଓସାର ଅଧିକ ନଥିବାରୁ ଦୁଇଟି ବଡ଼ ଗାଡ଼ି ଏକ ସଙ୍ଗରେ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଏହାଛଡ଼ା ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବାରମ୍ବାର ରାସ୍ତା ନଷ୍ଟ ହୋଇ ଖାଲଖମାରେ ପରିଣତ ହେଲାଣି। ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ପୂର୍ତ୍ତ ବିଭାଗ ସ୍ଥାୟୀ ସମାଧାନ ନ କରି ପ୍ୟାଚ୍ ପକେଇ ଦେଉଥିବାରୁ ଦିନେ ଦୁଇଦିନ ଭିତରେ ତାହା ନଷ୍ଟ ହେଇଯାଉଛି। ବାରମ୍ବାର ଦାବି, ଧାରଣା, ପ୍ରତିବାଦ ମଧ୍ୟ ହେଲାଣି। ହେଲେ ଫଳ ଶୂନ। ଅପରପକ୍ଷରେ ରେମୁଣା ବିଧାୟକଙ୍କ କହିବା କଥା ଟେଣ୍ଡର ହେଇ ସାରିଛି, ଖୁବ୍‌ଶୀଘ୍ର କାମ ହେବ। ବୋଲି କହୁଛନ୍ତି। କାମ ହେବ ହେବ ଶୁଣି ସହରବାସୀ ନିରାଶ ହେଲେଣି।

### ଏନ୍‌ଏସି ମାନ୍ୟତା ଦାବିରେ ଷଷ୍ଠ ଦିନ

## ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଂଗଠନ ସମର୍ଥନ




ସଇଁତଲା,୬।୯ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲା ସଇଁତଲାକୁ ଏନ୍‌ଏସି ମାନ୍ୟତା ଦାବିରେ ଚାଲିଥିବା ଗଣଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ଦୀର୍ଘ ତିନି ଦଶନ୍ଧି ଧରି ଏହି ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ଦାବି ପୂରଣ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଏହି ଗଣଧାରଣା ଆରମ୍ଭ ହୋଇଛି। ଗଣଧାରଣାର ଷଷ୍ଠ ଦିନରେ ରାଷ୍ଟ୍ରୀୟ ହିନ୍ଦୁପରିଷଦ ଓଡିଶା ସଂଗଠନ ର ବଲାଙ୍ଗୀର ଜିଲ୍ଲା କାର୍ଯ୍ୟକର୍ତ୍ତା ସମର୍ଥ କରିଥିବା ବେଳେ ସେହିପରି ବଲାଙ୍ଗୀର ଜିଲ୍ଲା ର ଦଶ ୧୦ ଗୋଟି ସଂଗଠନ, ବିଙ୍ଗହ୍ୟୁମାନ ଫାଉଣ୍ଡେସନ, ଫ୍ରେଣ୍ଡ କ୍ଲବ, ସ୍ୱେଚ୍ଛାସେବୀ ସଂଗଠନ, କର୍ତ୍ତବ୍ୟ ଫାଉଣ୍ଡେସନ, ସ୍ମାଇଲ ଫର ଅଲ, ସମଲେଶ୍ୱରୀ ଆରତୀ କମିଟି, ସଚେତନ ନାଗରିକ କମିଟି, ମା ମେଟାକାନି ମନ୍ଦିର କମିଟି, ବଜରଙ୍ଗ ବଳି ମାର୍କେଟ କମିଟି ର ସଭାପତି, ସମ୍ପାଦକ ସାମିଲ ହୋଇ ସମର୍ଥନ ଜଣାଇ ଆନ୍ଦୋଳନକାରୀଙ୍କ ସହ ଦାବି ଉପରେ ଆଲୋଚନା କରିଥିଲେ। ପ୍ରକାଶ ଯେ ପୂର୍ବ ସରକାରଙ୍କ ସମୟରେ ସଇଁତଲାକୁ ଏନ୍‌ଏସି ମାନ୍ୟତା ଦେବା ନେଇ ପ୍ରସ୍ତାବ ହୋଇଥିବା ଶହ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ସରକାର ପରିବର୍ତ୍ତନ ପରେ ସଇଁତଲାକୁ ଏନ୍‌ଏସି ଘୋଷଣା କୁ ବାଦ ଦିଆଯାଇଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ୧୯୯୨ ମସିହାଠାରୁ ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଆସୁଛି। ପୂର୍ବ ସରକାରଙ୍କ ସମୟରେ ସଇଁତଲାକୁ ଏନ୍‌ଏସି ମାନ୍ୟତା ଦେବା ନେଇ ଘୋଷଣା ହୋଇଥିବା ଦାବିକାରୀମାନେ କହିଛନ୍ତି। ତେବେ ପରବର୍ତ୍ତୀ ସମୟରେ ସରକାର ପରିବର୍ତ୍ତନ ପରେ ଏନ୍‌ଏସି ଘୋଷଣା ତାଲିକାରୁ ସଇଁତଲାକୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି।

## ବୁଲେଟ୍ ଚୋରି ଅଭିଯୋଗରେ ଯୁବକ ଗିରଫ



ବାଲିପାଟଣା,୬।୯ (ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅଧୀନ ମୁଣ୍ଡହଣାପାଟଣା ଗ୍ରାମରେ ମୋଟରସାଇକେଲ୍/ବୁଲେଟ୍ ଚୋରି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ମୁଣ୍ଡହଣାପାଟଣା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୁଅ ରଙ୍କେଶ୍ କୁମାର ଦାସ (୨୪)। ପୁଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୪ ତାରିଖ ରାତି ପ୍ରାୟ ୧ଟାରୁ ୨ଟା ମଧ୍ୟରେ ମୁଣ୍ଡହଣା ପାଟଣା ଗ୍ରାମର ସିସିର କୁମାର ସାହୁଙ୍କ ଘର ନିକଟରେ ରଖାଯାଇଥିବା ଓଡ଼ ୦୨ ଉଉ ୩୯୯୨ ନମ୍ବର ବିଶିଷ୍ଟ ବୁଲେଟ୍/ ମୋଟରସାଇକେଲ୍ ଚୋରି ହୋଇଥିଲା। ଏନେଇ ସିସିର କୁମାର ସାହୁ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ରଙ୍କେଶ୍ କୁମାର ଦାସଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ହୋଇଥିବା ମୋଟରସାଇକେଲ/ବୁଲେଟ୍ ଜବତ କରାଯାଇଛି।

### ଧରପଗଡ଼ ବନ୍ଧରେ ଗାଧୋଇବାକୁ ଯାଇ ଯୁବକ ନିଖୋଜ

## ଦୀର୍ଘ ସମୟ ଖୋଜାଖୋଜି ପରେ ବି ମିଳିଲାନି ସନ୍ଧାନ



ସଇଁତଲା,୬।୯ (ସଂଚାର ବ୍ୟୁରୋ): ବନ୍ଧରେ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଥିବା ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଓ ଚିନ୍ତା ପ୍ରକାଶ ପାଉଛି। ନିଖୋଜ ବ୍ୟକ୍ତି ଜଣକ ହେଲେ ଧରପଗଡ଼ ଗ୍ରାମର ଗଣନାଥ ଛତ୍ରିଆ (୫୭)। ସୂଚନା ଅନୁଯାୟୀ, ଗଣନାଥ ଶୁକ୍ରବାର ପ୍ରାୟ ସକାଳ ୧୧ଟା ୩୦ ମିନିଟ ସମୟରେ ଧରପଗଡ଼ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ବନ୍ଧ ନିକଟରେ ଥିବା କେତେକ ଲୁଗା ତାଙ୍କୁ ଗାଧୋଇବାର ଦେଖିଥିବା ଜଣାପଡ଼ିଛି। ତେବେ ଗାଧୋଇବାକୁ ଯିବାର ଦୀର୍ଘ ସମୟ ପରେ ମଧ୍ୟ ସେ ଘରକୁ ଫେରି ନଥିଲେ। ଗଣନାଥ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପ୍ରଥମେ ନିଜ ସ୍ତରରେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ତାଙ୍କର କୌଣସି ସନ୍ଧାନ ନମିଳିବାରୁ ଶେଷରେ ସ୍ଥାନୀୟ ପୋଲିସକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ଖବର ପାଇବା ପରେ ସଇଁତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବନ୍ଧରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ବନ୍ଧର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ଅଗ୍ନିଶମ ବାହିନୀ ଗଣନାଥଙ୍କର କୌଣସି ସନ୍ଧାନ ପାଇପାରି ନଥିଲେ। ଏହି ଘଟଣା ପରେ ପରିବାର ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ଗଣନାଥଙ୍କ ନିଖୋଜ ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି। ତେବେ ଗଣନାଥ ବନ୍ଧରେ ଗାଧୋଇବା ସମୟରେ ନିଖୋଜ ହୋଇଛନ୍ତି ନା ସେ କୌଣସି ଅନ୍ୟ କାରଣରୁ ନିଖୋଜ ହୋଇଛନ୍ତି, ସେନେଇ ଏବେ ସ୍ପଷ୍ଟ ସୂଚନା ମିଳିନାହିଁ। ତାଙ୍କ ସନ୍ଧାନ ମିଳିବା ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ନୂଆଁଖାଇ ପାଇଁ ନିର୍ଦ୍ଧାରିତ ହେଲା ଶୁଭ ଲଗ୍ନ



ସୁବର୍ଣ୍ଣପୁର,୬।୯ (ସଂଚାର ବ୍ୟୁରୋ): ଭାଦ୍ରବ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ହେବ। ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଜନ୍ମାଷ୍ଟମୀ ପରଦିନ ପବିତ୍ର ନନ୍ଦୋତ୍ସବ ଅବସରରେ ସହରସ୍ଥିତ ବଡ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପ ଠାରେ ରେ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କଠାରୁ ଆଜ୍ଞାମାଳପ୍ରାପ୍ତ ହୋଇ ମହାସଭାରେ ଶୁଭ ଲଗ୍ନ ନିର୍ଦ୍ଧାରିତ ହୋଇଛି। ପଣ୍ଡିତ ମହାସଭାରେ ସ୍ଥିର ହୋଇଥିବା ଲଗ୍ନ ଅନୁଯାୟୀ ଆସନ୍ତା ୧୫ ତାରିଖ (ମଙ୍ଗଳବାର) ଦିନ ପୂର୍ବାହ୍ନ ୯ଟା ୫୦ରୁ ୧୦ଟା ୧୪ ମିନିଟ୍ ମଧ୍ୟରେ ଅନ୍ତନ ନବାନ୍ନ ଭୋଗ ଇଷ୍ଟଦେବୀ ମା' ସୁରେଶ୍ୱରୀ, ଗୃହ ଦେବଦେବୀଙ୍କୁ ଅର୍ପଣ କରାଯିବ। ସୋନପୁର ଗଡ଼ଜାତ ଅଞ୍ଚଳବାସୀ ଓ ଜିଲ୍ଲାର ପଞ୍ଚଶ ଅଞ୍ଚଳବାସୀ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବେ ସେହିପରି ସକାଳ ୮ଟା ୪୦ରୁ ୯ଟା ମଧ୍ୟରେ ମା' ସମଲେଇ ମନ୍ଦିରଠାରୁ ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ, ଅଷ୍ଟଶମ୍ଭୁ ଓ ହନୁମାନଙ୍କୁ ନବାନ୍ନ ଭୋଗର ପାହୁର ମାତ୍ର ବାହାରିବ ସୁରେଶ୍ୱରୀ ମନ୍ଦିର ପହଞ୍ଚି। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇ ବୈଠକରେ ଜ୍ୟୋତିର୍ବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର, ମହେଶ ପୂଜାହାରୀ, ରାମ ପୂଜାରୀ, ଅଦ୍ୱୈତ ପୂଜାହାରୀ, ବୈକୁଣ୍ଠନାଥ ଶତପଥୀ, ସୁରେନ୍ଦ୍ର ପଣ୍ଡା, ଶାଶାଶେଖର ସିଂହଦେଓ, ଷଷ୍ଠି ବଡନାୟିକ, ଗୌରାଙ୍ଗଧର ତାମସି ତାମସିତା ନାୟକ, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ଶ୍ରୀବତ୍ସ ମଲ୍ଲିକ, ପୂର୍ବତନ ନଗରପାଳ ପ୍ରକାଶ ସାହୁ, ତ୍ରିଲୋଚନ ତରିଆ, ଶେଷଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାଦାନରେ ଗୁରୁଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ



କର୍ଲାମୁଣ୍ଡା,୬।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ମନୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାନ ଦାର୍ଶନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୀବନୀ, ଆଦର୍ଶ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ, ରୋହିତ କୁମାର ରଣା ଓ ସୁଦର୍ଶନ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକମାନଙ୍କ ଅବଦାନ ଓ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ ଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀ, ଛାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାହାଡ଼ ଉପରୁ ଗଳିତ ଝୁଲନ୍ତା ମୃତଦେହ ଠାବ

ଫୁଲବାଣୀ, ୬।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ୧୧ ନଂ ୱାର୍ଡର ଗଲିଆଡଙ୍ଗର ପାହାଡ଼ ଉପର ଜଙ୍ଗଲରୁ ଝୁଲନ୍ତା ମୃତଦେହ ରବିବାର ଠାବ କରିଛି ବାଲିଗୁଡ଼ା ପୋଲିସ । ଘଟଣା ରୁ ପ୍ରକାଶ ଯେ, ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବାଲିଗୁଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୋଟିଏ ଗଛ ଉପରୁ ଅଜଣା ଗଳିତ ଝୁଲନ୍ତା ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି। ହେଲେ ଏ ପର୍ଯ୍ୟନ୍ତ ମୃତ ଶରୀର କୌଣସି ପରିଚୟ ମିଳି ପାରି ନଥିବା ବେଳେ ବାଲିଗୁଡ଼ା ଥାନା ପୋଲିସ ପକ୍ଷରୁ କେଶ ନଂ.୨୭/ ୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କିଭଳି କେଉଁ ପରିସ୍ଥିତିରେ ଘଟଣା ଘଟିଛି ସେ ନେଇ ଅଧିକ ତଦନ୍ତ କରୁଥିବା ବିଷୟ ପୋଲିସ ପ୍ରକାଶ କରିଛି ।

## ବରଗଡ଼ରେ ନୂଆଖାଇ ଲଗ୍ନ ଧାର୍ଯ୍ୟ



ବରଗଡ଼,୬।୯ (ସଂଚାର ବ୍ୟୁରୋ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମଦେବୀ ସମଲେଶ୍ୱରୀଙ୍କ ପୀଠରେ ରବିବାର ନୂଆଖାଇ ଲଗ୍ନ ନିରୂପଣ କରାଯାଇଛି। ବିଧି ଓ ପରମ୍ପରା ଅନୁଯାୟୀ ଆସନ୍ତା ୧୪ ତାରିଖ ନିଶାର୍ଦ୍ଧ ପରେ ଅର୍ଥାତ୍ ୧୫ ତାରିଖ ମଙ୍ଗଳବାର ପାହାନ୍ତିଆ ହେବା ପୂର୍ବରୁ ଏକ ଶୁନ୍ଶାନ ସମୟରେ ନୂଆକ୍ଷେତରେ ନବାନ୍ନ ଭୋଗ ପ୍ରସ୍ତୁତ କରି ନବାନ୍ନ ଅର୍ପଣ କରାଯିବ। ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ଋଷି ପଞ୍ଚମୀ ତଥା ଆସନ୍ତା ୧୫ ତାରିଖ ମଙ୍ଗଳବାର ସିଂହେ ୩ଠ ଦିନ ସ୍ୱାତୀ ନକ୍ଷତ୍ର ତୁଳ ଚନ୍ଦ୍ର ଧ୍ରୁବ ଲଗ୍ନେ କ୍ରିୟାଯୋଗେ ଅମୃତବେଳାରେ ପୂର୍ବାହ୍ନ ୯ଟା ୩୩ ମିନିଟ୍ ଗତେ ୯ଟା ୪୬ମିନିଟ ମଧ୍ୟେ ସର୍ବସାଧାରଣ ନିଜର ଇଷ୍ଟ ଦେବାଦେବୀଙ୍କୁ ପ୍ରଥମେ ନବାନ୍ନ ଅର୍ପଣ ପୂର୍ବକ ନିଜେ ନବାନ୍ନ ଭକ୍ଷଣ କରି ପାରିବେ। ସମଲେଶ୍ୱରୀଙ୍କ ଚରଣାଶ୍ରିତ ପଣ୍ଡିତ ଚୂଡ଼ାମଣୀ ରଥ, ପଣ୍ଡିତ ବିଗ୍ରାଜ ଦାଶ, ପଣ୍ଡିତ ଆୟୁଷ୍ମାନ ଷଡଙ୍ଗୀ, ପଣ୍ଡିତ ସ୍ୱାମୀଶ୍ରୁ ଦାଶ ପ୍ରମୁଖ ନବାନ୍ନ ଲଗ୍ନ ନିରୂପଣ କରିଥିବାବେଳେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ଓ ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

## ପୋଡ଼ାପଦର ବିଦ୍ୟାଳୟରେ ସାଇବର ସଚେତନତା



ଛତ୍ରପୁର,୬।୯ (ସଂଚାର ବ୍ୟୁରୋ): ଡିଜିଟାଲ ଯୁଗରେ ଛୋଟ ପିଲାମାନେ ମଧ୍ୟ ମୋବାଇଲ ଓ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ସାଇବର ସୁରକ୍ଷା ସମ୍ପର୍କରେ ସେମାନଙ୍କୁ ସଚେତନ କରିବା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପୋଡ଼ାପଦରସ୍ଥିତ ସରକାରୀ ନନ୍ଦୁଡି ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ସାଇବର ଥାନା ଅଧିକାରୀ ଜ୍ୟୋତିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧର ବିପଦ ସମ୍ପର୍କରେ ସଚେତନ କରିବା ସହ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବହାର ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ।

ସାଇବର ଥାନା ଏସ୍‌ଆଇ ଅଗଷ୍ଟି ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ସମ୍ପର୍କରେ ବୁଝାଇଥିଲେ। ମୋବାଇଲରେ ଅଜଣା ବ୍ୟକ୍ତିଙ୍କ ଫୋନ୍, ମେସେଜ୍ କିମ୍ବା ଲିଙ୍କ୍ ଆସିଲେ କ'ଣ କରିବା ଓ କ'ଣ ନକରିବା, ନିଜର ଓଟିପି, ପାସୱାର୍ଡ ଓ ବ୍ୟକ୍ତିଗତ ତଥ୍ୟ ଅନ୍ୟମାନଙ୍କୁ ନଦେବା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସେହିପରି ସୋସିଆଲ ମିଡିଆ ଓ ଅନଲାଇନ୍ ଗେମ୍ ବ୍ୟବହାର ସମୟରେ ଅଜଣା ଲୋକଙ୍କ ସହ ବ୍ୟକ୍ତିଗତ କଥାବାର୍ତ୍ତା ନକରିବାକୁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଥିଲା। କୌଣସି ଅଜଣା ଲିଙ୍କ ଖୋଲିବା ପୂର୍ବରୁ ଅଭିଭାବକ କିମ୍ବା ଶିକ୍ଷକଙ୍କୁ ପଚାରିବା ସହ ସନ୍ଦେହଜନକ ଫୋନ୍ କିମ୍ବା ମେସେଜ୍ ଆସିଲେ ତାହାର ଉତ୍ତର ନଦେଇ ତୁରନ୍ତ ବଡ଼ମାନଙ୍କୁ ଜଣାଇବାକୁ କୁହାଯାଇଥିଲା।

### ବିଶ୍ରାମାଗାରରେ ଝୁଲୁଛି ତାଲା

## ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି



କନ୍ଧମାଳ, ୬।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସୀମାନ୍ତରେ ଗଞ୍ଜାମ ଓ ଗଜପତି ଜିଲ୍ଲା ନିକଟବର୍ତ୍ତୀ କାଟିଙ୍ଗିଆ ଗ୍ରାମ ପଞ୍ଚାୟତରେ ଥିବା ଯାତ୍ରୀ ବିଶ୍ରାମଗାର ଦୀର୍ଘ ୫ ମାସ ଧରି ତାଲା ପଡ଼ି ରହିଛି। ଫଳରେ ଯାତ୍ରୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।କାଟିଙ୍ଗିଆ ଗ୍ରାମ ପଞ୍ଚାୟତରେ ୧୭ଟି ୱାର୍ଡ ରହିଥିବା ବେଳେ ପଞ୍ଚାୟତରେ ଥିବା ଏହି ଯାତ୍ରୀ ବିଶ୍ରାମଗାରରେ ଦୀର୍ଘଦିନ ଧରି ତାଲା ଝୁଲୁଛି। ଏହି ରାସ୍ତା ଦେଇ କନ୍ଧମାଳ ସମେତ ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ଲୋକ ନିୟମିତ ଯାତାୟାତ କରିଥାନ୍ତି। ଏଭଳି ସ୍ଥିତିରେ ଯାତ୍ରୀଙ୍କ ବିଶ୍ରାମ ପାଇଁ ନିର୍ମିତ ଏହି ଗୃହ ସର୍ବସାଧାରଣଙ୍କ ବ୍ୟବହାରରେ ନ ଆସିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।ଅଭିଯୋଗ ଅନୁସାରେ, କାଟିଙ୍ଗିଆ ଗ୍ରାମର କିଛି ଲୋକ ଯାତ୍ରୀ ବିଶ୍ରାମଗାରରେ ତାଲା ପକାଇ ଏହାକୁ ନିଜ ଘର ଭାବେ ବ୍ୟବହାର କରିବା ପାଇଁ କବଜାରେ ରଖିଛନ୍ତି। ବସ୍ତୁ ଅପେକ୍ଷା କରିବା ସମୟରେ ଆବଶ୍ୟକତା ଅନୁଯାୟୀ ଯାତ୍ରୀମାନେ ଏଠାରେ ବିଶ୍ରାମ ନେଇପାରୁନାହାନ୍ତି। ଯାହା ଫଳରେ କାଟିଙ୍ଗିଆଠାରୁ ବ୍ରାହ୍ମଣୀଗାଁ, ବ୍ରହ୍ମପୁର ଏବଂ ଦାରିଙ୍ଗବାଡ଼ି ଯିବା ଆସିବା କରୁଥିବା ଦୂରଦୂରାନ୍ତର ଯାତ୍ରୀ, ବିଶେଷ କରି ବୃଦ୍ଧ ଓ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ତେଣୁ କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିଶ୍ରାମଗାରରେ ପଡ଼ିଥିବା ତାଲା ହଟାଇ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲିବା ସହ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ କାଟିଙ୍ଗିଆ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗୋଛାପଡ଼ାରେ ନନ୍ଦ ଉତ୍ସବ ପାଳିତ



ଫୁଲବାଣୀ, ୬।୯ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ଗୋଛା ପଡା ଜଗନ୍ନାଥ ମନ୍ଦିର ରେ ଗୋପାଳ ଯାଦବ ସମାଜ ଗୋଛା ପଡା ଗଡ଼ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ନନ୍ଦ ଉତ୍ସବ ପାଳିତ ହୋଇଛି। ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପରେ ନଗର ପରିକ୍ରମା ନନ୍ଦ ଉତ୍ସବ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଅତିଥି ଭାବରେ ଫୁଲବାଣୀ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ବିଜେପି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁର, ବିଷ୍ଣୁ ଚରଣ ମଲିକ, ଅମର କହଁର,ପକାରୀ ବଣ୍ଡ ବୀଣାକାର ଅନନ୍ତ ସାହୁ, ଜିଲ୍ଲା ଗୋପାଳ ସମାଜ ଉପ ସଭାପତି କମ୍ଳ ପାଣି ନାଗ, ଜିଲ୍ଲା ଯୁବ ସଭାପତି ବିଚିତ୍ର ବର୍ଗାର୍ତ୍ତା, ଯୋଗ ଦେଇଥିଲେ। ପରେ ଦ୍ୱିତୀୟ ଦିନରେ ନଗର ପରିକ୍ରମା ହୋରି ଖେଳ ସରିବା ପରେ ଆୟୋଜକ କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବରେ ସୁଦୂର ଗଞ୍ଜାମ ଜିଲ୍ଲା ରୁ ଆସିଥିବା ଭାରତ ଲୀଳାର କୃଷ୍ଣ ଜନ୍ମ ପୁରାଣ ଦର୍ଶକ ମାନଙ୍କୁ ବେଶ ଆକର୍ଷିତ କରିଥିଲା। ଉପସଭାପତି ବିଘ୍ନେଶ୍ୱର ବଗାର, ସମ୍ପାଦକ ସଭୋଷ ଜାଲ, ସମୀକ୍ଷକ ଗଣେଶ ବାଘ, ଯୁବ ଉପ ସଭାପତି ସନକ କୁଡେଇ, ଯୁବ ଯୁଗ୍ମ ସମ୍ପାଦକ ଲବ ବାଘ, ଯୁଗ୍ମ ସମ୍ପାଦକ ଅନିଲ ପ୍ରଧାନଙ୍କ ସହ ଗୋଛାପଡା ଗଡ଼ ଗୋପାଳ ଜାଦବ ସମାଜର ସମସ୍ତ ସ୍ୱାଜାତି ବନ୍ଧୁ ସହଯୋଗ କରିଥିଲେ।

ଗୋପାଳ ଯାଦବ ସମାଜ ଗୋଛାପଡା ଗଡ଼ର ସଭାପତି ପଦ୍ମ ଚରଣ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବ ଯଥାବିଧି ଶ୍ରୀକୃଷ୍ଣ ଜନ୍ମ ଉତ୍ସବ

## ଉଦେଷ୍ଟାଙ୍କ ପ୍ରତିଭାରେ ଗରଦପୁର ଗର୍ବିତ





ଗରଦପୁର,୬।୯ (ସଂଚାର ବ୍ୟୁରୋ): ପାଠପଢ଼ା ସହ ପ୍ରତିଭାର ଚମକ । ଗୋଟିଏ ପରେ ଗୋଟିଏ ପ୍ରତିଯୋଗିତାରେ ସଫଳତା ହାସଲ କରି ନିଜ ବିଦ୍ୟାଳୟ ସହ ଗରଦପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି କୁନି ପ୍ରତିଭା ଉଦେଷ୍ଟା ପ୍ରିୟଦର୍ଶିନୀ ଦାଶ ।

ଗରଦପୁର ବ୍ଲକସ୍ତରରେ ପ୍ରତିଷ୍ଠିତ ଖବରକାଗଜ 'ସମ୍ବାଦ' ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଗରଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ଶ୍ରେଣୀର ଛାତ୍ରୀ ଉଦେଷ୍ଟା ପ୍ରିୟଦର୍ଶିନୀ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ଉଦେଷ୍ଟାଙ୍କ ସଫଳତାର ଏହି ଧାରା ଏଠାରେ ଅଟକି ନାହିଁ । କିଛିଦିନ ପୂର୍ବରୁ ପ୍ରତିଷ୍ଠିତ ଖବରକାଗଜ 'ସମାଜ' ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ । ଦୁଇଟି ପ୍ରତିଷ୍ଠିତ ଖବରକାଗଜ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ କ୍ରମାଗତ ଭାବେ ପ୍ରଥମ ସ୍ଥାନ ହାସଲ କରିବା ଉଦେଷ୍ଟାଙ୍କ ଅଧ୍ୟବସାୟ, ପ୍ରତିଭା ଓ ଆତ୍ମବିଶ୍ୱାସର ପରିଚୟ ଦେଉଛି ।

ଉଦେଷ୍ଟାଙ୍କ ଏହି ସଫଳତା ପରେ ଗରଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ବେହେରା ହୋତା, ସହପ୍ରଧାନ ଆଚାର୍ଯ୍ୟା ସୁଚିତ୍ରା ମିଶ୍ର, ପର୍ଯ୍ୟାୟ ପ୍ରମୁଖ ଗୌତମ ସାହୁ, କରୁଣାକର ପଣ୍ଡା, ଦେବେନ୍ଦ୍ର ଶତପଥୀ ଓ ପ୍ରଭାତ ସାମନ୍ତରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଉଦେଷ୍ଟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଜାହାଜ ତିଆରି କାରଖାନାକୁ ନେଇ ସୌଭାଗ୍ୟଙ୍କ ସାମ୍ବାଦିକ ସମ୍ମିଳନୀ

## ବାସ୍ତବବାଦୀ ନହେଲେ ପ୍ରକଳ୍ପ ଫେରିଯିବ




ମହାକାଳପଡ଼ା,୬।୯ (ସଂଚାର ବ୍ୟୁରୋ): ମହାକାଳପଡ଼ାରେ ବୃହତ୍ତ ଜାହାଜ ତିଆରି କାରଖାନାକୁ ମଞ୍ଜୁରୀ ମିଳିବା ପରେ ରାଜନୀତି ଏବେ ସରଗରମ ହୋଇଛି। ଶାସକ ଦଳ ପକ୍ଷରୁ ଏହାକୁ ନେଇ ସ୍ଥାନୀୟ ବିଧାୟକ, ସାଂସଦଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇ ପାରିଛି ବୋଲି ପ୍ରଚାର ପ୍ରସାର ଜୋର୍ ଧରିଥିବା ବେଳେ ଆଜି ବିଜେପି ନେତା ଡ଼ ସୌଭାଗ୍ୟ ପରିଡା ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକଙ୍କୁ ପ୍ରକଳ୍ପ ବାସ୍ତବତା ଦିଗରେ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ସେ ଗଣମାଧ୍ୟମକୁ ଦେଇଥିବା ତଥ୍ୟ ଅନୁଯାୟୀ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ବଟୀପଙ୍ଗ ପଞ୍ଚାୟତରେ ନିପାଣିଆ, ବଡଗୁଡି ଓ ସାନଗୁଡି ଅଞ୍ଚଳକୁ ନେଇ ଏକ ବୃହତ ଜାହାଜ ତିଆରି କାରଖାନା ନିର୍ମାଣ କରାଯିବା ଯାହା ୧୯ ସେପ୍ଟେମ୍ବର ୨୦୨୫ରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ଅଥରିଟି ଓ ଓଡିଶା ମାରିଟାଇମ ବୋର୍ଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଯାହାକୁ କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରାଳୟ ତରଫରୁ ମଞ୍ଜୁରୀ ମିଳି ସାରିଛି। ଏହି ଜାହାଜ ତିଆରି କାରଖାନା ନିର୍ମାଣ ପାଇଁ ୨୪୦୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି ଓ ଏଥିପାଇଁ ପାଖାପାଖି ୨୦୦୦ ଏକର ଜମି ଆବଶ୍ୟକ। ଏହା କାର୍ଯ୍ୟକାରୀ ହେଲେ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ଓ ମହାକାଳପଡା ଅର୍ଥନୀତି ପାଇଁ ଏହା ଏକ ସଞ୍ଜୀବନୀ ରୂପେ କାମ କରିବ ବୋଲି କହିଛନ୍ତି।

ହେଲେ ଏଥିପାଇଁ ଜମି ଅଧିଗ୍ରହଣ ହୋଇନଥିବା ବେଳେ ଉକ୍ତ ପଞ୍ଚାୟତରେ ଜଙ୍ଗଲ ଜମି ସମସ୍ୟା ରହିଛି, କେଉଁ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟ କରାଯିବ ତାହା ମଧ୍ୟ ନିରୂପଣ ହୋଇନାହିଁ। ଯେଉଁ ମାନଙ୍କର ଜମି ଯିବ ସେହିପାଇଁ କ୍ଷତିପୂରଣ ଓ ସବୁଠାରୁ ବଡ଼ କଥା ହେଲା ଦୀର୍ଘ ୬୯ ବର୍ଷ ପରେ ମଧ୍ୟ ଏହି ପଞ୍ଚାୟତ ଏକ ଦୁର୍ଗମ ବିଚ୍ଛିନ୍ନାଞ୍ଚଳ ଭାବେ ରହିଛି। ତେଣୁ କେବଳ ବାହାବା ପ୍ରଚାର ନକରି ଉକ୍ତ ପ୍ରକଳ୍ପ ପାଇଁ କୋଚାଳ ଅଫିସର ନିଯୁକ୍ତି, ବ୍ୟାପକ ଜନସଚେତନତା, ପ୍ରକଳ୍ପକୁ କିପରି ତ୍ୱରିତ କାର୍ଯ୍ୟକାରୀ ହେବ ତାହା ଉପରେ ବାସ୍ତବବାଦୀ ପଦକ୍ଷେପ ନେବାକୁ ସେ ବିଧାୟକ ଓ ସାଂସଦଙ୍କୁ ପରାମର୍ଶ ଦେଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୬।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗୁରୁଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପ୍ରିୟମ୍ବଦା ନାୟକଙ୍କ ପୌରହିତରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ବାଣିଜ୍ୟ ଶିକ୍ଷକ ସେନାପତି, ବିପିନ ବିହାରୀ ଖୁଣ୍ଟିଆ,ସିଆରସିସି ସଦାଶିବ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାରମ୍ଭରେ ଗୁରୁପୂଜନ କାର୍ଯ୍ୟକ୍ରମ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକମାନେ ଉପସ୍ଥିତ ଅଭିଭାଷଣ ପ୍ରଦାନ କରିଥିଲେ । ତତ୍ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ଗୁରୁ ଶିଷ୍ୟ ପରମ୍ପରା "ପ୍ରସଙ୍ଗରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।